
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-354 ◆MONDAY ◆22 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୫୪ ◆ସୋମବାର ◆୨୨ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ଦୀପିକାଙ୍କ ସ୍ଥାନ ନେବେ ଆଲିଆ

▶ପୃଷ୍ଠା ୧୧ ଦେଖନ୍ତୁ...

## ୨ ମହିଳା କଳାକାରଙ୍କୁ ଅପହରଣ କରି ଗଣଦୁଷ୍କର୍ମ



■ ପାଟନା, ୨୧।୬ (ଏଜେନ୍ସି): ବିହାରର ପାଟନା ଅନ୍ତର୍ଗତ ନୌବତପୁର ଅଞ୍ଚଳରେ ଏକ ଅତି ଅମାନବୀୟ ଘଟଣା ଘଟିଛି । ଏକ ସଙ୍ଗୀତ ଓ ନୃତ୍ୟ ଦଳର ଦୁଇ ଜଣ ମହିଳା କଳାକାରଙ୍କୁ ଅପହରଣ କରି ପ୍ରାୟ ୧୩ ଜଣ ବ୍ୟକ୍ତି ବନ୍ଧୁକ ମୁନରେ ସାରା ରାତି ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ପୋଲିସ ସୂଚନା ଅନୁଯାୟୀ, ଜୁନ୍ ୧୮ ତାରିଖରେ ଏହି ନିନ୍ଦନୀୟ ଘଟଣା ଘଟିଥିଲା । ପୀଡ଼ିତା ଦୁଇ ମହିଳା ସମ୍ପର୍କୀୟ ଭଉଣୀ ଏବଂ ସେମାନେ ମୂଳତଃ ଝାଡ଼ଖଣ୍ଡର ଲାତେହାର ଜିଲ୍ଲାର ବାସିନ୍ଦା । ସେମାନଙ୍କୁ ଏକ ଶୁଭ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ ପାଇଁ ମୁନ୍ନା କୁମାର ନାମକ ଜଣେ ବ୍ୟକ୍ତି ବୁକ୍ କରିଥିଲେ । ମାତ୍ର କାର୍ଯ୍ୟକ୍ରମ ସ୍ଥଳକୁ ନନେଇ ଅଭିଯୁକ୍ତମାନେ ସେମାନଙ୍କୁ ଏକ ନିଛାଟିଆ ସ୍ଥାନକୁ ଅପହରଣ କରି ନେଇଥିଲେ । ସେଠାରେ ଉଭୟଙ୍କୁ ଅଲଗା କରି ବନ୍ଧୁକ ଦେଖାଇ ମାଡ଼ ମରାଯିବା ସହ ରାତିସାରା ନିର୍ଯାତନା ଦିଆଯାଇଥିଲା । ପରଦିନ ସକାଳେ ଗାଡ଼ିରେ ନିଆଯାଉଥିବା ବେଳେ ମହିଳାମାନେ ଚିତ୍କାର କରିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା । ପୁଲିସ ୧୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିବା ସହିତ ଧରିବା ଲାଗି ଉଦ୍ୟମ ଚାଇଛି ।

## ମାଛ ରପ୍ତାନୀ କାରଖାନାରେ ଗ୍ୟାସ୍ ଲିକ୍; ୭ ମହିଳା ମୃତ

■ ଚେନ୍ନାଇ, ୨୧।୬ (ଏଜେନ୍ସି): ତାମିଲନାଡୁର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ପଲ୍ ସାମୁଦ୍ରିକ ଖାଦ୍ୟ (ମାଛ) ରପ୍ତାନି କାରଖାନାରେ ହଠାତ୍ ଆମୋନିଆ ଗ୍ୟାସ୍ ଲିକ୍ ହେବା ଯୋଗୁଁ ୭ ଜଣ ମହିଳା ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୬୭ ଜଣ ଶ୍ରମିକ ଅସୁସ୍ଥ ହୋଇଛନ୍ତି । ଆହତମାନଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି । ମୃତାହତଙ୍କ ମଧ୍ୟରେ କିଛି ଓଡ଼ିଆ ଶ୍ରମିକ ରହିଥିବା ଜଣାପଡ଼ିଛି । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆତଙ୍କ ଖେଳିଯାଇଛି ।

କାରଖାନାର ମାଛ ପ୍ରକ୍ରିୟାକରଣ ୟୁନିଟ୍‌ରୁ ଏହି ଆମୋନିଆ ଗ୍ୟାସ୍ ଲିକ୍ ହୋଇ ସମ୍ପୂର୍ଣ୍ଣ ପରିସରକୁ ବ୍ୟାପି ଯାଇଥିଲା । ସେଠାରେ କାମ କରୁଥିବା ଶ୍ରମିକମାନେ ହଠାତ୍ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ ଏବଂ କେତେକ ଶ୍ରମିକଙ୍କ ପାଟି ଓ ନାକରୁ ରକ୍ତସ୍ରାବ ମଧ୍ୟ ହୋଇଥିଲା । ଅସୁସ୍ଥ ଶ୍ରମିକମାନଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ବେସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ୯ ଜଣ ଗୁରୁତର ▶ପୃଷ୍ଠା-୭



୬୭ ଅସୁସ୍ଥ, ମୃତକଙ୍କ ମଧ୍ୟରେ ୨ ଓଡ଼ିଆ ଶ୍ରମିକ



## ଶ୍ରୀଲଙ୍କାରେ ବୈଭବ ଝଡ଼

### ୧୧ ବଲ୍‌ରେ ୫୦

■ ଡାମ୍ବୁଲା, ୨୧।୬ (ଏଜେନ୍ସି): ନିଜର ବିଧ୍ୱଂସୀ ବ୍ୟାଟିଂ ପାଇଁ ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିବା ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ପୁଣିଥରେ ଖବରର ଶିରୋନାମା ପାଲଟିଛନ୍ତି । ରବିବାର ଡାମ୍ବୁଲାରେ ଘରୋଇ ଶ୍ରୀଲଙ୍କା-ଏ ବିପକ୍ଷରେ ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ବୈଭବ ମାତ୍ର ୨୯ ବଲରେ ୯୪ ରନର ବିସ୍ଫୋରକ ଇନିଂସ ଖେଳି ଭାରତ-ଏ'କୁ ଚାମ୍ପିଅନ କରାଇଛନ୍ତି । ସିଂହଳୀ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିବା ସୂର୍ଯ୍ୟବଂଶୀ ମାତ୍ର ୧୧ଟି ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ଏହି ୧୧ଟି ବଲରୁ ସେ ଯଥାକ୍ରମେ ୪, ୪, ୪, ୬, ୬, ୦, ୪, ୪, ୬, ୬ ରନ ସଂଗ୍ରହ କରିଥିଲେ । ଏହିକ୍ରମରେ ସେ ଲିଷ୍ଟ-ଏ କ୍ରିକେଟ୍‌ରେ ବିଶ୍ୱର ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି । ୨୦୦୫ରେ ଶ୍ରୀଲଙ୍କାର କୌଶଲ୍ୟ ବୀରରତ୍ନେ ୧୨ଟି ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ୨୧ ବର୍ଷ ଧରି ଏହି ରେକର୍ଡର ଅଧିକାରୀ ରହିଥିଲେ । ବୈଭବ ୧୦ ଚୌକା ଓ ୮ ଛକା ବଳରେ ୨୯ ବଲରେ ୯୪ ରନ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ । ଲିଷ୍ଟ-ଏ'ରେ ଅଷ୍ଟ୍ରେଲିଆର ଜ୍ୟାକ ଫ୍ରେଜର ମ୍ୟାକଗର୍କ (୨୯ ବଲ)ଙ୍କ ନାମରେ ରହିଥିବା ଦ୍ରୁତତମ ଶତକ ରେକର୍ଡରୁ ମଧ୍ୟ ସେ ଅଳ୍ପକେ ପଛରେ ରହିଯାଇଥିଲେ ।

# ଅଟକିଲା ଶାନ୍ତି ଆଲୋଚନା

## ଟ୍ରମ୍ପଙ୍କ ଧମକ; ସ୍ୱିଜରଲାଣ୍ଡ ବୈଠକରୁ ଉଠି ପଳାଇଲେ ଇରାନ ପ୍ରତିନିଧି



■ ବର୍ନ, ୨୧।୬ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଶାନ୍ତି ପାଇଁ ଚୁକ୍ତି ପରେ ଏହାକୁ କାର୍ଯ୍ୟକାରୀ କରିବା ନେଇ ଆଜି ଇରାନ ଓ ଆମେରିକା ମଧ୍ୟରେ ସ୍ୱିଜରଲାଣ୍ଡରେ ଆଲୋଚନା ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ଆଲୋଚନା ସଫଳ ହୋଇଛି ବୋଲି ଆମେରିକା ପ୍ରତିନିଧି ଦଳର ନେତା ତଥା ଉପରାଷ୍ଟ୍ରପତି ଭାନ୍ସ ଦାବି କରିଥିଲେ । ସେ କହିଲେ ଯେ ଉଭୟ ଆମେରିକା ଏବଂ ଇରାନ ଏକାଠି ହୋଇ ଆଗକୁ ବଢ଼ିବା ଲାଗି ସୁଯୋଗ ସୃଷ୍ଟି ହୋଇଛି । ଏହାକୁ ନେଇ ବାତାବରଣରେ ଉତ୍ସାହ ଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକ ପରିବେଶକୁ ପୁଣି ଅଶାନ୍ତ କରିଦେଇଛି । ଲେବାନନ ଏବଂ ହର୍ମୁଜକୁ ନେଇ ଇରାନ ଉପରେ ଆକ୍ରମଣ କରିବା ଲାଗି ଟ୍ରମ୍ପଙ୍କ ଧମକର ପ୍ରତିବାଦ ଜଣାଇ ବୈଠକ ଅଧାରୁ ଉଠି ପଳାଇଛନ୍ତି ଇରାନ ପ୍ରତିନିଧି ଦଳ । ଇରାନ ପ୍ରତିନିଧି ଦଳର ନେତା ତଥା ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଘଚି କହିଛନ୍ତି ଯେ ଟ୍ରମ୍ପଙ୍କ ଧମକରେ ଇରାନ ଡରିଯିବ ନାହିଁ । ଇରାନ ଉପରେ ଆକ୍ରମଣ ହେଲେ ଏହାର କଡ଼ା ଜବାବ ଦେବାକୁ ସେନା ପ୍ରସ୍ତୁତ ଅଛନ୍ତି । ଶାନ୍ତି ବୁଝାମଣାକୁ ବିଫଳ କରିବା ଲାଗି ଇସ୍ରାଏଲ ଉଦ୍ୟମ ଚଳାଇଛି ଏବଂ ଏହାକୁ ରୋକିବା ପରିବର୍ତ୍ତେ ଇରାନ ଉପରେ ଆକ୍ରମଣ ପାଇଁ ଧମକ ଦେଇ ରାଷ୍ଟ୍ରପତି ଟ୍ରମ୍ପ ଭୁଲ କରୁଛନ୍ତି । ଏହାକୁ ଇରାନ ଗ୍ରହଣ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି । ଏହାସହିତ ଇରାନ ସଂସଦର ବାଚସ୍ପତି କହିଛନ୍ତି ଯେ ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ ନହେବା ପର୍ଯ୍ୟନ୍ତ ଇରାନ ଆଲୋଚନାକୁ ଫେରିବ ନାହିଁ ।

ସ୍ୱିଜରଲାଣ୍ଡରେ ଆଲୋଚନା ଚାଲିଥିବା ବେଳେ ଟ୍ରମ୍ପ ଧମକ ଦେଇଥିଲେ ଯେ ଲେବାନନରେ ହେଜବୁଲ୍ଲା ସଂଗଠନକୁ ଆୟତ୍ତ ନକଲେ ଏବଂ ହର୍ମୁଜରେ ଅବରୋଧ ଜାରି ରଖିଲେ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବ । ଏହି ଖବର ମିଳିବା ମାତ୍ରେ ଇରାନୀ ପ୍ରତିନିଧି ଦଳ ବିରକ୍ତି ପ୍ରକାଶ କରିବା ସହିତ ବୈଠକ ଛାଡ଼ି ପଳାଇଛନ୍ତି ।

ସୂଚନାଯୋଗ୍ୟ ଶାନ୍ତି ବୁଝମଣା ପରେ ଲେବାନନ୍ ଉପରେ ଇସ୍ରାଏଲର କ୍ରମାଗତ ଆକ୍ରମଣକୁ ବିରୋଧ କରି ଇରାନ 'ହର୍ମୁଜ ପ୍ରଣାଳୀ'କୁ ପୁଣି ଥରେ ବନ୍ଦ କରିଦେଇଛି । ଏହାକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବା ବେଳେ ଏହାର ସମାଧାନ ପାଇଁ ସ୍ୱିଜରଲ୍ୟାଣ୍ଡରେ ଆମେରିକା ଏବଂ ଇରାନ ମଧ୍ୟରେ ସିଧାସଳଖ ଆଲୋଚନା ଆରମ୍ଭ ହୋଇଥିଲା । ବୈଠକରେ ଇସ୍ରାଏଲ ଆକ୍ରମଣ ନେଇ ଇରାନ ଚିନ୍ତା ପ୍ରକଟ କରିଥିଲେ ମଧ୍ୟ କଥାବାର୍ତ୍ତାରେ ଅଗ୍ରଗତି ଘଟିଥିବା ଆମେରିକାର ଉପରାଷ୍ଟ୍ରପତି ଭାନ୍ସ କହିଥିଲେ । ଆଲୋଚନା ବେଳେ ଇରାନ ଅଭିଯୋଗ କରିଥିଲା ଯେ ଚୁକ୍ତିର ପ୍ରଥମ ସର୍ତ୍ତର ଉଲ୍ଲଂଘନ ହୋଇଛି । ସର୍ତ୍ତ ଅନୁସାରେ ଲେବାନନ୍ ସହିତ ସମସ୍ତ ସମ୍ମୁଖ ଭାଗରେ ସାମରିକ ▶ପୃଷ୍ଠା-୭



ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ କଳିଙ୍ଗ ଷ୍ଟାଡିୟମଠାରେ ଯୋଗମୁଦ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ମାନବ ଚେତନାର ବିକାଶ ପାଇଁ ଯୋଗ ଅମୂଲ୍ୟ ଉପହାର: ମୋହନ

■ ଭୁବନେଶ୍ୱର, ୨୧।୬ (ସମିସ): ଯୋଗ କୌଣସି ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ସୀମିତ ନୁହେଁ, ବରଂ ମାନବ ଚେତନାର ବିକାଶ ପାଇଁ ଏକ ବିଶ୍ୱବ୍ୟାପୀ ଅମୂଲ୍ୟ ଉପହାର । ଯୋଗ ହେଉଛି ଶାରୀରିକ, ବୌଦ୍ଧିକ ଓ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରବିବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଯୋଗ ବିଶ୍ୱ ସ୍ତରରେ ସ୍ୱୀକୃତି ଲାଭ କରି ଭାରତର ସାଂସ୍କୃତିକ ଗୌରବକୁ ପ୍ରତିଷ୍ଠିତ କରିଛି । ଚଳିତ ବର୍ଷ ଯୋଗ ଦିବସର ବିଷୟବସ୍ତୁ "ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ' । ଏହା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବୟସ ବଢ଼ିବା ସହିତ ଶରୀରରେ ଦେଖାଦେଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ଆହ୍ୱାନ, ଯେପରିକି ଉଚ୍ଚ ରକ୍ତଚାପ, ମଧୁମେହ, ଚିନ୍ତା ଓ ଏକାକୀପଣର ସହଜ ▶ପୃଷ୍ଠା-୭

**ପ୍ରଧାନମନ୍ତ୍ରୀଙ୍କ ଲାଇଭ୍ କାର୍ଯ୍ୟକ୍ରମରେ ଯୋଡ଼ିହେଲେ ମୁଖ୍ୟମନ୍ତ୍ରୀ**



## କଲେଜ ଛାତ୍ରୀ ଆତ୍ମହତ୍ୟା
## ଖଣିମନ୍ତ୍ରୀଙ୍କ ପୁତୁରା ଗିରଫ

### ପ୍ରେମ ଆଳରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ

ବ୍ରହ୍ମପୁର,୨୧।୬(ସମିସ): ଗୋଳନ୍ଥରା ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ଜନୈକ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରା ବିଶ୍ୱଜିତ୍ ଜେନାଙ୍କୁ ଗିରଫ କରିଛି ପୁଲିସ । ସମ୍ପୃକ୍ତ ଛାତ୍ରୀଙ୍କୁ ବିଶ୍ୱଜିତ୍ ପ୍ରେମ କରୁଥିଲେ ଓ ଶାରୀରିକ ସମ୍ପର୍କ ରଖିବାକୁ ବିଶ୍ୱଜିତ୍ ସମ୍ପୃକ୍ତ ଛାତ୍ରୀଙ୍କୁ ବାରମ୍ବାର ବାଧ୍ୟ କରୁଥିଲେ । ବିଶ୍ୱଜିତ୍‌ଙ୍କ ଚାପ ଓ ମାନସିକ ନିର୍ଯାତନାରେ ଅତିଷ୍ଠ ହୋଇ ଛାତ୍ରୀଜଣକ ଆତ୍ମହତ୍ୟା କରିଥିଲେ । ମୃତ ଛାତ୍ରୀଙ୍କ ମାମୁ ମଙ୍ଗୁଲୁ ପ୍ରଧାନଙ୍କ ଅଭିଯୋଗ ପରେ ପୁଲିସ ବିଶ୍ୱଜିତ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଜୁନ୍ ୨୦ ତାରିଖରେ ଗାନ୍ଧୀ ଇଞ୍ଜିନିୟରିଂ କଲେଜର ଜନୈକା ବିସିଏ ଛାତ୍ରୀଙ୍କୁ ହଷ୍ଟେଲ କୋଠରୀରେ ଝୁଲନ୍ତା ଅବସ୍ଥାରେ ତାଙ୍କ ଭଉଣୀ ଓ ସହପାଠୀ ମାନେ ଦେଖିଥିଲେ । ତୁରନ୍ତ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା । ମାତ୍ର ସେଠାରେ ଡ଼ାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଛାତ୍ରୀଙ୍କ ମାମୁଙ୍କ ଏତଲା ଆଧାରରେ ଗୋଳନ୍ଥରା ଥାନାରେ କେସ ନମ୍ବର ୨୨୬/୨୦୨୬ ରୁଜୁ କରାଯାଇଛି । ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୮ ଅନୁଯାୟୀ ଆତ୍ମହତ୍ୟା ପାଇଁ ପ୍ରରୋଚିତ କରିବା ଅଭିଯୋଗରେ ମୃତ ଛାତ୍ରୀଙ୍କ ପ୍ରେମିକ ବିଶ୍ୱଜିତ୍ ଜେନାଙ୍କୁ ଗିରଫ କରାଯାଇଛି । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତ ଛାତ୍ରୀଙ୍କ ବ୍ୟବଚ୍ଛେଦ କରାଯାଇଛି । ବିଶ୍ୱଜିତ୍ ବ୍ୟବହାର କରୁଥିବା ମୋବାଇଲ ଫୋନ ଓ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ ଉପକରଣ ମଧ୍ୟ ଜବତ କରାଯାଇଛି ।

ଛାତ୍ରୀଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗ ଅନୁସାରେ ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରା ବିଶ୍ୱଜିତ୍ ଜେନା ହିଁ ମୁଖ୍ୟ ଅଭିଯୁକ୍ତ । ପ୍ରେମ ଓ ପ୍ରତାରଣା ପାଇଁ ହିଁ ଛାତ୍ରୀଜଣକ ▶ପୃଷ୍ଠା-୭

## ପ୍ରଥମରୁ ଅଷ୍ଟମ ପଢ଼ାବହି ଛପା
## ମାଳମାଳ ପଣ୍ଡିତ; ପଣପଣ ତ୍ରୁଟି

■ ଭୁବନେଶ୍ୱର, ୨୧।୬ (ସମିସ): ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତ ପୁସ୍ତକରେ ତ୍ରୁଟି ଓ ଏ ସଂକ୍ରାନ୍ତ ବିବାଦ ରାଜ୍ୟମଧ୍ୟରେ ସୀମିତ ନାହିଁ । ଏହା ଏକ ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଛି । ପ୍ରସିଦ୍ଧ ବୈଜ୍ଞାନିକ ସାର୍ ଆଇଜାକ୍ ନିୟୁଟନ୍ ଜଣେ ପ୍ରସିଦ୍ଧ ପାଇଲଟ୍ ଥିଲେ ବୋଲି ଓଡ଼ିଆ ସ୍କୁଲ ବହିରେ ଲିଖିତ ପ୍ରସଙ୍ଗକୁ ନେଇ ଜାତୀୟ ଗଣମାଧ୍ୟମରେ ଓଡ଼ିଶା ଲଜ୍ଜିତ ଓ ନିନ୍ଦିତ ହୋଇଛି । ଏହାବ୍ୟତୀତ ଅନ୍ୟାନ୍ୟ ତ୍ରୁଟିବିଚ୍ୟୁତିକୁ ନେଇ ମଧ୍ୟ ସାମାଜିକ ଗଣମାଧ୍ୟମରେ ସମାଲୋଚନା ଲହରି ଭାଙ୍ଗୁଛି । ମୁଖ୍ୟମନ୍ତ୍ରୀ ଏହାକୁ ନେଇ ବିଚଳିତ ଥିବା କୁହାଯାଉଛି ଏବଂ ୭ ଦିନରେ ରିପୋର୍ଟ ଦେବାକୁ ଗଠିତ ଉଚ୍ଚସ୍ତରୀୟ ତଦନ୍ତ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ବିଡ଼ମ୍ବନାର ବିଷୟ ହେଉଛି ପୁସ୍ତକଗୁଡ଼ିକର ସମୀକ୍ଷା ପାଇଁ ଯେଉଁ ଦୁଇଡ଼ଜନ ଶିକ୍ଷାବିତ୍ ଓ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା; ସେମାନେ କ'ଣ କରୁଥିଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି । ବିଭିନ୍ନ ଉଚ୍ଚ ପଦରେ ଥିବା ଏହି ବିଜ୍ଞ (!) ଶିକ୍ଷାବିତ୍‌ମାନଙ୍କ ତଥାକଥିତ ଜ୍ଞାନ ଓ ପାଣ୍ଡିତ୍ୟ ପାଇଁ ଓଡ଼ିଶା ଯେପରି ଜାତୀୟସ୍ତରରେ ନିନ୍ଦିତ ହେଲା, ସେଥିପାଇଁ କିଏ ଦାୟୀ ରହିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି ।

**ପୁସ୍ତକ ସମୀକ୍ଷା ଦାୟିତ୍ୱରେ ଥିଲେ ୨୪ ଶିକ୍ଷାବିତ୍ ଓ ଅଧିକାରୀ**

**କମିଟିର ଅଧ୍ୟକ୍ଷ ଥିଲେ ଗଣଶିକ୍ଷା ସଚିବ ଏନ୍.ଥିରୁମାଲା ନାଏକ**

ସୂଚନା ଅନୁସାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକର ସିଲାବସ୍ ଓ ସମୀକ୍ଷା ପାଇଁ ରାଜ୍ୟ ସରକାର ଏକ କୋର କମିଟି ଗଠନ କରିଥିଲେ । ଦେଶ ଓ ରାଜ୍ୟର ୧୦ ଶିକ୍ଷାବିତ୍‌ଙ୍କ ସମେତ ୧୪ ଜଣ ପ୍ରଶାସନିକ ଅଧିକାରୀ କୋର କମିଟିର ସଦସ୍ୟ ହୋଇଥିଲେ । ମାତ୍ର ବହୁ ଆଡମ୍ବରରେ ଲଘୁକ୍ରିୟା ପରି ଏତେ ଅଭିଜ୍ଞ ବ୍ୟକ୍ତିଙ୍କୁ ନିଯୁକ୍ତି ସ।ତ୍ତ୍ୱେ ପ୍ରାୟ ୨ହଜାରରୁ ଅଧିକ ତ୍ରୁଟି ବାହାରିଛି । ଓଡ଼ିଆ ଓ ଇଂରାଜୀ ବନାନ୍ ସମେତ ବ୍ୟାକରଣ, ବାକ୍ୟ ଗଠନରେ ମାଳମାଳ ତ୍ରୁଟିକୁ ପାଇଁ ସାରା ଦେଶରେ ଓଡ଼ିଶା ବଦନାମ ମୁଣ୍ଡାଇଥିବାବେଳେ ଏହି କରିତକର୍ମା ଅଧିକାରୀ ଓ ଶିକ୍ଷାବିତଙ୍କ ଦକ୍ଷତା ଓ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗଣଶିକ୍ଷା ବିଭାଗର ସଚିବ ଏନ୍ ଥିରୁବାଲା ନାଏକ ଏହାର ଅଧ୍ୟକ୍ଷ ରହିଥିଲେ । ସେହିପରି ସଦସ୍ୟ ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ନର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ▶ପୃଷ୍ଠା-୭




# ଆଜି ଇସ୍ତଫା ଦେଇପାରନ୍ତି ବ୍ରିଟେନ ପ୍ରଧାନମନ୍ତ୍ରୀ ଷ୍ଟାର୍ମର



ଲଣ୍ଡନ,୨୧।୬(ଏଜେନ୍ସି): ବ୍ରିଟେନ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଆସନ୍ତା ସୋମବାର ଦିନ ନିଜ ପଦବୀରୁ ଇସ୍ତଫା ଦେବା ନେଇ ଘୋଷଣା କରିପାରନ୍ତି ବୋଲି ଗଣମାଧ୍ୟମ 'ଦି ଅବଜରଭର' ରିପୋର୍ଟରେ ଦାବି କରାଯାଇଛି। ଯଦି ସେ ପଦ ଛାଡ଼ନ୍ତି, ତେବେ ଗତ ୧୦ ବର୍ଷ ମଧ୍ୟରେ କାର୍ଯ୍ୟକାଳ ଶେଷ ପୂର୍ବରୁ ବିଦାୟ ନେବାରେ ସେ ଦେଶର ଷଷ୍ଠ ପ୍ରଧାନମନ୍ତ୍ରୀ ହେବେ। ୨୦୨୪ ନିର୍ବାଚନରେ ବିପୁଳ ବିଜୟ ସହ କ୍ଷମତାକୁ ଆସିଥିବା ଲେବର ପାର୍ଟି ନେତା ଷ୍ଟାର୍ମରଙ୍କ ଲୋକପ୍ରିୟତା କ୍ରମାଗତ ଭାବେ ହ୍ରାସ ପାଇଛି। ଦଳର ପ୍ରାୟ ୧୦୦ ରୁ ଅଧିକ ସାଂସଦ ବର୍ତ୍ତମାନ ତାଙ୍କ ନେତୃତ୍ୱକୁ ବିରୋଧ କରି ଇସ୍ତଫା ଦାବି କରିଛନ୍ତି। ଶୁକ୍ରବାର ଦିନ ଅନୁଷ୍ଠିତ ଏକ ଉପ-ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀ ଆଣ୍ଡି ବର୍ନହାମଙ୍କ ବିଜୟ ପରେ ଏହି ସଙ୍କଟ ଆହୁରି ଗମ୍ଭୀର ହୋଇଛି। ବ୍ରିଟେନର ସଂସଦୀୟ ବ୍ୟବସ୍ଥାରେ ସାଂସଦମାନଙ୍କ ସମର୍ଥନ ହରାଇଲେ ପ୍ରଧାନମନ୍ତ୍ରୀଙ୍କୁ ପଦ ଛାଡ଼ିବାକୁ ପଡ଼ିଥାଏ, ଯାହା ପୂର୍ବରୁ ଡେଭିଡ୍ କ୍ୟାମେରନ, ଥେରେସା ମେ, ବୋରିସ୍ ଜନସନ, ଲିଜ୍ ଟ୍ରସ୍ ଏବଂ ଋଷି ସୁନକଙ୍କ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳିଥିଲା। ସରକାରୀ ସୂତ୍ରରୁ ଏହି ଇସ୍ତଫା ଖବରକୁ ଅସ୍ୱୀକାର କରାଯାଇଥିଲେ ହେଁ ଦଳ ମଧ୍ୟରେ ବିଦ୍ରୋହ ଯୋଗୁଁ ଷ୍ଟାର୍ମରଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ସୋମବାର ସୁଦ୍ଧା ସେ ନିଜର ଭବିଷ୍ୟତ ନିଷ୍ପତ୍ତି ଏବଂ ପଦତ୍ୟାଗର ସମୟ ସୂଚୀ ସ୍ପଷ୍ଟ କରିପାରନ୍ତି ବୋଲି ଆଶା କରାଯାଉଛି।

# ଜିମ୍‌ରେ କସରତ କରୁଥିବା ବେଳେ ପୁଲିସ ଅଧିକାରୀଙ୍କ ମୃତ୍ୟୁ

ଚମ୍ପାୱତ,୨୧।୬(ଏଜେନ୍ସି): ଉତ୍ତରାଖଣ୍ଡର ଚମ୍ପାୱତ ଜିଲ୍ଲାରେ ଜଣେ ୩୮ ବର୍ଷୀୟ ସ୍ପେଶାଲ ଅପରେସନ୍ସ ଗ୍ରୁପ୍ (ଏସଓଜି) ପୁଲିସ ଅଧିକାରୀଙ୍କ ଜିମ୍‌ରେ ବ୍ୟାୟାମ କରୁଥିବା ସମୟରେ ହଠାତ୍ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ମୃତ୍ୟୁ ହୋଇଛି। ଏହି ଦୁଃଖଦ ଘଟଣା ପରେ ସ୍ଥାନୀୟ ଅଞ୍ଚଳ ଏବଂ ପୁଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି। ମୃତ ଅଧିକାରୀ ଜଣକ ହେଉଛନ୍ତି ଗିରିଶ ଭଟ୍ଟ। ଶୁକ୍ରବାର ଦିନ ସେ ଏକ ସ୍ଥାନୀୟ ଜିମ୍‌ରେ କସରତ କରୁଥିବା ବେଳେ ହଠାତ୍ ଅସୁସ୍ଥତା ଅନୁଭବ କରି ଟଳି ପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗିରିଶ ଜଣେ ଅତ୍ୟନ୍ତ ଦକ୍ଷ ଓ ନିଷ୍ଠାପର ଅଧିକାରୀ ଭାବେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ପରିବାରରେ ପତ୍ନୀ ଓ ଦୁଇଟି ପୁଅ ଅଛନ୍ତି। ପୂର୍ଣ୍ଣ ସରକାରୀ ସମ୍ମାନ ସହ ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ଘଟଣା ପୂର୍ବରୁ କର୍ଣ୍ଣାଟକରେ ମଧ୍ୟ ଜଣେ ୨୬ ବର୍ଷୀୟ ଜାତୀୟ ସ୍ତରର ବଡିବିଲ୍ଡରଙ୍କ ଜିମ୍‌ରୁ ଫେରିବା ପରେ ମୃତ୍ୟୁ ହୋଇଥିଲା। ଏହି ଦୁଇଟି ଯାକ ଘଟଣା ଅତ୍ୟଧିକ କଠିନ ଶାରୀରିକ ବ୍ୟାୟାମ ସମୟରେ ହେଉଥିବା ଆକସ୍ମିକ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ସାଧାରଣରେ ପୁଣି ଥରେ ଚିନ୍ତା ଓ ଚର୍ଚ୍ଚା ବଢ଼ାଇ ଦେଇଛି।

# ଇମ୍ରାନ ଖାନ୍‌ଙ୍କ ଦଳର ୪ ନେତାଙ୍କୁ ୧୦ ବର୍ଷ ଜେଲ୍

ଲାହୋର / ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ପାକିସ୍ତାନର ଏକ ସ୍ୱତନ୍ତ୍ର ଆତଙ୍କବାଦ ବିରୋଧୀ ଅଦାଲତ ଶନିବାର ଦିନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଦଳ 'ପାକିସ୍ତାନ ତେହେରିକ-ଇ-ଇନସାଫ' (ପିଟିଆଇ) ର ଚାରି ଜଣ ବରିଷ୍ଠ ନେତାଙ୍କୁ ୧୦ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୩ ମସିହା ମେ' ୯ ତାରିଖରେ ହୋଇଥିବା ଦେଶବ୍ୟାପୀ ହିଂସାକାଣ୍ଡ ମାମଲାରେ କୋର୍ଟ ଏହି ରାୟ ଦେଇଛନ୍ତି। ଅପରପକ୍ଷରେ, ଉପଯୁକ୍ତ ପ୍ରମାଣ ଅଭାବରୁ ପୂର୍ବତନ ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ କୁରେଶୀଙ୍କ ସମେତ ୧୧ ଜଣଙ୍କୁ ଅଦାଲତ ଦୋଷମୁକ୍ତ କରିଛନ୍ତି। ଲାହୋରର ମୁଗଲପୁରା ଅଞ୍ଚଳରେ ପୁଲିସ ଗାଡ଼ି ପୋଡ଼ିବା ଏବଂ ଆକ୍ରମଣ କରିବା ଅଭିଯୋଗରେ ପଞ୍ଜାବ ପ୍ରଦେଶର ପୂର୍ବତନ ରାଜ୍ୟପାଳ ଓମାର ସର୍ଫରାଜ ଚିମା, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ୟାସମିନ ରସିଦ, ପୂର୍ବତନ ମନ୍ତ୍ରୀ ମିଆଁ ମହମୁଦୁର ରସିଦ ଏବଂ ପୂର୍ବତନ ସାଂସଦ ଏଜାଜ ଚୌଧୁରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଇମ୍ରାନ ଖାନଙ୍କ ଗିରଫଦାରୀ ପରେ ଦେଶରେ ସେନା ଓ ସରକାରୀ ସମ୍ପତ୍ତି ଉପରେ ବ୍ୟାପକ ଆକ୍ରମଣ ହୋଇଥିଲା। ତେବେ ପିଟିଆଇ ପକ୍ଷରୁ ଏହି ରାୟକୁ ବିରୋଧ କରାଯାଇଛି ଏବଂ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କୁହାଯାଇଛି। ଅଭିଯୁକ୍ତମାନଙ୍କୁ ସ୍ୱାଧୀନ ଓ ନିରପେକ୍ଷ ଶୁଣାଣିର ସୁଯୋଗ ଦିଆଯାଇନାହିଁ ବୋଲି ଦଳ ଅଭିଯୋଗ କରିଛି। କୁରେଶୀ ଏହି ମାମଲାରୁ ମୁକ୍ତ ହୋଇଥିଲେ ମଧ୍ୟ ଅନ୍ୟ କେତେକ ମାମଲା ଯୋଗୁଁ ସେ ଜେଲରେ ରହିବେ। ସେହିପରି ୭୩ ବର୍ଷୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ମଧ୍ୟ ଅଗଷ୍ଟ ୨୦୨୩ରୁ ରାୱଲପିଣ୍ଡିର ଜେଲରେ ଅଛନ୍ତି।

**ପୂର୍ବତନ ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଦୋଷମୁକ୍ତ**

# ସାଉଦିଆରବରେ ୧୫ ହଜାରରୁ ଅଧିକ ଅନୁପ୍ରବେଶକାରୀ ଗିରଫ

ରିୟାଦ,୨୧।୬(ଏଜେନ୍ସି): ସାଉଦି ଆରବ ସରକାର ଦେଶରେ ବେଆଇନ ଭାବେ ରହୁଥିବା ଏବଂ ସୀମା ଓ ଶ୍ରମ ଆଇନ ଉଲ୍ଲଂଘନ କରୁଥିବା ଲୋକଙ୍କ ବିରୋଧରେ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛନ୍ତି। ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ସାରା ଦେଶରୁ ୧୫,୦୦୦ରୁ ଅଧିକ ନିୟମ ଉଲ୍ଲଂଘନକାରୀଙ୍କୁ ସୁରକ୍ଷା ବାହିନୀ ଗିରଫ କରିଛି। ସାଉଦି ଆରବର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅନୁଯାୟୀ, ଜୁନ୍ ୧୧ ରୁ ଜୁନ୍ ୧୭ ମଧ୍ୟରେ ଚାଲିଥିବା ଏହି ମିଳିତ ଅଭିଯାନରେ ପ୍ରାୟ ୭,୮୬୪ ଜଣଙ୍କୁ ବାସସ୍ଥାନ ନିୟମ ଉଲ୍ଲଂଘନ, ୪,୫୭୬ ଜଣଙ୍କୁ ସୀମା ସୁରକ୍ଷା ଆଇନ ଉଲ୍ଲଂଘନ ଏବଂ ୨,୮୪୮ ଜଣଙ୍କୁ ଶ୍ରମ ଆଇନ ଉଲ୍ଲଂଘନ ଅଭିଯୋଗରେ ଗିରଫ କରାଯାଇଛି। ସୀମା ଦେଇ ବେଆଇନ ଭାବେ ପ୍ରବେଶ କରୁଥିବା ଲୋକଙ୍କ ମଧ୍ୟରେ ସର୍ବାଧିକ ୫୩ ପ୍ରତିଶତ ଇଥିଓପିଆ ଏବଂ ୪ ପ୍ରତିଶତ ୟେମେନର ନାଗରିକ ଅଟନ୍ତି। ଏଥିସହ ଅନୁପ୍ରବେଶକାରୀଙ୍କୁ ଆଶ୍ରୟ ଓ ପରିବହନ ସେବା ଯୋଗାଉଥିବା ୨୪ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହି ସପ୍ତାହ ମଧ୍ୟରେ ପ୍ରାୟ ୧୦,୪୫୮ ଜଣଙ୍କୁ ସେମାନଙ୍କ ଦେଶକୁ ଫେରସ୍ତ ଅର୍ଥାତ ଡିପୋର୍ଟ କରାଯାଇଛି। ସାଉଦି ସରକାର ଚେତାବନୀ ଦେଇଛନ୍ତି ଯେ ବେଆଇନ ଅନୁପ୍ରବେଶକାରୀଙ୍କୁ ସାହାଯ୍ୟ କଲେ ୧୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୧୦ ଲକ୍ଷ ସାଉଦି ରିୟାଲ ପର୍ଯ୍ୟନ୍ତ ଜରିମାନା କରାଯିବ।

**କଡ଼ା ସୁରକ୍ଷା ମଧ୍ୟରେ ନିଟ୍ ପୁନଃ-ପରୀକ୍ଷା**

# ୨୨ ଲକ୍ଷ ପରୀକ୍ଷାର୍ଥୀ, ୫୪୪୦ କେନ୍ଦ୍ର, ଲକ୍ଷେ କ୍ୟାମେରା

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ଦେଶର ଚିକିତ୍ସା ବିଜ୍ଞାନ ଆଶାୟୀ ଛାତ୍ରଛାତ୍ରୀଙ୍କ ପାଇଁ ଆଜି ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍) ପୁନଃ-ପରୀକ୍ଷା ସଫଳତାର ସହ ଶେଷ ହୋଇଛି। ଗତ ମେ ମାସରେ ପ୍ରଶ୍ନପତ୍ର ପ୍ରକାଶ ପାଇବା ଯୋଗୁଁ ଦେଶବ୍ୟାପୀ ବିବାଦ ଉପୁଜିଥିବା ବେଳେ, ଏଥର ଜାତୀୟ ପରୀକ୍ଷା ସଂସ୍ଥା ଏବଂ କେନ୍ଦ୍ର ସରକାର ସ୍ୱଚ୍ଛତା ଫେରାଇ ଆଣିବା ପାଇଁ ସୁରକ୍ଷାର ବ୍ୟାପକ ବ୍ୟବସ୍ଥା କରିଥିଲେ। ଅପରାହ୍ଣ ୨ଟାରୁ ସନ୍ଧ୍ୟା ୫ଟା ୧୫ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କୁ ସନ୍ଧ୍ୟା ୬ଟା ୨୦ ପର୍ଯ୍ୟନ୍ତ ଅତିରିକ୍ତ ସମୟ ପ୍ରଦାନ କରାଯାଇଥିଲା। ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବା ଏବଂ ଜାଲିଆତି ରୋକିବା ପାଇଁ ଏଥର ସେନା ବାହିନୀ ଏବଂ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ସହାୟତା ନିଆଯାଇଥିଲା।

ଭାରତୀୟ ବାୟୁସେନା ଦ୍ୱାରା ପ୍ରଶ୍ନପତ୍ରଗୁଡ଼ିକୁ ସୁରକ୍ଷିତ ଭାବେ ବିଭିନ୍ନ ସ୍ଥାନକୁ ପଠାଯାଇଥିଲା। ଭାରତ ଏବଂ ବିଦେଶର ୫,୪୪୦ଟି କେନ୍ଦ୍ରର ପ୍ରାୟ ୯୫,୦୦୦ରୁ ଅଧିକ ପରୀକ୍ଷା ଗୃହରେ ୧,୩୮,୫୬୦ଟି ସିସିଟିଭି କ୍ୟାମେରା ଲଗାଯାଇ ଜାତୀୟ, ରାଜ୍ୟ ଓ ମନ୍ତ୍ରାଳୟ ସ୍ତରରୁ ସିଧାସଳଖ ନଜର ରଖାଯାଇଥିଲା। ଇଲେକ୍ଟ୍ରୋନିକ ଜାଲିଆତି ରୋକିବା ପାଇଁ ୫୧,୩୧୧ଟି ଜାମର ମଧ୍ୟ ଲଗାଯାଇଥିଲା। ପରୀକ୍ଷାର୍ଥୀଙ୍କ ଯାଞ୍ଚ ପାଇଁ ୩୮,୭୯୫ ଜଣ ସୁରକ୍ଷା କର୍ମୀ ଏବଂ ବାୟୋମେଟ୍ରିକ ଯାଞ୍ଚ ପାଇଁ ୪୮,୪୪୮ ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ପ୍ରତ୍ୟେକ କେନ୍ଦ୍ରରେ ହାରାହାରି ୪୦ରୁ ୫୦ ଜଣ ସୁରକ୍ଷା କର୍ମୀ ମୁତୟନ ଥିଲେ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରୀକ୍ଷା ପୂର୍ବରୁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ସର୍ବୋଚ୍ଚ ସ୍ତରର ସ୍ୱଚ୍ଛତା ଓ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ, ପୂର୍ବ ପରୀକ୍ଷା ବାତିଲକୁ ନେଇ ବିରୋଧୀ ଦଳ ପକ୍ଷରୁ ପ୍ରତିବାଦ ଜାରି ରହିଥିବା ବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏଥର ଯେପରି କୌଣସି ତ୍ରୁଟି ନହୁଏ ସେଥିପ୍ରତି ସରକାରଙ୍କୁ ସତର୍କ କରାଇଥିଲେ। ଏହି ସମୟରେ ନାଗପୁରର ଜଣେ ପରୀକ୍ଷାର୍ଥୀଙ୍କୁ ବିଦେଶର ଅବୁଧାବି କେନ୍ଦ୍ର ମିଳିଥିବା ନେଇ ସୃଷ୍ଟି ହୋଇଥିବା ବିବାଦକୁ ଜାତୀୟ ପରୀକ୍ଷା ସଂସ୍ଥା ତୁରନ୍ତ ଯାଞ୍ଚ କରି ସମାଧାନ କରିଥିଲା ଏବଂ ଛାତ୍ରଙ୍କୁ ସ୍ଥାନୀୟ କେନ୍ଦ୍ର ଯୋଗାଇ ଦେଇଥିଲା। ଗତ ମେ ମାସର ପ୍ରଶ୍ନପତ୍ର ପ୍ରକାଶ ବିବାଦ ପରେ କେନ୍ଦ୍ର ସରକାର ଓ ଜାତୀୟ ପରୀକ୍ଷା ସଂସ୍ଥା ପାଇଁ ଏହି ପୁନଃ-ପରୀକ୍ଷା ସଫଳତାର ସହ ଶେଷ କରିବା ଏକ ବଡ଼ ଆହ୍ୱାନ ଥିଲା। ଏହି ବିଶାଳ ପରୀକ୍ଷାର ଶାନ୍ତିପୂର୍ଣ୍ଣ ସମାପ୍ତି ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ପରୀକ୍ଷା ପ୍ରଣାଳୀ ପ୍ରତି ହଜିଯାଇଥିବା ବିଶ୍ୱାସକୁ ପୁଣି ଥରେ ଫେରାଇ ଆଣିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।





ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ କୋଲକାତାର ରେଡ୍ ରୋଡ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୋଗାଭ୍ୟାସ

# ସଞ୍ଜୟଙ୍କ ପାଇଁ 'ସେନା' ଛାଡ଼ିଲୁ

ମୁମ୍ବଇ,୨୧।୬(ଏଜେନ୍ସି): ଶିବସେନା (ୟୁବିଟି) ଶିବିରରେ ବିଦ୍ରୋହ ତୀବ୍ରତର ହୋଇଛି। ଉଦ୍ଧବଙ୍କ ଶିବସେନାର ହିଙ୍ଗୋଲି ସାଂସଦ ନାଗେଶ ପାଟିଲ ଅଷ୍ଟିକର ଦଳ ଛାଡ଼ିବା ସ୍ପଷ୍ଟ କରିଛନ୍ତି। ସେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ସାମିଲ ହେବେ। ନିଜ ନିର୍ବାଚନ ମଣ୍ଡଳୀ ପାଇଁ ବିକାଶମୂଳକ ପାଣ୍ଠିର ଅଭାବ ଏବଂ ଦଳର କିଛି ନେତାଙ୍କ ଆକ୍ଷେପମୂଳକ ମନ୍ତବ୍ୟ ପରେ ସେ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି।

ସାମାଜିକ ଗଣମାଧ୍ୟମରେ ଭିଡିଓ ଜାରି କରି ନାଗେଶ କହିଛନ୍ତି ଯେ, ଜୁନ୍ ୧୮ ପର୍ଯ୍ୟନ୍ତ ସେ ଏବଂ ଅନ୍ୟ କିଛି ବିଦ୍ରୋହୀ ସାଂସଦ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇନଥିଲେ। କିନ୍ତୁ ସେମାନଙ୍କ ବିରୋଧରେ କରାଯାଇଥିବା କଟୁ ମନ୍ତବ୍ୟ ସେମାନଙ୍କୁ ଦଳ ଛାଡିବାକୁ ବାଧ୍ୟ କରିଛି। ବିଶେଷ କରି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତଙ୍କ ଦ୍ୱାରା ବ୍ୟବହୃତ ଅଶାଳୀନ ଭାଷା ତାଙ୍କୁ ବ୍ୟଥିତ କରିଛି। ଅପରେସନ୍ ତୁଡୱା ଦ୍ୱାରା ବିଦ୍ରୋହୀମାନେ ଦଳର କ୍ରୋଧର ଶିକାର ହେବା ଧମକ ତାଙ୍କୁ ଗଭୀର ଭାବେ ମର୍ମାହତ କରିଥିବା ସେ ପ୍ରକାଶ କରିଛନ୍ତି। ଏହାପରେ ନାଗେଶ ନିଜର ଅସହାୟ ସ୍ଥିତି ଜାହିର କରିଥିଲେ। କ୍ଷମତାରେ ନଥିବାରୁ ଦଳୀୟ କର୍ମକର୍ତ୍ତା କାର୍ଯ୍ୟ କରିପାରୁ ନାହାନ୍ତି। ଲୋକମାନେ ସେମାନଙ୍କୁ ବିଶ୍ୱାସ କରି ନିର୍ବାଚିତ କରିଛନ୍ତି। କିନ୍ତୁ ବିରୋଧୀ ଦଳରେ ଥିବାରୁ ବିକାଶମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପାଣ୍ଠି ସେମାନେ ପାଉନାହାନ୍ତି। ମିଳୁଥିବା ୫ କୋଟି ଟଙ୍କାର ସଂସଦୀୟ କ୍ଷେତ୍ର ବିକାଶ (ଏମ୍‌ପିଲାଡ) ପାଣ୍ଠି ଅଞ୍ଚଳର ଉନ୍ନତି ପାଇଁ ଯଥେଷ୍ଟ ନୁହେଁ। ଗତ ୨ ବର୍ଷ ଧରି ବହୁ ଚେଷ୍ଟା ସତ୍ତ୍ୱେ ସେ ନିଜ ନିର୍ବାଚନ ମଣ୍ଡଳୀରେ ଉନ୍ନୟନ କାର୍ଯ୍ୟ ପାଇଁ ପାଣ୍ଠି ଯୋଗାଡ଼ କରିପାରୁ ନାହାନ୍ତି। ଦଳ ଏବେ ତାଙ୍କୁ ଭୁଲ ବୁଝିଲେ ମଧ୍ୟ ପରେ ତାଙ୍କ ପରିସ୍ଥିତି ହୃଦୟଙ୍ଗମ କରିବ। ସେ ନିଜର ଆଦର୍ଶ ସହ କୌଣସି ସାଲିସ କରିନାହାଁନ୍ତି; ସେ କେବଳ 'ଏକ ଶିବସେନାରୁ ଅନ୍ୟ ଏକ ଶିବସେନା'କୁ ଯାଉଥିବା ନାଗେଶ କହିଛନ୍ତି। ଶିବସେନା (ୟୁବିଟି) ପ୍ରମୁଖ ଉଦ୍ଧବ ଠାକରେ କିମ୍ବା ସଞ୍ଜୟ ରାଉତଙ୍କ ପ୍ରତି ତାଙ୍କର କୌଣସି ବ୍ୟକ୍ତିଗତ ଅସନ୍ତୋଷ ନାହିଁ ବୋଲି ସେ କହିଛନ୍ତି। ତେବେ ଜଣେ ମଣିଷର ଅପମାନ ସହିବାର ଏକ ସୀମା ରହିଥାଏ ଏବଂ ସଞ୍ଜୟଙ୍କ ଭଳି ବୟସ୍କ ନେତା ଏହା ମନେରଖିବା ଉଚିତ୍ ବୋଲି ସେ ଚେତାଇ ଦେଇଛନ୍ତି।



# ସିନ୍ଧୁ ଜଳ ପାଇଁ ପାକିସ୍ତାନର ଯୁଦ୍ଧ ଧମକ



ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ପାକିସ୍ତାନ ପ୍ରାୟୋଜିତ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଦ୍ୱାରା 'ସିନ୍ଧୁ ଜଳ ଚୁକ୍ତି' ସ୍ଥଗିତ ରଖାଯିବାକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଭାରତକୁ ସୂଚନା ଦେଇଛନ୍ତି ଯେ ଜଳ ସୁରକ୍ଷା ପ୍ରତି ବିପଦ ଦେଖାଦେଲେ ପାକିସ୍ତାନ ଭାରତ ବିରୋଧରେ ଯୁଦ୍ଧ କରିବାକୁ ପଛାଇବ ନାହିଁ। ଏକ ସାକ୍ଷାତକାରରେ ଆସିଫ୍ କହିଛନ୍ତି ଯେ ଜଳ ହେଉଛି ପାକିସ୍ତାନର ଜାତୀୟ ସୁରକ୍ଷାର ଏକ ପ୍ରମୁଖ ଅଂଶ। ଯଦି ଭାରତ ଜଳ ଯୋଗାଣ ବନ୍ଦ କରିବାକୁ ଚେଷ୍ଟା କରେ, ତେବେ ପାକିସ୍ତାନ ସାମରିକ ପଦକ୍ଷେପ ଗ୍ରହଣ କରିବ। କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସିଆର୍ ପାଟିଲଙ୍କ ଏକ ବିବୃତି ପରେ ଏହି ପ୍ରତିକ୍ରିୟା ପ୍ରକାଶ ପାଇଛି, ଯେଉଁଥିରେ ସେ ୨୦୨୮ ଜୁନ୍ ସୁଦ୍ଧା ପାକିସ୍ତାନକୁ ସିନ୍ଧୁ ନଦୀର ଜଳ ପ୍ରବାହ ସମ୍ପୂର୍ଣ୍ଣ ବନ୍ଦ କରାଯାଇପାରେ ବୋଲି ଆଶଙ୍କା ପ୍ରକାଶ କରିଥିଲେ। ଅନ୍ୟପଟେ, ପାକିସ୍ତାନ ବର୍ତ୍ତମାନ ନିଜ ଦେଶ ମଧ୍ୟରେ ତୀବ୍ର ଜଳ ସଙ୍କଟ ଦେଇ ଗତି କରୁଛି। ବିଶେଷ କରି ସିନ୍ଧ ଏବଂ ବେଲୁଚିସ୍ତାନ ପ୍ରଦେଶରେ ପାଣିର ଭୀଷଣ ଅଭାବ ଦେଖାଦେଇଥିବା ବେଳେ ପ୍ରଦେଶଗୁଡ଼ିକ ମଧ୍ୟରେ ଜଳ ବଣ୍ଟନକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ୧୯୬୦ ମସିହାର ସିନ୍ଧୁ ଜଳ ଚୁକ୍ତି ଅନୁଯାୟୀ ପାକିସ୍ତାନକୁ ୮୦ ପ୍ରତିଶତ ଜଳ ମିଳିଥାଏ, ଯାହା ସେଠାରେ କୃଷି କ୍ଷେତ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ସୀମାପାର ଆତଙ୍କବାଦ ବନ୍ଦ ନହେବା ପର୍ଯ୍ୟନ୍ତ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଥିବାରୁ ଏହା ପାକିସ୍ତାନର ଆର୍ଥିକ ଓ ଆଭ୍ୟନ୍ତରୀଣ ସ୍ଥିତିକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି।

ଇତିମଧ୍ୟରେ ଭାରତରେ ଥିବା ମୁସଲିମ୍ ଧାର୍ମିକ ସ୍ଥଳଗୁଡ଼ିକ ପ୍ରତି ବିପଦ ଥିବା ନେଇ ପାକିସ୍ତାନର ରାଷ୍ଟ୍ରପତି ଆସିଫ୍ ଅଲି ଜରଦାରୀ ଦେଇଥିବା ବିବାଦୀୟ ବୟାନକୁ ଭାରତ ସମ୍ପୂର୍ଣ୍ଣରୂପେ ପ୍ରତ୍ୟାଖ୍ୟାନ କରିଛି। ଏହାକୁ ଅଯୌକ୍ତିକ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିବା ସହ ପାକିସ୍ତାନକୁ ଭାରତର ଆଭ୍ୟନ୍ତରୀଣ ମାମଲାରେ ନ ମୁଣ୍ଡାଇବାକୁ ନୂଆଦିଲ୍ଲୀ କଡ଼ା ଚେତାବନୀ ଦେଇଛି। ଭାରତୀୟ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି ଯେ ଭାରତର ଆଭ୍ୟନ୍ତରୀଣ ବିଷୟ ଉପରେ ମନ୍ତବ୍ୟ ଦେବା ପାଇଁ ପାକିସ୍ତାନର କୌଣସି ଅଧିକାର ନାହିଁ। ବାରାଣସୀର ଏକ ମସଜିଦ୍ ସମେତ ଅନ୍ୟାନ୍ୟ ସ୍ଥାନକୁ ନେଇ ଜରଦାରୀ ସାମାଜିକ ଗଣମାଧ୍ୟମରେ ମିଥ୍ୟା ଅଭିଯୋଗ ଆଣିଥିଲେ। ଏହାର ଜବାବରେ ଭାରତ କହିଛି ଯେ ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକଙ୍କ ଉପରେ କ୍ରମାଗତ ଭାବେ ହେଉଥିବା ଅତ୍ୟାଚାର ଏବଂ ସେଠାକାର ମାନବାଧିକାରର ଦୟନୀୟ ସ୍ଥିତି ସାରା ବିଶ୍ୱକୁ ଜଣା। ନିଜ ଦେଶର ବିଫଳତାକୁ ଲୁଚାଇବା ପାଇଁ ପାକିସ୍ତାନ ଏଭଳି ସଂକୀର୍ଣ୍ଣ ଓ ଘୃଣାଭାବ ସୃଷ୍ଟିକାରୀ ରାଜନୀତି କରୁଛି।

# ପାର୍କିଂ ବିବାଦରୁ ମହିଳାଙ୍କୁ ହତ୍ୟା, ସ୍ୱାମୀ ଗୁରୁତର

ନୂଆଦିଲ୍ଲୀ, ୨୧।୬ (ଏଜେନ୍ସି): ଦିଲ୍ଲୀର ଦ୍ୱାରକା ଅନ୍ତର୍ଗତ ବିନ୍ଦାପୁର ଅଞ୍ଚଳରେ ମୋଟରସାଇକେଲ ପାର୍କିଂକୁ କେନ୍ଦ୍ର କରି ଏକ ସାଙ୍ଘାତିକ ଘଟଣା ଘଟିଛି। ପଡ଼ୋଶୀଙ୍କ ସହ ଝଗଡ଼ା ପରେ ଏକ ଦମ୍ପତିଙ୍କୁ ଛୁରାମାଡ଼ କରାଯାଇଛି, ଯେଉଁଥିରେ ୩୨ ବର୍ଷୀୟା ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ରାସ୍ତା ଉପରେ ମୋଟରସାଇକେଲ ରଖିବାକୁ ନେଇ ଆରତୀ ଏବଂ ତାଙ୍କ ସ୍ୱାମୀ ବିକ୍କିଙ୍କର ପଡ଼ୋଶୀଙ୍କ ସହ ବଚସା ହୋଇଥିଲା। ଏହି ଝଗଡ଼ା ଉଗ୍ର ରୂପ ନେବା ପରେ ପଡ଼ୋଶୀମାନେ ଉଭୟଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଆରତୀଙ୍କର ମୃତ୍ୟୁ ହୋଇଛି ଏବଂ ବିକ୍କିଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୁଲିସ ଏହି ଘଟଣାରେ ସମ୍ପୃକ୍ତ ଦୁଇ ଆକ୍ରମଣକାରୀଙ୍କୁ ଚିହ୍ନଟ କରିଛି, ସେମାନେ ହେଲେ ୪୦ ବର୍ଷୀୟ ପପୁ ଏବଂ ଜଣେ ନାବାଳକ। ଉଭୟ ସେହି ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତଦନ୍ତ ପ୍ରକ୍ରିୟାକୁ ଆଗକୁ ବଢ଼ାଉଛି।



# ବାପା, ମା, ଆଈଙ୍କୁ ଗୁଳି କରି ହତ୍ୟା

**ଆମେରିକାରେ ଭାରତୀୟ ଛାତ୍ରଙ୍କ ଉନ୍ମତ୍ତ କାଣ୍ଡ**

ଟେକ୍ସାସ,୨୧।୬(ଏଜେନ୍ସି): ଆମେରିକାର ଟେକ୍ସାସ ସହରରେ ଜଣେ ୧୯ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ସେଲଫୋନ୍ କିମ୍ବା ଅନ୍ୟ କୌଣସି କାରଣରୁ ନିଜ ପରିବାର ଉପରକୁ ଆଖିବୁଜା ଗୁଳି ଚଳାଇଛନ୍ତି। ଏହି ସାଙ୍ଘାତିକ ଆକ୍ରମଣରେ ତାଙ୍କ ବାପା, ମାଆ ଏବଂ ଆଈଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଲିସ ଅଭିଯୁକ୍ତକୁ ଗାଡ଼ିରେ ପିଛା କରି ଧରିବାକୁ ସକ୍ଷମ ହୋଇଛି। ଅଭିଯୁକ୍ତ ଛାତ୍ର ଜଣକ ହେଉଛନ୍ତି ଗୌରବ ଚୋପ୍ରା। ଗୌରବ ନିଜ ବାପା ସ୍ୱୀରା ରାମ (୫୬), ମାଆ କମଲେଶ ରାନୀ (୪୬) ଏବଂ ଆଈ ମିନ୍ଦର କୌର (୭୩)ଙ୍କୁ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରୁ ତାଙ୍କ ଭାଇ ଅଳ୍ପକେ ବର୍ତ୍ତି ଯାଇ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରୁ ଗାଡ଼ି ନେଇ ଫେରାର ହେଉଥିବା ବେଳେ ପୁଲିସ ପିଛା କରିବାରୁ ଗୌରବ ଅନ୍ୟ ଏକ କାରକୁ ଧକ୍କା ଦେଇଥିଲେ, ଯେଉଁଥିରେ ଦୁଇ ଜଣ ଆହତ ହୋଇଛନ୍ତି। ଗୌରବଙ୍କ ଗାଡ଼ିରୁ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇଛି। କୋର୍ଟ ତାଙ୍କୁ ଜାମିନବିହୀନ ଗିରଫ ପରୱାନା ଜାରି କରି ଜେଲ ପଠାଇଛନ୍ତି। ଗୌରବ ଟେକ୍ସାସ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ବୋଲି ଜଣାପଡ଼ିଛି।

# ଦିଲ୍ଲୀରେ ଧରାପଡ଼ିଲା 'ପିଲା ବଜାର'

## ପୁଅ ପାଇଁ ୮ ଲକ୍ଷ , ଝିଅ ପାଇଁ ୪ ଲକ୍ଷ ଟଙ୍କା

ନୂଆଦିଲ୍ଲୀ, ୨୧।୬(ଏଜେନ୍ସି): ଦେଶର ରାଜଧାନୀରେ ଅତି ଅମାନୁଷିକ 'ପିଲା ବଜାର' ରାକେଟ୍ ଚାଲିଥିବା ଜଣାପଡ଼ିଛି। ମାତ୍ର ୪-୫ ଦିନର ନବଜାତ ଶିଶୁଙ୍କୁ ଅର୍ଥ ବିନିମୟରେ କ୍ରୟବିକ୍ରୟ କରୁଥିବା ଏକ ଆନ୍ତଃରାଜ୍ୟ ଚୋରାଚାଲାଣ ରାକେଟକୁ ପୁଲିସ ଧରିବାରେ ସଫଳ ହୋଇଛି। ସୂଚନା ଅନୁଯାୟୀ, ଏହି ଗ୍ୟାଙ୍ଗ୍ ଝିଅ ଶିଶୁଙ୍କୁ ପ୍ରାୟ ୧ ଲକ୍ଷ ଟଙ୍କାରେ କିଣି ୩ ରୁ ୪ ଲକ୍ଷ ଟଙ୍କାରେ ବିକ୍ରି କରୁଥିବା ବେଳେ, ପୁଅ ଶିଶୁଙ୍କୁ ୨ ଲକ୍ଷରେ କିଣି ୬ ରୁ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଥିଲେ। ଏକ ଘଟଣାରେ, ଜଣେ ଗ୍ରାହକଙ୍କୁ ପୁଅ ଦରକାର ଥିବା ବେଳେ ଗ୍ୟାଙ୍ଗ ପାଖରେ ଜଣେ ଅତିରିକ୍ତ କନ୍ୟା ସନ୍ତାନ ଥିବାରୁ, ସେମାନେ ଦୁଇଟି ଶିଶୁଙ୍କୁ ଯାଆଁଳା ଦର୍ଶାଇ ୯ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। କେନ୍ଦ୍ରୀୟ ଦିଲ୍ଲୀର ପାହାଡ଼ଗଞ୍ଜ ଅଞ୍ଚଳରେ ଜଣେ ମହିଳା ବାରମ୍ବାର ଭିନ୍ନ ଭିନ୍ନ ଶିଶୁଙ୍କୁ ଧରି ବୁଲୁଥିବାର ସୂଚନା ମିଳିଥିଲା। ଜ୍ୟୋତି ଓରଫ୍ କମଲେଶ ନାମକ ଏହି ମହିଳାଙ୍କୁ ଧରିବା ପାଇଁ ଜଣେ ମହିଳା ପୁଲିସ ଅଧିକାରୀ ନକଲି ଗ୍ରାହକ ସାଜିଥିଲେ। ୨୦ ହଜାର ଟଙ୍କା ଅଗ୍ରିମ ଦେଇ ଶିଶୁ କିଣିବାକୁ ଚୁକ୍ତି କରିଥିଲେ। ଜୁନ୍ ୫ରେ ଶିଶୁ ହସ୍ତାନ୍ତର ବେଳେ କମଲେଶକୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା। ତଦନ୍ତ ବେଳେ ପଶ୍ଚିମ ଦିଲ୍ଲୀର ରୋହିଣୀସ୍ଥିତ 'ହୀରା ମଲ୍ଟିସ୍ପେଶାଲିଟି ହସ୍ପିଟାଲ' ଏହି ରାକେଟର ମୁଖ୍ୟ କେନ୍ଦ୍ର ବୋଲି ଜଣାପଡ଼ିଛି। ହସ୍ପିଟାଲ ମାଲିକ ଡାକ୍ତର ବିବେକୀ ଏହି ରାକେଟର ମୁଖ୍ୟ କାର୍ପଟଦାର ଥିଲେ। ସେ ଶିଶୁମାନଙ୍କ ପାଇଁ ଜାଲ୍ ଜନ୍ମ ପ୍ରମାଣପତ୍ର ଏବଂ ମେଡିକାଲ୍ ଦଲିଲ୍ ପ୍ରସ୍ତୁତ କରୁଥିଲେ। ଏହି ଶିଶୁମାନଙ୍କୁ ମୁଖ୍ୟତଃ ରାଜସ୍ଥାନ ଏବଂ ଗୁଜରାଟର ଗରିବ ପରିବାରଠାରୁ କିଣାଯାଉଥିଲା କିମ୍ବା ଚୋରି କରାଯାଉଥିଲା। ସେମାନଙ୍କୁ ପରେ ହରିୟାଣା ଏବଂ ମଧ୍ୟପ୍ରଦେଶର ନିଃସନ୍ତାନ ଦମ୍ପତିଙ୍କୁ ବିକ୍ରି କରାଯାଉଥିଲା। ଗତ ଏକ ବର୍ଷ ମଧ୍ୟରେ ପ୍ରାୟ ୩୦ ଜଣ ଶିଶୁଙ୍କୁ ଏହିପରି ଚୋରା ଚାଲାଣ କରାଯାଇଥିବା ସନ୍ଦେହ କରାଯାଉଛି। ପୁଲିସ ବର୍ତ୍ତମାନ ସୁଦ୍ଧା ଏକ ମାସରୁ କମ୍ ବୟସର ୫ ଜଣ ଶିଶୁଙ୍କୁ ଉଦ୍ଧାର କରିଛି।



# ନୌସେନାରେ ସାମିଲ ହେଲା ୩ ସ୍ୱଦେଶୀ ଯୁଦ୍ଧତରୀ

କୋଲକାତା,୨୧।୬(ଏଜେନ୍ସି): ଭାରତୀୟ ସାମୁଦ୍ରିକ ସୀମା ସୁରକ୍ଷା କ୍ଷେତ୍ରରେ ଆଜି ଏକ ଐତିହାସିକ ସଫଳତା ଯୋଡ଼ି ହୋଇଛି। ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳର ବ୍ୟବହାରକୁ ଆହୁରି ମଜଭୁତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କୋଲକାତାର ଶ୍ୟାମା ପ୍ରସାଦ ମୁଖାର୍ଜୀ ବନ୍ଦରଠାରେ ସମ୍ପୂର୍ଣ୍ଣ ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ତିନୋଟି ଅତ୍ୟାଧୁନିକ ଯୁଦ୍ଧଜାହାଜକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ନୌସେନାରେ ସାମିଲ ହୋଇଥିବା ଏହି ତିନୋଟି ଜାହାଜ ହେଉଛି ଅଦୃଶ୍ୟ ଯୁଦ୍ଧଜାହାଜ 'ଦୂନାଗିରି', ବୃହତ୍ ସର୍ଭେକ୍ଷଣ ଜାହାଜ 'ସଂଶୋଧକ' ଏବଂ ବୁଡ଼ାଜାହାଜ ପ୍ରତିରୋଧକ କ୍ଷୁଦ୍ର ଜାହାଜ 'ଅଗ୍ରୟ'।

## ଗଠନ ହୋଇପାରୁନି ବିଧାନସଭା ଷ୍ଟାଣ୍ଡିଂ କମିଟି

■ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିରୋଧୀ

■ ଚିଠି ଲେଖିଲେ ବିଜେଡି ଓ କଂଗ୍ରେସ ବିଧାୟକ

ଭୁବନେଶ୍ୱର,୨୧।୬(ସମିସ): ଓଡ଼ିଶା ବିଧାନସଭାରେ ସ୍ଥାୟୀ କମିଟି (ଷ୍ଟାଣ୍ଡିଂ କମିଟି) ଗଠନ ନ ହୋଇପାରିବାକୁ ନେଇ ଖଡ୍‌ଗହସ୍ତ ହୋଇଛନ୍ତି ବିରୋଧୀ। ଓଡ଼ିଶା ବିଧାନସଭା ଇତିହାସରେ ସର୍ବଦା ସମୟସୀମା ମଧ୍ୟରେ ସ୍ଥାୟୀ କମିଟି ଗଠନ ହୋଇଯାଉଥିବାବେଳେ ନୂତନ ସରକାରରେ କମିଟିର କାର୍ଯ୍ୟକାଳ ଶେଷ ହେବାର ୩ ମାସ ପରେ ମଧ୍ୟ ସ୍ଥାୟୀ କମିଟି ଗଠନ ହୋଇପାରି ନାହିଁ। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକମାନେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସମ୍ବିଧାନର ଧାରା ୧୭୫(୨) ଅନୁଯାୟୀ ରାଜ୍ୟପାଳ ବିଧାନସଭାର କାର୍ଯ୍ୟକ୍ରମ ସମ୍ପର୍କରେ ନିର୍ଦ୍ଦେଶ ଦେଇପାରିବେ। ତେଣୁ ରାଜ୍ୟପାଳଙ୍କ ନିକଟରେ ବିରୋଧୀ ବିଧାୟକ ଫେରାଦ ହେବା ଓ ଏହି ପ୍ରକ୍ରିୟାରେ ହସ୍ତକ୍ଷେପ ପାଇଁ ଦାବି କରିବା ପାଇଁ ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି।

ସାଧାରଣତଃ ପ୍ରତିବର୍ଷ ବଜେଟ୍ ଅଧିବେଶନ ଶେଷ ହେବା ପୂର୍ବରୁ ବିଧାନସଭାର ସ୍ଥାୟୀ କମିଟି ଗୁଡ଼ିକ ଗଠନ ହୋଇଯାଇଥାଏ। ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ହିସାବରେ ଏହି କମିଟିରେ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ସଦସ୍ୟ ହୋଇଥାନ୍ତି। ବଜେଟ୍ ଅଧିବେଶ ଶେଷ ହେବାର ଅଢେଇ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହି କମିଟି ଗଠନ ହୋଇପାରି ନାହିଁ। ଷ୍ଟାଣ୍ଡିଂ କମିଟିଗୁଡ଼ିକ ସରକାରୀ ବିଭାଗଗୁଡ଼ିକର କାର୍ଯ୍ୟ ଯାଞ୍ଚ, ବଜେଟ୍ ପରୀକ୍ଷଣ ଏବଂ ନୀତିଗତ ପରାମର୍ଶ ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପ୍ରତ୍ୟେକ କମିଟିରେ ସର୍ବାଧିକ ୧୨ ଜଣ ସଦସ୍ୟ ରହିବାର ବ୍ୟବସ୍ଥା ରହୁଥିବା ବେଳେ କମିଟି ଗୁଡ଼ିକ ବିଭିନ୍ନ ସ୍ଥାନ ଗସ୍ତ କରି ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ଓ ସୁପାରିସ ମଧ୍ୟ ଦେଇଥାନ୍ତି; କିନ୍ତୁ ଚଳିତ ବର୍ଷ ନୂଆ ସରକାର ଗଠନ ପରେ ଏହି ପ୍ରକ୍ରିୟା ବିଳମ୍ବ ହୋଇଛି। ଫଳସ୍ୱରୂପ ଗୁରୁତ୍ୱପୂର୍ଣ୍ଣ ପବ୍ଲିକ୍ ଆକାଉଣ୍ଟ୍ସ କମିଟି, ଏଷ୍ଟିମେଟ୍ସ କମିଟି, ପବ୍ଲିକ୍ ଅଣ୍ଡରଟେକିଂସ କମିଟି ଏବଂ ବିଭାଗୀୟ ସ୍ଥାୟୀ କମିଟିଗୁଡ଼ିକ ଏପର୍ଯ୍ୟନ୍ତ ଗଠିତ ହୋଇପାରି ନାହିଁ।

ଏହା କେବଳ ଏକ ପ୍ରକ୍ରିୟାଗତ ବିଳମ୍ବ ନୁହେଁ, ବରଂ ବିଧାୟକଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି ବୋଲି ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ବିରୋଧୀ। ଏହି ପ୍ରସଙ୍ଗରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଗଣେଶ୍ୱର ବେହେରା ରାଜ୍ୟପାଳଙ୍କୁ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି ଯେ ସ୍ଥାୟୀ ସମିତି ଗଣତାନ୍ତ୍ରିକ ଶାସନ ପଦ୍ଧତିର ଏକ ଅବିଚ୍ଛେଦ୍ୟ ଅଂଶ। ବିଧାନସଭା ବର୍ଷକୁ ମାତ୍ର କିଛି ଦିନ ବସୁଥିବା ବେଳେ, ସ୍ଥାୟୀ ସମିତିଗୁଡିକ ବର୍ଷସାରା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ବ୍ୟୟ ବରାଦ ତଥା ଯୋଜନାର କାର୍ଯ୍ୟାନ୍ୱୟନକୁ ସମୀକ୍ଷା କରି ସକାରାତ୍ମକ ପରାମର୍ଶ ଦେଇଥାଆନ୍ତି। ସାଧାରଣ ଜନତାଙ୍କ ସମସ୍ୟା ବିଷୟରେ ଆଲୋଚନା କରି ସରକାରଙ୍କୁ ଅବଗତ କରାଇବା ପାଇଁ ସ୍ଥାୟୀ ସମିତି ଏକ ପ୍ରକୃଷ୍ଟ ମଞ୍ଚ। ଗତ ସ୍ଥାୟୀ ସମିତିଗୁଡିକର ଅବଧି ସମାପ୍ତ ହେବା ପରେ, ଏ ପର୍ଯ୍ୟନ୍ତ ନୂତନ କମିଟି ଗଠନ କରାଯାଇନାହିଁ। ବିଧାନସଭା ପରମ୍ପରା ଅନୁସାରେ ବଜେଟ ଅଧିବେଶନର ଶେଷ ଦିବସ ସୁଦ୍ଧା ଏହି କମିଟିର ଗଠନ କରାଯାଏ। ଓଡିଶା ବିଧାନସଭା ଯେବେଠାରୁ ଗଠନ ହୋଇଥିଲା ସେବେଠାରୁ ସ୍ଥାୟୀ ସମିତି ଗଠନ ହେବାର ପରମ୍ପରା କେବେ ଭଙ୍ଗ ହୋଇନଥିଲା। ବାଚସ୍ପତିଙ୍କର ଏହି ଅସମ୍ବିଧାନିକ ଅବହେଳା ବରୋଧରେ ରାଜ୍ୟପାଳ ଆବଶ୍ୟକୀୟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଚିଠିରେ ଅନୁରୋଧ କରାଯାଇଛି। ଏହାସହିତ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ମଧ୍ୟ ସମାନ ପ୍ରସଙ୍ଗରେ ରାଜ୍ୟପାଳଙ୍କୁ ଚିଠି ଲେଖିଛନ୍ତି ଓ ବାଚସ୍ପତିଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି।

## ଜୁନ୍‌ରେ ୪୭% ନିଅଣ୍ଟିଆ ବର୍ଷା

## ପ୍ରଶ୍ନବାଚୀରେ ଆଇଏମ୍‌ଡିର ପୂର୍ବାନୁମାନ

■ ୨୧ ଦିନ ଆଲର୍ଟ; ସବୁ ଜିଲ୍ଲାରେ ବର୍ଷା ନାହିଁ

■ ୧୧ ଜିଲ୍ଲାରେ ମୌସୁମୀ ବର୍ଷା ଅତି ନିଅଣ୍ଟିଆ

■ ମତ୍ସ୍ୟଜୀବୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି ଆକଳନ

ଭୁବନେଶ୍ୱର,୨୧।୬(ସମିସ): ଓଡ଼ିଶାକୁ ମୌସୁମୀ ଛୁଇଁବା ୧୦ ଦିନ ବିତିବ। ଏଥର ମୌସୁମୀ ଜୁନ୍ ୧୨ ତାରିଖରେ ଓଡ଼ିଶା ପ୍ରବେଶ କରିଥିଲା; ହେଲେ ମୌସୁମୀ ଆସିବାଠାରୁ ଏବେ ପର୍ଯ୍ୟନ୍ତ ରାଜ୍ୟରେ ଲଗାଣ ବର୍ଷା ହୋଇପାରି ନାହିଁ। ଫଳରେ ରାଜ୍ୟରେ ଏବେ ଚାଷ ପାଇଁ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଛି। କାରଣ ଏବେ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ତୁଳନାରେ ବର୍ଷାର ପରିମାଣ ୪୭ ପ୍ରତିଶତ କମ୍ ରହିଥିବା ବେଳେ ୧୧ ଟି ଜିଲ୍ଲାରେ ସ୍ଥିତି ଅତି ଗୁରୁତର ଅବସ୍ଥାରେ ରହିଛି। ଗୋଟିଏ ପଟେ ରାଜ୍ୟରେ ଏଭଳି ନିଅଣ୍ଟିଆ ବର୍ଷା ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଉଥିବା ବେଳେ ଅନ୍ୟପଟେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପ୍ରବଳ ବର୍ଷା ଜନିତ ଚେତାବନୀ ଜାରି କରିବାରେ ବ୍ରେକ୍ ଲଗାଉନାହିଁ। ଆଇଏମ୍‌ଡିର ଆକଳନ ଓ ବାସ୍ତବ ସ୍ଥିତିକୁ ଦେଖିଲେ ସ୍ଥିତି ଆହୁରି ଗୋଳମାଳିଆ ଲାଗିଛି। ଫଳରେ କୃଷି କାର୍ଯ୍ୟକୁ ନେଇ ଚାଷୀକୁଳ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୁଲେଟିନ୍‌କୁ ଅନୁଶୀଳନ କଲେ ଜଣାପଡୁଛି ଯେ ଦେଶରେ ମୌସୁମୀ ଆଗମନଠାରୁ ଅର୍ଥାତ ୨୮ ମେ' ରୁ ୨୧ ଜୁନ (ଗତ ୨୫ ଦିନ) ମଧ୍ୟରେ ପାଣିପାଗ କେନ୍ଦ୍ର ଲଗାତାର ୨୧ ଦିନ ପାଇଁ ୩୦ ଜିଲ୍ଲାକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ପ୍ରତିଦିନ ୨୪ ଘଣ୍ଟା ପୂର୍ବରୁ ଏଭଳି ଆଲର୍ଟ ଜାରି କରାଯାଇଛି। ମାତ୍ର ବିଭାଗ ପକ୍ଷରୁ ଜାରି ହେଉଥିବା ବୁଲେଟିନ୍‌ରେ ଯେଉଁ ଜିଲ୍ଲାକୁ ବର୍ଷା ଚେତାବନୀ ଦିଆଯାଉଛି, ସେଥିମଧ୍ୟରୁ ଅର୍ଦ୍ଧାଧିକ ଜିଲ୍ଲାରେ ସମ୍ପୂର୍ଣ୍ଣ ଶୁଖିଲା ପାଗ ସାଙ୍ଗକୁ ଗରମ ଗୁଲୁଗୁଲି ଜାରି ରହୁଛି। ଏହାବ୍ୟତୀତ ଯେଉଁ ୮-୧୦ଟି ଜିଲ୍ଲାରେ ବର୍ଷା ହେଉଛି, ତାହା ବି କାଁ ଭାଁ ଓ କିଛି କିଛି ଜିଲ୍ଲାରେ ବର୍ଷା ସଠିକ୍ ରହୁଛି। ବର୍ତ୍ତମାନ ସୁଦ୍ଧା ମୌସୁମୀ ଦୁର୍ବଳ ସହ ଗତ ୧ ତାରିଖରୁ ୨୧ ତାରିଖ ମଧ୍ୟରେ ରାଜ୍ୟରେ ମାତ୍ର ୬୭ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୧୨୫.୭ ମିମି ତୁଳନାରେ ୪୭ ପ୍ରତିଶତ କମ୍ ରହିଛି। ୧୧ ଟି ଜିଲ୍ଲାରେ ବର୍ତ୍ତମାନ ନିଅଣ୍ଟିଆ ସ୍ଥିତି ୬୦ ପ୍ରତିଶତରୁ କମ୍ ରହିଛି।ବର୍ଷାକୁ ନେଇ ପାଣିପାଗ କେନ୍ଦ୍ରର ଏଭଳି ଆକଳନ ଓ ବାସ୍ତବ କ୍ଷେତ୍ରରେ ଓଲଟା ସ୍ଥିତି ଯୋଗୁଁ ବିଭାଗର କାର୍ଯ୍ୟଦକ୍ଷତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେହିପରି ଗତ ୧୭ତାରିଖ ଠାରୁ ଲଗାତାର ଭାବେ ମତ୍ସ୍ୟଜୀବୀମାନଙ୍କ ପାଇଁ ଚେତାବନୀ ଜାରି କରାଯାଉଛି। ବର୍ତ୍ତମାନ ମୌସୁମୀ ପ୍ରବାହ ଦୁର୍ବଳ ରହିଥିବା ବେଳେ ବଙ୍ଗୋପସାଗରରେ କୌଣସି ଲଘୁଚାପ ମଧ୍ୟ ସୃଷ୍ଟି ହୋଇନାହିଁ। ହେଲେ ଏପରିସ୍ଥଳେ ମତ୍ସ୍ୟଜୀବୀମାନଙ୍କ ପାଇଁ ସମୁଦ୍ର ମଧ୍ୟକୁ ନ ଯିବାକୁ ଚେତାବନୀ ଜାରି କରାଯାଉଥିବାରୁ ମତ୍ସ୍ୟଜୀବୀମାନେ ଦ୍ୱନ୍ଦ୍ୱରେ ରହୁଛନ୍ତି। ପରୋକ୍ଷରେ ସେମାନଙ୍କ ଜୀବିକା ଉପରେ ମଧ୍ୟ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହେଉଛି। ପାଣିପାଗ କେନ୍ଦ୍ରର ଏଭଳି ଆକଳନ ବାତ୍ୟା, ଲଘୁଚାପ ତଥା ଅବପାତ ସମୟରେ ଦିଆଯାଉଥିବା ଚେତାବନୀ 'ମିଛୁଆ-ରାଧୁଆ' ଗପରେ ପରିଣତ ହେବାର ମଧ୍ୟ ଆଶଙ୍କାକୁ ବଢ଼ାଇ ଦେଉଛି।

### କୃଷି ବିଭାଗରେ ଚାକିରି ଦୁର୍ନୀତି

## ଯୋଗ୍ୟତା ନ ଥାଇ ଏମ୍‌ଇ ଆଣ୍ଡ କମ୍ୟୁନିକେସନ୍ ଏକ୍ସପର୍ଟ ନିଯୁକ୍ତି

ଭୁବନେଶ୍ୱର, ୨୧।୬(ସମିସ): କୃଷି ବିଭାଗରେ ତଞ୍ଚକତା କରି ବହୁ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ଆଉ ଏକ ନିଯୁକ୍ତି ଦୁର୍ନୀତି ପଦାକୁ ଆସିଛି। ବିଭାଗ ଅଧୀନରେ ଥିବା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ନିଯୁକ୍ତି ଦୁର୍ନୀତିର ପେଣ୍ଠସ୍ଥଳୀ ପାଲଟିଛି। ଏସ୍‌ପିଏମ୍‌ୟୁ ଜିଇଏଫ୍-୭ ଫୋଲୁର୍ ପ୍ରୋଜେକ୍ଟରେ ଷ୍ଟେଟ୍ ଭାଲ୍ୟୁ ଚେନ୍ ଏକ୍ସପଟ୍ ପଦରେ ତଞ୍ଚକତା କରି ନିଯୁକ୍ତି ଦିଆଯାଇଥିବା ନେଇ ପୂର୍ବରୁ 'ସକାଳ'ରେ ଖବର ପ୍ରକାଶ ପାଇଥିବାବେଳେ ସେହି ସମାନ ପ୍ରୋଜେକ୍ଟରେ ଏମ୍‌ଇ ଆଣ୍ଡ କମ୍ୟୁନିକେସନ୍ ଏକ୍ସପର୍ଟ ଭାବେ ଆଉ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି। ଯୋଗ୍ୟତା ନ ଥାଇ ଏକାଧିକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ କୃଷି ବିଭାଗରେ ବଡ଼ଧରଣର ଦୁର୍ନୀତି କେଳେଙ୍କାରୀ ହୋଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁଯାୟୀ, ଆମେରିକା ସହଯୋଗରେ ଚାଲିଥିବା ଜିଇଏଫ୍-୭ ଫଲୁର୍ ପ୍ରୋଜେକ୍ଟରେ ରାଜ୍ୟ ମନିଟରିଂ ଇଭାଲ୍ୟୁଏସନ୍ (ଏମ୍‌ଇ) ଆଣ୍ଡ କମ୍ୟୁନିକେସନ୍ ଏକ୍ସପର୍ଟ୍ ଭାବେ ଜଣେ ପ୍ରାର୍ଥୀ ନିଯୁକ୍ତି ପାଇଛନ୍ତି। ମାତ୍ର ଏହି ପଦ ପାଇଁ ଧାର୍ଯ୍ୟ ଯୋଗ୍ୟତା ତାଙ୍କର ନାହିଁ। ପ୍ରୋଜେକ୍ଟ ପରିଚାଳନା ଓ ମୂଲ୍ୟ ନିର୍ଦ୍ଧାରଣ ଉପରେ ଅତି କମ୍‌ରେ ୭ ବର୍ଷର ଅଭିଜ୍ଞତା ଆବଶ୍ୟକ ଥିବାବେଳେ ଏହି କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ମୂଳରୁ ନାହିଁ। ଗଣମାଧ୍ୟମ ସହିତ କାର୍ଯ୍ୟ କରିବା ବା କର୍ମଶାଳା ଆୟୋଜନ କରିବାର ଅଭିଜ୍ଞତା ମଧ୍ୟ ନାହିଁ। ଅଭିଜ୍ଞତା ନ ଥିବା ସତ୍ତ୍ୱେ ଚୟନକର୍ତ୍ତାଙ୍କ ଅହେତୁକ ଅନୁକମ୍ପା କାରଣରୁ ସେ ଅଭିଜ୍ଞତା କ୍ଷେତ୍ରରେ ପୂର୍ଣ୍ଣ ମାର୍କ ପାଇଛନ୍ତି। ଯେଉଁ ପ୍ରାର୍ଥୀ ୨୦୨୩ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଂର ଶ୍ରେଷ୍ଠ ଶହେ ମଧ୍ୟରେ ଥିବା ଶିକ୍ଷାନୁଷ୍ଠାନରୁ ଉଭୟ ସ୍ନାତକ ଓ ସ୍ନାତକୋତ୍ତରରେ ପାସ୍ କରିଥିବେ, ସେ ୫ ମାର୍କ ଲେଖାଏଁ ମୋଟ୍ ୧୦ ମାର୍କ ଅତିରିକ୍ତ ଭାବେ ପାଇବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ଥିଲା। ମାତ୍ର ସମ୍ପୃକ୍ତ ପ୍ରାର୍ଥୀ ପୁରୀସ୍ଥିତ ଏସ୍‌ସିଏସ୍ କଲେଜ କଲେଜରୁ ସ୍ନାତକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଏକ ଘରୋଇ ମହାବିଦ୍ୟାଳୟ ଓ ଇଗ୍ନୋରୁ ୨ଟି ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ମଧ୍ୟ କୌଣସି ଶିକ୍ଷାନୁଷ୍ଠାନ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଂ ପାଇ ନାହାନ୍ତି। ମାତ୍ର ସମ୍ପୃକ୍ତ ପ୍ରାର୍ଥୀଙ୍କୁ ଅତିରିକ୍ତ ଭାବେ ୧୦ ମାର୍କ ପ୍ରଦାନ କରାଯାଇଛି।

ଅପରପକ୍ଷରେ ଏହି ପ୍ରୋଜେକ୍ଟରେ ନିଯୁକ୍ତି ପାଇଥିବା ସମ୍ପୃକ୍ତ ପ୍ରାର୍ଥୀ ପୂର୍ବରୁ ସେହି ବିଭାଗରେ କାର୍ଯ୍ୟରତ ଥିବା ମଧ୍ୟ ଜଣାପଡ଼ିଛି। ଏହି ପଦ ପାଇଁ ପ୍ରାୟ ୧ ଲକ୍ଷ ୧୦ ହଜାର ଟଙ୍କା ଦରମା ହୋଇଥିବାରୁ ଯେନତେନ ଉପାୟରେ ତାଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ଏଥିପାଇଁ ଲକ୍ଷାଧିକ ଟଙ୍କା ଲାଞ୍ଚ କାରବାର ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ ସମ୍ପର୍କରେ ନିଯୁକ୍ତି ପ୍ରକ୍ରିୟା କରିଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଅଫ୍ ଏଗ୍ରିକଲଚରାଲ୍ ଏକ୍ସଟେନ୍‌ସନ୍ (ଇମେଜ୍)ର ବିଭାଗୀୟ ଅଧିକାରୀମାନେ ମୁହଁ ଖୋଲୁ ନ ଥିବାବେଳେ ପରୋକ୍ଷରେ ତଞ୍ଚକତା ହୋଇଥିବା କଥା ସ୍ୱୀକାର କରୁଛନ୍ତି। ମାତ୍ର ଏହା ତାଙ୍କ ସମୟରେ ନୁହେଁ; ବରଂ ପୂର୍ବରୁ ଥିବା ଅଧିକାରୀ ତଞ୍ଚକତା କରିଥିବା ସଫେଇ ଦେଇଛନ୍ତି। ରାଜ୍ୟରେ କୃଷିର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ କିଛି ଅଧିକାରୀ ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅଯୋଗ୍ୟଙ୍କୁ ନିଯୁକ୍ତି ଦେଉଥିବାରୁ ଯୋଜନା ବାଟବଣା ହୋଉଥିବା ଅଭିଯୋଗ ହୋଇଛି। କେବଳ ଏହି ଦୁଇଟି ପଦରେ ନୁହେଁ; ଏପରି ତଞ୍ଚକତା କରି ଏକାଧିକ ପଦରେ ନିଯୁକ୍ତି ଦିଆଯାଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି।

## ଅପମାନିତ ହେଉଛି ରାଜ୍ୟ, ଲଜ୍ଜିତ ହେଉନାହାନ୍ତି ସରକାର: ଭକ୍ତ

### ହାଇକୋର୍ଟ ଆଇନଜୀବୀଙ୍କ କଂଗ୍ରେସରେ ସମୂହ ଯୋଗଦାନ




ଭୁବନେଶ୍ୱର,୨୧।୬(ସମିସ): ଓଡିଶା ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ଉପ ସଭାପତି କରୁଣାକର ରଥ ଏବଂ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବହୁ ଆଇନଜୀବୀ ଓ ତାଙ୍କର ଶତାଧିକ ସହକର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ, ବିଶିଷ୍ଟ ଆଇନଜୀବୀ ମାନଙ୍କ ଦଳରେ ମିଶ୍ରଣ ଫଳରେ କଂଗ୍ରେସ ପାଇଁ ନ୍ୟାୟିକ ଲଢେଇ ସହଜ ହେବ। ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଏକଜାମିନ କରାଯିବ। ବର୍ତ୍ତମାନର ସରକାର ହେଉଛି ମୂର୍ଖଙ୍କ ସରକାର। ତେଣୁ ସେମାନେ ମୂର୍ଖ ତିଆରି କରୁଛନ୍ତି। କାରଣ ମେଧାବୀ ଛାତ୍ର ବାହାରିଲେ ଚାକିରୀ ଦେବାକୁ ପଡ଼ିବ। ସରକାରଙ୍କ ରାଜ୍ୟ ପ୍ରତି ପ୍ରତିବଦ୍ଧତା ନାହିଁ। ବିଭିନ୍ନ ଅଘଟଣ ଘଟି ରାଜ୍ୟ ପ୍ରତିଦିନ ଅପମାନିତ ହେଉଛି ରାଜ୍ୟ ତଥାପି ସରକାର ଲଜ୍ଜିତ ହେଉ ନାହାନ୍ତି ବୋଲି ସେ କହିଛନ୍ତି। ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ କଟକ ସିଟି ଜିଲ୍ଲା କଂଗ୍ରେସ ସଭାପତି ଶାନ୍ତାୟନ ମିଶ୍ର ଏବଂ ପିସିସି ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତିଙ୍କ ସମେତ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାଶ, ପିସିସି ମିଡ଼ିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ପିସିସି ଆଇନ ବିଭାଗ ଅଧ୍ୟକ୍ଷ ରତିକାନ୍ତ ମହାପାତ୍ରଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

### କଟକ ରେଳ ଷ୍ଟେସନ୍‌ରେ ଅପରେସନ୍ 'ମାତୃଶକ୍ତି'

## ଚଳନ୍ତା ଟ୍ରେନ୍‌ରେ ମହିଳାଙ୍କ ସନ୍ତାନ ପ୍ରସବ

■ ଆର୍‌ପିଏଫ୍ ସହାୟତା ଯୋଗୁଁ ଜୀବନ ପାଇଲେ ମା' ଓ ଦୁଇ ଶିଶୁ

■ ଶିଶୁ ଓ ମା' ଏସ୍‌ସିବିରେ ଭର୍ତ୍ତି: ସମ୍ପୂର୍ଣ୍ଣ ସୁସ୍ଥ ଓ ସୁରକ୍ଷିତ

କଟକ,୨୧।୬(ସମିସ): ରେଳଯାତ୍ରୀଙ୍କ ସୁରକ୍ଷା ଓ ସେବାରେ ସର୍ବଦା ନିୟୋଜିତ ଥିବା ଆରପିଏଫ୍ (ରେଳବାଇ ସୁରକ୍ଷା ବଳ) ପୁଣି ମାନବିକତାର ପରିଚୟ ଦେଇଛି। କଟକ ଆରପିଏଫ୍ ପୋଷ୍ଟ ପକ୍ଷରୁ ଜଣେ ଗର୍ଭବତୀ ମହିଳାଙ୍କୁ ପ୍ରସବ ସମୟରେ ତତ୍କାଳ ସହାୟତା ଯୋଗାଇ ଦିଆଯାଇ ୨ ନବଜାତ ଶିଶୁ ଓ ମା'ଙ୍କ ଜୀବନ ରକ୍ଷା କରାଯାଇଛି। ଚଳନ୍ତା ଟ୍ରେନରେ ପ୍ରଥମ ସନ୍ତାନ ଏବଂ ହସ୍ପିଟାଲ ଯିବା ବାଟରେ ଆମ୍ବୁଲାନ୍ସ ଭିତରେ ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେଇଛନ୍ତି ସମ୍ପୃକ୍ତ ମହିଳା। ବର୍ତ୍ତମାନ ମା' ଓ ଦୁଇ ଜାଆଁଳା ଶିଶୁ ସୁରକ୍ଷିତ ଥିବା ଜଣାପଡ଼ିଛି।

ଆରପିଏଫ୍ ସୂଚନା ଅନୁସାରେ, ରାଉରକେଲାରୁ ଗୁଣୁପୁର ଅଭିମୁଖେ ଯାଉଥିବା ଟ୍ରେନ୍ ନମ୍ବର ୧୮୧୧୭ ରାଜ୍ୟରାଣୀ ଏକ୍ସପ୍ରେସର ଜେନେରାଲ ବଗିରେ ଜଣେ ମହିଳା ଯାତ୍ରୀଙ୍କ ପ୍ରସବ ବେଦନା ହେଉଥିବା ନେଇ ଖୋର୍ଦ୍ଧା ରୋଡ୍ କଣ୍ଟ୍ରୋଲ୍ ରୁମ୍‌ରୁ କଟକ ଆରପିଏଫ୍‌କୁ ଖବର ମିଳିଥିଲା। ସୂଚନା ପାଇବା ମାତ୍ରେ କଟକ ଆରପିଏଫ୍ ପୋଷ୍ଟର ଜଣେ ଡ୍ୟୁଟି ଅଫିସରଙ୍କ ସହ ୩ ଜଣ ମହିଳା ଆରପିଏଫ୍ କର୍ମଚାରୀ ସମ୍ପୃକ୍ତ ଟ୍ରେନ ଆସିବାକୁ ସମୟକୁ ଅପେକ୍ଷା କରି କଟକ ରେଳଷ୍ଟେସନର ୩ ନମ୍ବର ପ୍ଲାଟଫର୍ମରେ ପ୍ରସ୍ତୁତ ରହିଥିଲେ। ଭୋର ୬ଟା ୫୩ ମିନିଟ୍‌ରେ ଟ୍ରେନ୍ ପହଞ୍ଚିବା ପରେ ସେମାନେ ତୁରନ୍ତ ଉକ୍ତ ବଗିକୁ ଯାଇଥିଲେ।



ସେମାନେ ଟ୍ରେନ୍ ଭିତରକୁ ଯାଇ ଦେଖିବାକୁ ପାଇଥିଲେ ଯେ ସମ୍ପୃକ୍ତ ମହିଳା ଜଣକ ଟ୍ରେନ୍ ଭିତରେ ହିଁ ଏକ ଶିଶୁକୁ ଜନ୍ମ ଦେଇ ସାରିଛନ୍ତି ଏବଂ ସେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ସିଟ୍‌ରେ ପଡ଼ିରହିଛନ୍ତି। କିନ୍ତୁ ସେ ଜାଆଁଳା ସନ୍ତାନର ମା' ହେବାକୁ ଯାଉଥିବାରୁ ତାଙ୍କର ପ୍ରସବ ବେଦନା ଅତି କଷ୍ଟଦାୟକ ଓ ତୀବ୍ର ଥିଲା ବୋଲି ରେଳ କର୍ମଚାରୀ ଜାଣିବାକୁ ପାଇଥିଲେ। ଏହାକୁ ଦୃଷ୍ଟିରେ ରଖି ଆରପିଏଫ୍ କର୍ମଚାରୀମାନେ ପ୍ଲାଟଫର୍ମର ସମ୍ପୃକ୍ତ ଅଞ୍ଚଳକୁ କପଡ଼ା ଦ୍ୱାରା ଘେରାଇ ଦେଇଥିଲେ। ସେହି ସମୟରେ ଷ୍ଟେସନରେ ଲାଉଡ୍ ସ୍ପିକର ଯୋଗେ ଯାତ୍ରୀମାନଙ୍କ ମଧ୍ୟରେ କୌଣସି ଡାକ୍ତର ବା ଚିକିତ୍ସା କର୍ମୀ ଅଛନ୍ତି କି ନାହିଁ ସହାୟତା ପାଇଁ ନିବେଦନ କରାଯାଇଥିଲା। ଏହି ଘୋଷଣା ଶୁଣି ଟ୍ରେନରେ ଯାତ୍ରା କରୁଥିବା ଜଣେ ଫାର୍ମାସିଷ୍ଟ ସ୍ୱେଚ୍ଛାକୃତ ଭାବେ ଆଗକୁ ଆସି ମା' ଓ ନବଜାତ ଶିଶୁର ପ୍ରାଥମିକ ଚିକିତ୍ସା କରିଥିଲେ। ଏହାପରେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇ ମହିଳା ଏବଂ ଶିଶୁକୁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସହାୟତା ପାଇଁ ଆମ୍ବୁଲାନ୍ସରେ ୨ ଜଣ ମହିଳା ଆରପିଏଫ୍ କର୍ମଚାରୀ ମଧ୍ୟ ହସ୍ପିଟାଲ ଯାଇଥିଲେ। ତେବେ ମେଡିକାଲ ଯିବା ବାଟରେ ଆମ୍ବୁଲାନ୍ସ ଭିତରେ ହିଁ ମହିଳା ଜଣକ ଆରପିଏଫ୍ ମହିଳା କର୍ମଚାରୀଙ୍କ ପ୍ରତ୍ୟକ୍ଷ ସହାୟତାରେ ଦ୍ୱିତୀୟ ଶିଶୁକୁ ସଫଳତାର ସହ ଜନ୍ମ ଦେଇଥିବା ଜଣାପଡ଼ିଛି। ଏସସିବି ମେଡିକାଲ ସୂଚନା ଅନୁସାରେ, ଉଭୟ ମା' ଓ ୨ଟି ନବଜାତ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଓ ସୁରକ୍ଷିତ ଅଛନ୍ତି। ଏହି ଜରୁରିକାଳୀନ ଚିକିତ୍ସା ସେବା ଏବଂ ସହାୟତା ଯୋଗୁଁ ୧୮୧୧୭ ରାଜ୍ୟରାଣୀ ଏକ୍ସପ୍ରେସ କଟକ ଷ୍ଟେସନରେ ସକାଳ ୭ଟାରୁ ୭ଟା ୧୫ ପର୍ଯ୍ୟନ୍ତ ପ୍ରାୟ ୧୫ ମିନିଟ୍ ବିଳମ୍ବରେ ଚାଲିଥିଲା। ଆରପିଏଫ୍ କର୍ମଚାରୀଙ୍କ ଏଭଳି ତତ୍କାଳ ପ୍ରତିକ୍ରିୟା ଏବଂ ବୃତ୍ତିଗତ ମନୋଭାବ ଯୋଗୁଁ ଏକ ବଡ଼ ବିପତ୍ତି ଟଳିଯାଇଥିଲା। ଯାତ୍ରୀଙ୍କ ସୁରକ୍ଷା ଓ କଲ୍ୟାଣ ପ୍ରତି ଆର୍‌ପିଏଫର ଏହି ନିଷ୍ଠାପର ଉଦ୍ୟମକୁ ଷ୍ଟେସନରେ ଉପସ୍ଥିତ ଥିବା ସମସ୍ତ ଯାତ୍ରୀ ଓ ସାଧାରଣ ଜନତା ସାଧୁବାଦ ଜଣାଇଛନ୍ତି।

### ଦିଲ୍ଲୀର ଗବେଷିକା ଯୁବତୀଙ୍କୁ ଅସଦାଚରଣ

## 'ରେଡ୍ ଫ୍ଲାଗ୍' ଘୋଷଣା, ପୁଲିସର ଫ୍ଲାଗ୍ ମାର୍ଚ୍ଚ

କଲ୍ୟାଣସିଂହପୁର/ଭୁବନେଶ୍ୱର,୨୧।୬(ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂପୁରରେ ଭିଡ଼ ହିଂସା ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇଛି। ଦିଲ୍ଲୀରୁ ଗବେଷଣା ପାଇଁ ଆସିଥିବା ଛାତ୍ରୀ ଓ ଛାତ୍ରଙ୍କ ସହ ଘଟିଥିବା ବର୍ବରତା ମାମଲାକୁ ରେଡଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରିବାକୁ ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ତତ୍ତ୍ୱାବଧାନରେ ଘଟଣାର ତଦନ୍ତ କରାଯିବ। ତଦନ୍ତର ଅଗ୍ରଗତି ନେଇ ସମୀକ୍ଷା କରିବାକୁ ସିଏଡବ୍ଲ୍ୟୁ ଓ ସିଡବ୍ଲୁ ଏଡିଜି ଏସ୍. ସାଇନିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ଖୁବଶୀଘ୍ର ଏଡିଜି ସାଇନିଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳକୁ ଯାଇ ମଧ୍ୟ ତଦନ୍ତ କରିବ। ଏପରିକି ପୀଡିତାଙ୍କୁ ଭିଡିଓ କନଫରେନ୍ସିଂ ଜରିଆରେ ସିଏଡବ୍ଲ୍ୟୁ ଓ ସିଡବ୍ଲୁ ଟିମ୍ ମଧ୍ୟ ପଚରାଉଚରା କରି ତଥ୍ୟ ହାସଲ କରିବ। ତେବେ ଆବଶ୍ୟକ ପଡ଼ିଲେ ପୁଲିସ ଟିମ୍ ଦିଲ୍ଲୀ ଯାଇ ମଧ୍ୟ ପୀଡିତାଙ୍କୁ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ଆଜି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ଶିବଜି ପଣ୍ଡାଙ୍କ ନେତୃତ୍ୱରେ ଥାନାର ସମସ୍ତ କର୍ମଚାରୀଙ୍କ ସମେତ ଏକ ପ୍ଲାଟୁନ ପୁଲିସ ମିଳିତ ଭାବେ କଲ୍ୟାଣସିଂହପୁର ସଦରରେ ଫ୍ଲାଗ ମାର୍ଚ୍ଚ କରିଥିଲେ।

### ନାବାଳିକାକୁ ଅସଦାଚରଣ

## ବିଧାୟକଙ୍କ ଡ୍ରାଇଭର ଗିରଫ

ରାୟଗଡ଼, ୨୧।୬ (ସମିସ): ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍‌ରେ ଜଣେ ନାବାଳିକାଙ୍କୁ ଅସଦାଚରଣ ଏବଂ ଦୁର୍ବ୍ୟବହାର ଅଭିଯୋଗରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କ ଡ୍ରାଇଭର ବିକାଶ ବାଗଙ୍କୁ ରାୟଗଡ ଜିଆରପି ଗିରଫ କରିଛି। ଏନେଇ ରାୟଗଡ ଜିଆରପି ଥାନା ଅଧିକାରୀ ବିନୟ କୁମାର ମିଞ୍ଜଙ୍କ ସୂଚନା ଅନୁସାରେ, ଗତ ଜୁନ୍ ୨୦ ରାତିରେ ରାୟଗଡ ଆରପିଏଫ୍‌ର ଗୁଇନ୍ଦା ବିଭାଗର ଜଣେ କର୍ମଚାରୀଙ୍କ ପରିବାର ଲୋକେ ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଯାତ୍ରା କରୁଥିବା ବେଳେ ବିକାଶ ବାଗ ମଧ୍ୟ ଯାଉଥିଲେ। ସେ ନାବାଳିକାଙ୍କ ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ମା' ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ଘଟଣା ସମୟରେ ବିଧାୟକଙ୍କ ପିଏସ୍‌ଓ ମଧ୍ୟ ସେହି ବଗିରେ ଉପସ୍ଥିତ ଥିଲେ। ବିଧାୟକ ପବିତ୍ର ସାଉଁତା ଟ୍ରେନ୍‌ର ଅନ୍ୟ ଏକ ବଗିରେ ଯାତ୍ରା କରୁଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ରବିବାର ନାବାଳିକାଙ୍କ ବାପା ରାୟଗଡ଼ା ଜିଆରପି ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ବିକାଶ ବାଗଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରବର୍ତ୍ତୀ ସମୟରେ ପକ୍ସୋ ଆଇନ ସମେତ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ସମ୍ପୃକ୍ତ ଧାରାରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବା ପରେ ଆଜି କୋର୍ଟ ଚାଲାଣ କରାଯାଇଥିବା ଜିଆରପି ଥାନା ଅଧିକାରୀ ଶ୍ରୀ ମିଞ୍ଜ ସୂଚନା ଦେଇଛନ୍ତି।

## ଶିଶୁ ଭବନରେ ଡାକ୍ତର ଓ ନର୍ସିଂ କର୍ମଚାରୀଙ୍କ ଘୋର ଅଭାବ

### ପାଞ୍ଚଜଣ ଡାକ୍ତର ଦରକାର; କିନ୍ତୁ ଅଛନ୍ତି ଜଣେ

କଟକ,୨୧।୬(ସମିସ): କେବଳ ରାଜ୍ୟର ନୁହେଁ; ପୂର୍ବାଞ୍ଚଳ ରାଜ୍ୟ ଭିତରେ କଟକରେ ଥିବା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ ବା ଶିଶୁ ଭବନର ସ୍ୱତନ୍ତ୍ର ସ୍ଥାନ ପ୍ରମୁଖ ରହିଛି। ଏହି ମେଡିକାଲରେ କେବଳ ଓଡ଼ିଶାର ଶିଶୁମାନେ ଚିକିତ୍ସିତ ହୋଇ ନଥାନ୍ତି, ଏଠାରେ ରାଜ୍ୟ ବାହାରୁ ମଧ୍ୟ ବହୁ ଶିଶୁ ଉନ୍ନତମାନର ଚିକିତ୍ସା ପାଇଁ ଆସିଥାନ୍ତି। ଏଠାରେ ନାହିଁ ନାହିଁରେ ଚାଲିଛି ଚିକିତ୍ସା। ନା ଅଛନ୍ତି ଆବଶ୍ୟକ ଡାକ୍ତର ନା ନର୍ସିଂ କର୍ମଚାରୀ। ଚିକିତ୍ସା ପାଇଁ ଯେତିକି ସଂଖ୍ୟକ ଡାକ୍ତର ଏବଂ ନର୍ସିଂ କର୍ମଚାରୀଙ୍କ ଆବଶ୍ୟକତା ରହିଛି ଏହାର ଚାରି ଭାଗରୁ ଭାଗେ ମଧ୍ୟ ଡାକ୍ତର କିମ୍ବା ନର୍ସିଂ କର୍ମଚାରୀ ନାହାନ୍ତି।

ଏମିତିରେ ଚାଲିଛି ଶିଶୁ ଭବନରେ ଶିଶୁଙ୍କ ଚିକିତ୍ସା। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସୂଚନାରୁ ଏହା ଜଣାପଡ଼ିଛି। ଶିଶୁଙ୍କ ଚିକିତ୍ସା ପାଇଁ ଶିଶୁ ରୋଗ ବିଶେଷଜ୍ଞଙ୍କ ସମେତ ଶିଶୁ ସର୍ଜନ, ଆନାସ୍ଥିଓଲୋଜି, ରେଡିଓଲୋଜି, ସାଇକାଟ୍ରିକ୍, ପାଥୋଲୋଜି, ମାଇକ୍ରୋବାୟୋଲୋଜି, ବାୟୋକେମେଷ୍ଟ୍ରି, ମେଡିକାଲ ଅଫିସର ଆଦି ମୋଟ୍ ୧୧୪ଟି ଗୁରୁତ୍ୱପୂର୍ଣ୍ଣ ପଦ ରହିଛି। କିନ୍ତୁ ଏଥିରୁ ମାତ୍ର ୩୮ ଟି ପଦ ପୂରଣ ହୋଇଥିଲାବେଳେ ବାକି ୭୬ଟି ପଦ ଫାଙ୍କା ପଡ଼ିଛି। ଏହିସବୁ ପଦଗୁଡ଼ିକ ସିଧାସଳଖ ଶିଶୁଙ୍କ ଚିକିତ୍ସା ସହ ଜଡ଼ିତ; ଅର୍ଥାତ ଏହି ପଦରେ ଥିବା ଡାକ୍ତର ବା ଅନ୍ୟ ପଦାଧିକାରୀମାନେ ଶିଶୁଙ୍କ ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଶିଶୁ ଭବନରେ ଯେଉଁଠି ୮ ଜଣ ଆନାସ୍ଥାସିଓଲୋଜିଙ୍କର ଆବଶ୍ୟକତା ରହିଛି ସେଠି ମାତ୍ର ୨ ଜଣଙ୍କୁ ନେଇ ଶିଶୁଙ୍କ ଚିକିତ୍ସା ଚାଲିଛି। ଯେଉଁଠି ୭ଜଣ ରେଡିଓଲୋଜିଷ୍ଟଙ୍କ ଆବଶ୍ୟକତା ରହିଛି ସେଠି ମାତ୍ର ୨ ଜଣ ରହିଛନ୍ତି। ସେହିପରି ଯେଉଁଠି ୭ଜଣ ପାଥୋଲୋଜିଷ୍ଟଙ୍କ ଆବଶ୍ୟକତା ରହିଛି ସେଠି ମାତ୍ର ୨ ଜଣ ରହିଛନ୍ତି। ଯେଉଁଠି ୬ଜଣ ମାଇକ୍ରୋବାୟୋଲୋଜିଙ୍କ ଆବଶ୍ୟକତା ରହିଛି ସେଠି ମାତ୍ର ଜଣଙ୍କୁ ନେଇ କାର୍ଯ୍ୟ ଚାଲିଛି। ବାୟୋକେମିଷ୍ଟ୍ରି କ୍ଷେତ୍ରରେ ମଧ୍ୟ ସମାନ ଘଟଣା ରହିଛି। ଏହି ବିଭାଗରେ ଯେଉଁଠି ୬ ଜଣଙ୍କର ଆବଶ୍ୟକତା ରହିଛି ସେଠି ମାତ୍ର ଜଣଙ୍କୁ ନେଇ କାର୍ଯ୍ୟ ଚାଲିଛି।




ଯେଉଁଠି ୫ ଜଣ ମେଡିକାଲ ଅଫିସରଙ୍କ ଆବଶ୍ୟକତା ରହିଛି ସେଠି ମାତ୍ର ଜଣେ ଅଫିସର ରହିଛନ୍ତି। ଡାକ୍ତରଙ୍କ ପରେ ନର୍ସ, ଫାର୍ମାସୀ ଅଫିସର, ମେଡିକାଲ ଲାବରୋଟୋରୀ ଟେକ୍ନିସିଆନ୍ ଏବଂ ରେଡିଓଗ୍ରାଫରଙ୍କ ଉପରେ ଶିଶୁଙ୍କ ପରବର୍ତ୍ତୀ ଚିକିତ୍ସା ଭାର ପଡ଼ିଥାଏ। ଶିଶୁ ଭବନର ରୋଗୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଏଠାରେ ଉପରୋକ୍ତ କର୍ମଚାରୀଙ୍କ ପାଇଁ ୮୧୭ଟି ମଞ୍ଜୁରୀପ୍ରାପ୍ତ ପଦ ରଖାଯାଇଛି। ହେଲେ, ଏଥିରୁ ୬୧୧ଟି ପଦ ଖାଲିପଡ଼ିଛି। ମାତ୍ର ୨୦୬ ପଦରେ କର୍ମଚାରୀ କାମ କରୁଛନ୍ତି। ଯେଉଁଠି ୩୬୩ଜଣ ନର୍ସିଂ ଅଫିସରଙ୍କ ଆବଶ୍ୟକତା ରହିଛି ସେଠି ମାତ୍ର ୧୮୯ ଜଣ ଅଛନ୍ତି। ୧୭୪ଟି ପଦ ଖାଲିପଡ଼ିଛି। ୩୨୭ଟି ବରିଷ୍ଠ ନର୍ସିଂ ଅଫିସର ପଦରୁ ସମସ୍ତ ପଦ ଖାଲିପଡ଼ିଛି। ୭୨ଟି ସହକାରୀ ନର୍ସିଂ ଅଧୀକ୍ଷକ ପଦ ରହିଥିଲାବେଳେ ଏଥିରୁ ମାତ୍ର ୨ଟି ପଦରେ କର୍ମଚାରୀ ଅଛନ୍ତି। ୭୦ଟି ପଦ ଖାଲି ପଡ଼ିଛି। ୧୨ଟି ଡେପୁଟି ନର୍ସିଂ ଅଧୀକ୍ଷକ ପଦରୁ ସମସ୍ତ ପଦ ଖାଲିପଡ଼ିଛି। ୧୪ଟି ଫାର୍ମାସି ଅଫିସର ପଦରୁ ୭ଟି ପଦ ପୂରଣ ହୋଇଛି। ୨୫ଟି ବରିଷ୍ଠ ଫାର୍ମାସି ଅଫିସର ମଧ୍ୟରୁ ସମସ୍ତ ପଦ ଖାଲିପଡ଼ିଛି। ୧୧ଟି ସିନିୟର୍ ଫାର୍ମାସି ଅଫିସର ମଧ୍ୟ ଖାଲିପଡ଼ିଛି। ମେଡିକାଲ ଲାବରୋଟୋରୀ ଟେକ୍ନିସିଆନ୍ ୧୭ଟି ପଦରୁ ୧୫ଟି ପଦ ଖାଲି ପଡ଼ିଛି। ଟେକ୍ନିକାଲ ଅଫିସର ୧୭ଟି ପଦରୁ ୧୪ଟି ପଦ ଖାଲି ପଡ଼ିଛି।

# ରାୟଗଡ଼ା ବର୍ବରତା
# ଅପରାଧୀଙ୍କୁ କଠୋର ଶାସ୍ତି ପ୍ରଦାନ ଦାବିରେ ବିକ୍ଷୋଭ

କଣିହାଁ, ୨୧।୬(ସମିସ)

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ରାଜ୍ୟ ବାହାରୁ ଆସିଥିବା ଯୁବତୀ ଓ ଯୁବକଙ୍କ ଉପରେ ହୋଇଥିବା ଅମାନବୀୟ, ନୃଶଂସ ସଙ୍ଘବଦ୍ଧ ଆକ୍ରମଣ, ବିଶେଷ କରି ଯୁବତୀଙ୍କ ଉପରେ କରାଯାଇଥିବା ବର୍ବର ନିର୍ଯାତନାକୁ କଠୋର ପ୍ରତିବାଦ କରି ରବିବାର ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ, କଣିହାଁ ବ୍ଲକ କମିଟି ପକ୍ଷରୁ ବାଇପାସ ଛକରେ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ସଂଗଠନର ଅନୁଗୋଳ ଜିଲ୍ଲା ସମ୍ପାଦିକା ମାନସୀ ସ୍ୱାଇଁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଲେ ଯେ ରାଜ୍ୟରେ ବିଜେପି ସରକାର ଶାସନରେ ବ୍ୟାପକ ଭାବେ ବୃଦ୍ଧି ପାଇଥିବା ଭିଡ଼ ହିଂସା, ନାରୀ ନିର୍ଯାତନା ଘଟଣା ଏବଂ ସେ କ୍ଷେତ୍ରରେ ପୁଲିସ ପ୍ରଶାସନର ନିଷ୍କ୍ରିୟତା କେବଳ ନୁହେଁ ବରଂ ଅପରାଧୀଙ୍କୁ ପ୍ରଶ୍ରୟ ଦିଆଯିବା ଯୋଗୁଁ ଆଜି ରାଜ୍ୟ ପରିସ୍ଥିତି ଅତ୍ୟନ୍ତ ଉଦବେଗଜନକ ହୋଇପଡ଼ିଛି। ସାରା




ଦେଶରେ ଏବଂ ଏହି ରାଜ୍ୟର କୋଣ ଅନୁକୋଣରେ ବିଭିନ୍ନ ଆଳରେ କେତେକ ଗୋଷ୍ଠୀ ଆଇନକୁ ହାତକୁ ନେଇ ଅତ୍ୟନ୍ତ ବର୍ବର କାଣ୍ଡ ଘଟାଇ ଚାଲିଛନ୍ତି। ଉକ୍ତ ଘଟଣାରେ ଯୁବତୀଙ୍କ ସହ ଯେଉଁଭଳି ଦୁର୍ବ୍ୟବହାର କରାଯାଇଛି, ସଙ୍ଘବଦ୍ଧ ଭାବେ ଯୌନ ନିର୍ଯାତନା ଦିଆଯାଇଛି ତାହା ସମଗ୍ର ଦେଶରେ ଓଡ଼ିଶାର ଗୌରବକୁ କାଳିମାଲିପ୍ତ କରିଛି। ଅବିଳମ୍ବେ ସମସ୍ତ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାଜ୍ୟରେ ଭିଡ଼ହିଂସା ବନ୍ଦ, ମହିଳା ଓ ଶିଶୁଙ୍କ ନିରାପତ୍ତା ସୁନିଶ୍ଚିତ କରିବା ତଥା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ସୁଧାର ଆଣିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ସେ ଦୃଢ଼ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ବ୍ଲକ ସମ୍ପାଦିକା ମିନତୀ ସାମଲ, ସଂଗଠିକା ପଙ୍କଜିନୀ ସିଂ, ସୁଷମା ନାଏକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ମହିଳା ସମ୍ମାନ ସ୍ଲୋଗାନ ଦେଉଥିବାବେଳେ ସମଗ୍ର ଦେଶ ଓ ଆମ ରାଜ୍ୟରେ ମହିଳାଙ୍କ ଉପରେ ପ୍ରତିନିୟତ ବଢ଼ି ଚାଲିଥିବା ଆକ୍ରମଣ, ଦୁଷ୍କର୍ମ, ହତ୍ୟା ଆଦି ଘଟଣା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନାରୀ ସୁରକ୍ଷା କ୍ଷେତ୍ରରେ ଅପାରଗତାକୁ ପ୍ରମାଣ କରୁଛି। ଏଭଳି ଏକ ଅଧଃପତିତ ଓ ଅସୁରକ୍ଷିତ ବାତାବରଣ ସୃଷ୍ଟି କରିବା କ୍ଷେତ୍ରରେ ସରକାରଙ୍କ କୁତ୍ସିତ ଘୃଣ୍ୟ ଅଭିସନ୍ଧି, ପୁଲିସ ପ୍ରଶାସନର ଅପାରଗତା ଏବଂ ସରକାରଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରୋତ୍ସାହନରେ ଚାଲିଥିବା ଅପସଂସ୍କୃତି, ଅଶ୍ଳୀଳତା ଓ ମଦ ମାଦକଦ୍ରବ୍ୟର ବ୍ୟାପକ ପ୍ରଚାର ପ୍ରସାର ହିଁ ସମ୍ପୂର୍ଣ୍ଣ ଦାୟୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମହିଳାଙ୍କ ସୁରକ୍ଷା ପାଇଁ ଏକ ଶକ୍ତିଶାଳୀ ସର୍ବବ୍ୟାପୀ ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ଜନଗଣଙ୍କୁ ଆହ୍ୱାନ ଦେଇଥିଲେ।

## ଅନୁସୂଚିତ ଜାତି-ଜନଜାତି ସଂଘର ବୈଠକ

କଣିହାଁ, ୨୧।୬(ସମିସ): କଣିହାଁ, ବିଜିଗୋଳ, କମରେଇ ଓ ଗଦାଶିଳା ପଞ୍ଚାୟତର ସଦସ୍ୟମାନଙ୍କୁ ନେଇ ରବିବାର ପୂର୍ବାହ୍ନ ୧୦ଟାରେ ଏନ୍‌ଟିପିସି ଏସ୍‌ସିଏସ୍‌ଟି ଏମ୍ପ୍ଲୟୀ ୱେଲଫେୟାରଆସୋସିଏସନପରିସରରେଅନୁସୂଚିତଜାତିଜନଜାତିସଂଘରବୈଠକଅନୁଷ୍ଠିତ ହୋଇଛି। ସଂଘ ସଭାପତି ପ୍ରଦୀପ କୁମାର ବେହେରା ଓ ସମ୍ପାଦକ ଅରୁଣ କୁମାର



ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ସଂଘର ବିଭିନ୍ନ ସମସ୍ୟା, ସଦସ୍ୟମାନଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ପଞ୍ଚାୟତ ସ୍ତରରେ ସଂଗଠନକୁ ଅଧିକ ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ପ୍ରତ୍ୟେକ ପଞ୍ଚାୟତରୁ ଦୁଇଜଣ ସକ୍ରିୟ କର୍ମୀଙ୍କୁ ଚୟନ କରି ସେମାନଙ୍କ ମାଧ୍ୟମରେ ପଞ୍ଚାୟତ ସ୍ତରରେ ନିୟମିତ ସଭା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ସଂଘର ସାଙ୍ଗଠନିକ କାର୍ଯ୍ୟକୁ ଆହୁରି ସକ୍ରିୟ କରିବା ପାଇଁ ପ୍ରତ୍ୟେକ ସଦସ୍ୟଙ୍କଠାରୁ ମାସିକ ୫୦ ଟଙ୍କା ସଦସ୍ୟ ଶୁଳ୍କ ଆଦାୟ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ବଳରାମ ନାଏକ, ବିଜୟ କୁମାର ବେହେରା, ବିଜୟ କୁମାର ନାଏକ, ରାଉତରା ନାଏକ, ପ୍ରଭାକର ନାଏକ, ପଦ୍ମଚରଣ ନାଏକ, କୁମୁଦନନ୍ଦ ନାଏକ, ଡାକ୍ତର ନାଏକ, ଶରତ ନାଏକ, ପ୍ରଦୀପ କୁମାର ନାଏକ, ଭାଗୀରଥି ନାଏକ, ଡିବିଏସ୍ କୁମାର ବେହେରା, ଅମର ନାଏକ, ଟୁନା ନାଏକ ଓ ବଳଭଦ୍ର ନାଏକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବିପୁଳ ବିଦେଶୀ ମଦ ଜବତ: ଜଣେ ଗିରଫ

ତାଳଚେର, ୨୧।୬(ସମିସ): ତାଳଚେର ବ୍ଲକ କଣ୍ଠାଳ ଗ୍ରାମରେ ଚଢ଼ଉ କରି ରବିବାର ପୁଲିସ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ତାଙ୍କଠାରୁ ବିଭିନ୍ନ ବ୍ରାଣ୍ଡର ୬୦.୮୩୦ ଲିଟର ମଦ ଓ ନଗଦ ଟଙ୍କା ଜବତ କରାଯାଇଛି। ବେଆଇନ ଭାବେ ମଦ ବିକ୍ରି ଅଭିଯୋଗରେ ଗ୍ରାମର ଟିକନ ବେହେରାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଟିକନ ମଦ ବିକ୍ରି କରୁଥିବା ନେଇ ବରଗଡ଼ ଅଞ୍ଚଳ ସିମେଣ୍ଟ ନଗର ଗ୍ରାମର ଅନାମ ମହାନନ୍ଦଙ୍କ ପୁଅ ରବୀନ୍ଦ୍ର ନାଥ ମହାନନ୍ଦ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏ ନେଇ ପୁଲିସ ଏକ ମାମଲା ରୁଜୁ କରିଛି।



## ପଞ୍ଚାୟତସ୍ତରୀୟ ଶକ୍ତିକେନ୍ଦ୍ର ବୈଠକ

କିଶୋରନଗର, ୨୧।୬(ସମିସ): କିଶୋରନଗର ବ୍ଲକ ରଣିଆକଟା ଶିବ ମନ୍ଦିର ନିକଟରେ ବିଜେପିର ପଞ୍ଚାୟତସ୍ତରୀୟ ଶକ୍ତିକେନ୍ଦ୍ର ବୈଠକ ଶକ୍ତିକେନ୍ଦ୍ର ସଭାପତି ପ୍ରହ୍ଲାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି।



ଏଥିରେ ଶକ୍ତିକେନ୍ଦ୍ର ପ୍ରଭାରୀ ହୃଦାନନ୍ଦ ପ୍ରଧାନ, ଅନୁସୂଚିତ ଜନଜାତି ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଶିଷ୍ଠ ନାୟକ, ଶରତ ଦାସ, ଜିତେନ୍ଦ୍ର ସାହୁ, ଚିକୁନା ବିଶ୍ୱାଳ, ମଧୁସୂଦନ ପ୍ରଧାନ, ବିନୟ ପ୍ରଧାନ, କୁମୁଦ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ସଞ୍ଜୟ ଦାଶ, ସୁରେଶ ଚନ୍ଦ୍ର ନାୟକ, ସଞ୍ଜୀବ ପ୍ରଧାନ ପ୍ରମୁଖ ସମସ୍ତ ବୁଥର ସଭାପତି ଓ କାର୍ଯ୍ୟକର୍ତ୍ତା ଯୋଗଦେଇ ଦଳୀୟ ସଂଗଠନ ମଜବୁତ କରିବା ଉପରେ ଆଲୋଚନା କରିଥିଲେ।

## ଠିକାସଂସ୍ଥା ସାଇଟ ଇନଚାର୍ଜଙ୍କ ଆକସ୍ମିକ ମୃତ୍ୟୁ

କଣିହାଁ, ୨୧।୬(ସମିସ): କଣିହାଁ କୋଇଲା ଖଣିରେ ଏକ ଠିକା ସଂସ୍ଥାରେ କାମ କରୁଥିବା ସାଇଟ ଇନଚାର୍ଜ ସୁଧୀର ନାୟକ (୬୧)ଙ୍କର ଶନିବାର ଆକସ୍ମିକ ମୃତ୍ୟୁ ହୋଇଛି। ସଧୀରଙ୍କ ଘର ରାଉରକେଲା ବାସନ୍ତୀ କଲୋନୀ ହୋଇଥିବା ବେଳେ ସେ ଏନଟିପିସି ଥାନା ଭୀମକାଣ୍ଡ ଅଞ୍ଚଳରେ ଏକ ଭଡ଼ାଘର ନେଇ ପରିବାର ସହ ରହୁଥିଲେ। ଶନିବାର ସକାଳେ ଶୌଚ ହେବା ପାଇଁ ଗାଧୁଆଘରକୁ ଯାଇ ଫେରିବା ବିଳମ୍ବ ହେବାରୁ ପାଖରେ ରହୁଥିବା ଲୋକେ କବାଟ ଖୋଲି ତାଙ୍କୁ ଅଚେତ ଅବସ୍ଥାରେ କଣିହାଁ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ପଠାଇଛି। ପୁଲିସ ଏ ନେଇ ତଦନ୍ତ ଚଳାଇଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କହିଛି।

## ବିଭିନ୍ନ ସମସ୍ୟା ନେଇ ପୂର୍ବତନ ସାଂସଦଙ୍କ କ୍ଷୋଭ

ତାଳଚେର, ୨୧।୬(ସମିସ): ଢେଙ୍କାନାଳ ଲୋକସଭା କ୍ଷେତ୍ରର ବିଭିନ୍ନ ସମସ୍ୟା ନେଇ ରବିବାର ତାଳଚେରଠାରେ ପୂର୍ବତନ ସାଂସଦ ମହେଶ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି। ଏବେ ସାରା ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ଏହାକୁ ନିୟନ୍ତ୍ରଣ କରି ଜନତାଙ୍କୁ ନ୍ୟାୟ ସହ ଜନପ୍ରତିନିଧି ଓ ସାମ୍ବାଦିକମାନଙ୍କ ପ୍ରତି ସମ୍ମାନ




ଦେବା, ତାଳଚେର ଥର୍ମାଲରେ ଷ୍ଟେଜ ୩ରେ ପର୍ଯ୍ୟାୟ କ୍ରମେ ୩ ମାସ ମଧ୍ୟରେ ଶ୍ରମିକଙ୍କୁ ନିଯୁକ୍ତି ଦେବାକୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ନିଷ୍ପତ୍ତି ହୋଇଥିବା ବେଳେ ତାହା ହେଉ ନ ଥିବା, ହିନ୍ଦୋଳ କ୍ଷେତ୍ରରେ ସର୍ବାଧିକ ହାତୀ ଆକ୍ରମଣରେ ମୃତ୍ୟୁ ହେଉଥିବା, ରାଜ୍ୟ ସରକାର ୨ ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ଏହି ସମୟରେ ପଞ୍ଚାୟତ ଓ ସହରୀ ବିକାଶ ଯୋଜନାରେ କେତେ ଫୁଟ ରାସ୍ତା ନିର୍ମାଣ ହୋଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଧାନ ଉଠାଣ ଠିକ ହେଉ ନ ଥିବା ଓ ପାନୀୟ ଜଳ ମିଳୁ ନ ଥିବାରୁ ଜନସାଧାରଣ ତଥା ଚାଷୀ ଆଜି ରାସ୍ତାରେ ବୋଲି ସେ କହିଛନ୍ତି। ଡବଲ ଇଞ୍ଜିନ ସରକାର ଅମଳରେ ୩ ମାସ ହେଲା ବିଭିନ୍ନ ଭତ୍ତା ବନ୍ଦ ହେବା, ୨ ବର୍ଷରେ ବିଭିନ୍ନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ନ ମିଳିବା, ଜାତୀୟ ସ୍ୱାର୍ଥ ପାଇଁ ତାଳଚେରବାସୀଙ୍କ ତ୍ୟାଗ ଥିବାବେଳେ ସେମାନଙ୍କୁ ସ୍ୱତନ୍ତ୍ର ଥଇଥାନ ନୀତି ନିର୍ଦ୍ଧାରଣ ସହ ସ୍ୱଳ୍ପ ଜମି ହରାଇଥିବା ପ୍ରଜାଙ୍କୁ ନିଯୁକ୍ତି, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ବିଭିନ୍ନ କଳକାରଖାନା ଗଢ଼ି ଉଠିଥିବାବେଳେ ସିଏସଆର ମାଧ୍ୟମରେ ସେ ଅଞ୍ଚଳରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ ନ ହେବା, ଏହି ଦୁଇ ଜିଲ୍ଲାରେ ଜାତୀୟ ରାଜପଥ ନିର୍ମାଣ ଶେଷ ହୋଇ ନ ଥିବାବେଳେ ଖମାର, ହାତୀଚାଲୁଣି, ଇଟାପରେ ଟୋଲ୍ ଟିକସ ଆଦାୟ ହେଉଥିବାକୁ ସାହୁ ବିରୋଧ କରିଛନ୍ତି।

ଏହାସହ କେନ୍ଦ୍ର ସରକାର ଦେଶରେ ଦୈନିକ ୩୪ କିମି ରାସ୍ତା ନିର୍ମାଣ ହେଉଥିବା ସୂଚନା ଦେଉଥିବାବେଳେ ଓଡ଼ିଶାରେ କେତେ ହେଉଛି ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ପୂର୍ତ୍ତ ବିଭାଗ ୧୫ ହଜାର କିମି ରାସ୍ତା କରୁଥିବାବେଳେ ୫୦୦ କିମି ହେଉଛି କି ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ଗ୍ରାମ ଉନ୍ନୟନ ରାସ୍ତା ଓଡ଼ିଶାରେ କେତେ କିମି ହୋଇଛି ବୋଲି ପ୍ରଶ୍ନ କରିଛନ୍ତି। ବିଧାୟକ ଓ ସାଂସଦ ପାଣ୍ଠି ବାବଦ ୫ କୋଟି ଲେଖାଏଁ ମିଳୁଥିବାବେଳେ ସେ ଅର୍ଥ ମିଳିବାରେ ଅହେତୁକ ବିଳମ୍ବ ଯୋଗୁଁ ବିଭିନ୍ନ କାର୍ଯ୍ୟ ହୋଇପାରୁ ନ ଥିବା, ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବେ ବୋଲି କହିଥିବାବେଳେ ଅନୁଗୋଳ ଜିଲ୍ଲାରେ କେବେ ହେବ ବୋଲି ପ୍ରଶ୍ନ କରିଛନ୍ତି। ଜିଲ୍ଲାରେ ପରିବେଶ ସମସ୍ୟା ଉଦବେଗଜନକ ବୋଲି ସେ କହିଥିବାବେଳେ ତାଳଚେରରେ କୋଇଲା କମ୍ପାନୀ କେବେ ହେବ ବୋଲି ପ୍ରଶ୍ନ କରିଛନ୍ତି। ଏହାସହ କୋଇଲାଖଣି ପାଇଁ ତାଳଚେର ସହରର ବିଭିନ୍ନ ସ୍ଥାନରେ ମାଟି ଦବୁଥିବାବେଳେ ଉପଯୁକ୍ତ ବାଲି ଭର୍ତ୍ତି କରାଯାଇ ତାଳଚେରକୁ ବିପଦମୁକ୍ତ ଘୋଷଣା କରିବାକୁ ସାହୁ ଦାବି କରିଛନ୍ତି। ଉତ୍ପାଦନ ଅନୁସାରେ ଅନ୍ୟ ଖଣିରେ ନିଯୁକ୍ତି ଆଧାରରେ ଏମସିଏଲ ନିଯୁକ୍ତି ଦେଉ ନ ଥିବା ଅଭିଯୋଗ କରିଛନ୍ତି। ତାଳଚେରରେ କୋଲ କମ୍ପାନୀ ପ୍ରତିଷ୍ଠାରେ ଜନପ୍ରତିନିଧିଙ୍କ ନିରବତା ନେଇ ସେ ଉଦବେଗ ପ୍ରକାଶ କରିଛନ୍ତି। କିଛିଦିନ ତଳେ ଘଟିଥିବା ତାଳଚେର ପବିତ୍ର ମୋହନ ସରକାରୀ ଡାକ୍ତରଖାନାରେ ନର୍ସ ନିଯୁକ୍ତିରେ ଜାଲିଆତି ହୋଇଥିବାବେଳେ ସେମାନଙ୍କ କାର୍ଯ୍ୟ ସମୟରେ ଯଦି କୌଣସି ରୋଗୀର ମୃତ୍ୟୁ ହୋଇଥାଏ ତେବେ ତାଙ୍କ ପରିବାରକୁ କ୍ଷତିପୂରଣ ଦେବାସହ ଏମସିଏଲ ଉପଖଣ୍ଡ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ପ୍ରୟାସରେ ଏଭଳି ଅବ୍ୟବସ୍ଥାର ତଦନ୍ତ କରିବାକୁ ସାହୁ ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ତ୍ରିପାଠୀ, ରମେଶ ବେହେରା ଓ କଳାକାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ









ଅନୁଗୋଳ, ୨୧।୬(ସମିସ)

ରବିବାର ସକାଳେ ନୂଆ ଇନ୍‌ଡୋର ଷ୍ଟାଡିୟମ୍ ହଲ୍‌ରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳିତ ହୋଇଛି। ଏହି ଅବସରରେ ସାମୂହିକ ଯୋଗାଭ୍ୟାସ କରାଯାଇଥିଲା। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ବ୍ୟସ୍ତବହୁଳ ଦୈନନ୍ଦିନ ଜୀବନରୁ କିଛି ସମୟ ବାହାର କରି ଯୋଗ ଓ ପ୍ରାଣାୟାମ କରିବା ସହ ନିଜକୁ ସୁସ୍ଥ ଓ ନିରୋଗ ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ଯୋଗ ଓ ପ୍ରାଣାୟାମ ଶରୀର ଓ ମନକୁ ସୁସ୍ଥ ରଖିବା ସହ ଏକ ନିରୋଗ ଜୀବନଯାପନରେ ସହାୟକ ହୋଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତର, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଆଇଏଏସ ପ୍ରୋବେସନର ଅଭି ଜୈନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପତଞ୍ଜଳି ଯୋଗ ସମିତି ସଭାପତି ଯୋଗଗୁରୁ ଅଭୟ ରାୟଙ୍କ ସହଯୋଗରେ ବିଭିନ୍ନ ଯୋଗାସନ ଅଭ୍ୟାସ କରାଯାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍, ବୁଦ୍ଧିଜୀବୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଧନ୍ୟବାଦ ଅର୍ପଣ କରିଥିଲେ।

**କିଶୋରନଗର:** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବିଶ୍ୱ ଯୁବକେନ୍ଦ୍ର ବଣିନାଳି ଓ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ର ଅନୁଗୋଳ ଆଞ୍ଚଳିକ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ପାଇକସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଯୋଗ ଶିବିର ଆୟୋଜିତ ହୋଇଛି। ବିଶ୍ୱ ଯୁବକେନ୍ଦ୍ରର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଓ ବିଶ୍ୱ ଯୁବକେନ୍ଦ୍ର କର୍ମକର୍ତ୍ତା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମିତି ସଭ୍ୟ ମହେଶ ଭୋଇ, ଯୋଗ ଶିକ୍ଷକ ଚନ୍ଦନ ଶର୍ମା, ଷ୍ଟାଫ୍ ନର୍ସ ସୌମ୍ୟା ସୁରଭି ନାୟକ, ବହମୁଖୀ ସ୍ୱାସ୍ଥ୍ୟ କର୍ମଚାରୀ ପ୍ରତିମା ନାୟକ, ଫାର୍ମାସିଷ୍ଟ ଦୀପକ କୁମାର ପ୍ରଧାନ ଏବଂ ବିଶ୍ୱ ଯୁବକେନ୍ଦ୍ର ସଭାପତି ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଯୋଗ ଶିକ୍ଷକ ଶର୍ମା ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ପ୍ରାଣାୟାମ, ଯୋଗାସନ ଓ ଯୋଗ ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ନିୟମିତ ଯୋଗାଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରହେ ବୋଲି ସେ କହିଥିଲେ। ଦୈନନ୍ଦିନ ଜୀବନରେ ଯୋଗକୁ ଆପଣାଇ ସୁସ୍ଥ ଜୀବନଯାପନ କରିବାକୁ ଆହ୍ୱାନ କରାଯାଇଥିଲା। ବିଶ୍ୱ ଯୁବକେନ୍ଦ୍ରର ପୁନିଆ ସାହୁ, ଜସ୍ମିତା ପ୍ରଧାନ, ଗୀତାଞ୍ଜଳି ବାଘ, ପୂଜା ସ୍ୱାଇଁ ସହଯୋଗ କରିଥିଲେ।

**କିଶୋରନଗର:** କିଶୋରନଗର ବ୍ଲକ ପ୍ରଶାସନ ତରଫରୁ ଧଉରାପାଲି କଲ୍ୟାଣ ମଣ୍ଡପରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ବିଡିଓ ଶୁଭକାନ୍ତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ଯୋଗଦେଇ ଯୋଗର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଏଥିରେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ, ଛାତ୍ରଛାତ୍ରୀ ତଥା ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଏବିଇଓ ରମଣୀ ରଞ୍ଜନ ସାହୁ, ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରଫୁଲ୍ଲ କୁମାର ପ୍ରଧାନ, ବଣ୍ଟି ବିଶ୍ୱାଳଙ୍କ ସମେତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ। ସେହିପରି କିଶୋରନଗର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୋଗ ଦିବସ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଯୋଗାଭ୍ୟାସ କରିଥିଲେ।

**ଅନୁଗୋଳ:** ସାମାଜିକ ଅନୁଷ୍ଠାନ 'ସ୍ୱନ୍ଦନ', ଉତ୍କଳ ଯୁଥ ଆସୋସିଏସନ ଫର୍ ସୋସିଆଲ ଡେଭଲପମେଣ୍ଟ, ଭୁବନେଶ୍ୱର, ଯୁଶୁ ଆସୋସିଏସନ, ଅନୁଗୋଳ, ମାଇଁ ଯୁବା ଭାରତ, ଅନୁଗୋଳ ତରଫରୁ ସ୍ଥାନୀୟ ବାଜି ରାଉତ ଛାତ୍ରାବାସରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଛାତ୍ରାବାସର ସଭାପତି ଅନ୍ତର୍ଯ୍ୟାମୀ ବରାଳ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଚଳିତବର୍ଷର ବିଷୟବସ୍ତୁ 'ଯୋଗ ମାଧ୍ୟମରେ ସୁସ୍ଥ ଏବଂ ନିରାମୟ ବାର୍ଦ୍ଧକ୍ୟ' ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରତିଦିନ ଅନ୍ତତଃ ଅଧଘଣ୍ଟା ଯୋଗ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ପ୍ରବର୍ତ୍ତାଇଥିଲେ। ଯୋଗ ଶିକ୍ଷକ କନ୍ଦର୍ପ ସାହୁ ବିଭିନ୍ନ ଯୋଗ, ପ୍ରାଣାୟାମ, ଆସନ, ସୂର୍ଯ୍ୟ ନମସ୍କାର ଇତ୍ୟାଦି ପ୍ରଦର୍ଶିତ କରିବା ସହ କେଉଁ ରୋଗ ପାଇଁ କେଉଁ ଯୋଗ କଲେ ସୁଫଳ ମିଳେ, ସେ ବିଷୟରେ ସୂଚନା ଦେଇଥିଲେ। ବିଭୂଦତ୍ତ ଦାସ, ପ୍ରଶାନ୍ତ ଶତପଥୀ, ବିନୋଦ ନାଏକ, ବିଭୁ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଶିବପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ବଅଁରପାଳ:** ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଲକ୍ଷ୍ମୀଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିବା ପର୍ଯ୍ୟାୟ ପ୍ରମୁଖ ତନ୍ମୟ କୁମାର ନାଥ ଯୋଗର ମହତ୍ତ୍ୱ ବିଷୟରେ ବୁଝାଇବା ସହ ୧ଘଣ୍ଟା ଆସନ ଓ ପ୍ରାଣାୟମ କରାଇଥିଲେ।

**କଣିହାଁ:** କଣିହାଁ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏ ବର୍ଷର ବାର୍ତ୍ତା 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ' ଉପରେ ବିଶେଷ ଗୁରୁତ୍ୱାରୋପ ଦିଆଯାଇଥିଲା। ସକାଳ ୬ଟାରେ ବିଜିଗୋଳ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଯୋଗ ଦିବସ ଆୟୋଜିତ ହୋଇଥିଲା। ଏଥିରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ଯନ୍ତ୍ରୀ ଚିନ୍ମୟ ମିଶ୍ର, ବିଜିଗୋଳ ସରପଞ୍ଚ ରୁକ୍ମିଣୀ ପ୍ରଧାନ, ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ମହାରାଜ, ପ୍ରଦୀପ କୁମାର ଜେନା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କଣିହାଁ ମଣ୍ଡଳ ପ୍ରଭାରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ସମେତ ବ୍ଲକ କର୍ମଚାରୀ ଓ ସ୍ୱୟଂସେବକମାନେ ଯୋଗଦେଇ ସାମୂହିକ ଯୋଗାଭ୍ୟାସ କରିଥିଲେ।

ସେହିପରି ରେଙ୍ଗାଳି ପ୍ରକଳ୍ପସ୍ଥିତ ଯୋଜନା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଏନ୍‌ଟିପିସି କଣିହାଁ ସହଯୋଗରେ ଯୋଗ ଦିବସ ପାଳିତ ହୋଇଛି। ରେଙ୍ଗାଳି ବେଦ ଭବନର ଯୋଗଗୁରୁ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦିଲୀପ କିସାନ ଓ ପ୍ରସନ୍ନ କୁମାର ସାହୁ ଯୋଗାସନ ପ୍ରଦର୍ଶନ କରାଇବା ସହ ନିୟମିତ ଯୋଗାଭ୍ୟାସର ସ୍ୱାସ୍ଥ୍ୟଗତ ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଓଏଚ୍‌ପିସିର ବରିଷ୍ଠ ପରିଚାଳକ ସୁବ୍ରତ ଷଡ଼ଙ୍ଗୀ, ସତ୍ୟବାଦୀ ନାଏକ, ରଞ୍ଜନ କୁମାର ଖିଲାର, ବିଜେପି ନେତା ନୃସିଂହ ବରାଳ, ଧ୍ରୁବଚରଣ ଧୀର, ତରୁଣ ସାହୁ, ତ୍ରିପୁରାରୀ ପ୍ରଧାନ, ସୁମନ୍ତ ପ୍ରଧାନ ଓ ହରେକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରେଙ୍ଗାଳି ଓ ବଜ୍ରକୋଟ ପଞ୍ଚାୟତ ସମେତ ସମଲ ବ୍ୟାରେଜ ମିନି ଷ୍ଟାଡିୟମରେ ଯୋଗ ଦିବସ ପାଳିତ ହୋଇଛି।

**ପାଲଲହଡ଼ା:** ରବିବାର ପାଲଲହଡ଼ା ଷ୍ଟାଡିୟମ ପରିସରରେ ବୃହତ୍ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ୩୦୦ରୁ ଅଧିକ ଲୋକ କାର୍ଯ୍ୟକ୍ରମରେ ସାମିଲ ହୋଇ ସମୂହ ଯୋଗାଭ୍ୟାସ କରିଥିଲେ। ଯୋଗାଚାର୍ଯ୍ୟ ହୃଷୀକେଶ ନାୟକ ଓ ପ୍ରହ୍ଲାଦ କୁମାର ନାୟକ ଯୋଗ, ପ୍ରାଣାୟାମ ଓ ବିଭିନ୍ନ ବ୍ୟାୟାମ କୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବିକେ ସଙ୍ଗୀତା ଓ ବିକେ ଆଶାଲତା ଯୋଗର ମାହାତ୍ମ୍ୟ ବିଷୟରେ ଅବଗତ କରିଥିଲେ। ନିୟମିତ ଯୋଗ ଓ ପ୍ରାଣାୟାମ ଦ୍ୱାରା ଶରୀର ସୁସ୍ଥ, ମନ ପ୍ରଫୁଲ୍ଲ ଓ ଜୀବନଶୈଳୀ ସନ୍ତୁଳିତ ରହିଥାଏ ବୋଲି ବିଧାୟକ କହିଥିଲେ। ଯୋଗ ହେଉଛି ଭାରତର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିର ଅମୂଲ୍ୟ ଦାନ। ସମସ୍ତେ ନିଜ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରି ସୁସ୍ଥ ଓ ନିରୋଗ ଜୀବନ ବିତାଇବାକୁ ସାଂସଦ ପାଣି ଆହ୍ୱାନ କରିଥିକେ। ଶେଷରେ ସାଂସଦ, ଜନପ୍ରତିନିଧି ଓ ବିଜେପି କର୍ମୀମାନେ ଷ୍ଟାଡିୟମ ପରିସରରେ ସଫେଇ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ, ବିଡିଓ ନିଶାନ ମିଶ୍ର, ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ ମହାନ୍ତ, ଆଇନଜୀବୀ ତନ୍ମୟ ସାହୁ, ଲିଙ୍ଗରାଜ ଦାସ, ମଣ୍ଡଳ ସଭାପତି ଆଶିଷ ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆନ୍ତର୍ଜାତିକ ଯୋଗ ଦିବସ | ଯୋଗ ଭାରତର ପ୍ରାଚୀନ ଜ୍ଞାନ ପରମ୍ପରାର ଏକ ଅମୂଲ୍ୟ ଦାନ










କେନ୍ଦ୍ରାପଡ଼ା, ୨୧।୬(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ, କ୍ରୀଡା ଓ ଯୁବ ସେବା ବିଭାଗ ମିଳିତ ଆନୁକୂଲ୍ୟରେ ଯୋଗ ମହୋତ୍ସବ ସମିତି ସହଯୋଗରେ ଶ୍ୟାମଗୁଡ଼ିଆସ୍ଥ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷ 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗର ଆବଶ୍ୟକତା, ଉପକାରିତା ଓ ଦୈନନ୍ଦିନ ଜୀବନରେ ଏହାର ପ୍ରୟୋଗ ଉପରେ ବିଶେଷ ଆଲୋକପାତ କରାଯାଇଥିଲା। ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଯୋଗ ଭାରତର ପ୍ରାଚୀନ ଜ୍ଞାନ ପରମ୍ପରାର ଏକ ଅମୂଲ୍ୟ ଦାନ। ଯାହା ଆଜି ବିଶ୍ୱବ୍ୟାପୀ ସ୍ୱୀକୃତି ଲାଭ କରିଛି। ନିୟମିତ ଯୋଗାଭ୍ୟାସ ଦ୍ୱାରା ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ସମ୍ଭବ ହୋଇଥାଏ। ଏହା ଏକ ସୁସ୍ଥ ଓ ସକାରାତ୍ମକ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ଓ ଉପଜିଲ୍ଲାପାଳ ଅରୁଣ ନାୟକ ପ୍ରମୁଖ ଯୋଗଦେଇ ନିୟମିତ ଯୋଗାଭ୍ୟାସର ଗୁରୁତ୍ୱ ଉପରେ ମତ ରଖିଥିଲେ। ଯୋଗ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ସାଧାରଣ ଯୋଗ ପ୍ରୋଟୋକଲ୍ ଅନୁଯାୟୀ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ ପ୍ରଦର୍ଶନ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ସ୍କୁଲ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ କ୍ରୀଡା ସଂଘର କ୍ରୀଡାବିତ, କ୍ରୀଡ଼ା ଶିକ୍ଷକ, ଯୋଗ ଗୁରୁ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ତଥା ସମାଜର ବିଭିନ୍ନ ବର୍ଗର ୫୦୦ରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଯୋଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୋଗ ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଅବଲମ୍ବନ ଓ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ନିମନ୍ତେ ସମସ୍ତଙ୍କୁ ପ୍ରେରିତ କରାଯାଇଥିଲା। ଏଥିସହିତ ବ୍ଲକ ଓ ପଞ୍ଚାୟତ ସ୍ତରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିବାବେଳେ ପରେ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ରାଜନଗର:** ରାଜନଗର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ରାଜନଗର ବ୍ଲକ ପରିସରରେ ଆୟୋଜିତ ଯୋଗ ଶିବିରକୁ ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ ଉଦ୍‌ଘାଟନ କରି ଯୋଗ ଦିବସର ତାତ୍ପର୍ଯ୍ୟ, ଯୋଗ ହିଁ ପ୍ରତିଟି ମଣିଷର କର୍ମକ୍ଳାନ୍ତ ଜୀବନ ଧାରା ଭିତରେ ଶରୀରକୁ ସୁସ୍ଥ ଓ ପରିପୁଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ପରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ର, ସରକାରୀ କର୍ମଚାରୀ ଅଂଶ ଗ୍ରହଣ କରି ଯୋଗ ଅଭ୍ୟାସ କରିଥିଲେ। ପ୍ରଶିକ୍ଷିକ ଭାବେ ପଦ୍ମଲୋଚନ ଦାସ, ବାସୁଦେବ ମାଝୀ ଯୋଗଦେଇ ଯୋଗର ବିଭିନ୍ନ ପ୍ରଣାଳୀ ପ୍ରଦର୍ଶନ କରିଥିଲେ। ଶିବିରରେ ଅତିରିକ୍ତ ତହସିଲଦାର ଆଶିଷ ଜେନା, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, କନିଷ୍ଠ ଯନ୍ତ୍ରୀ ଇଂ. ପ୍ରଭାତ ମାଝୀ, ମନୋଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ରାଜନଗରସ୍ଥ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଓ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଯୋଗ ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ ଅମୀୟ କୁମାର ଦାସ, ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ର, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଯୁବ ରେଡକ୍ରସ୍ କାଉନସେଲର୍ ରାଜଶ୍ରୀ ସାମନ୍ତ, ସହ ପରିଚାଳକ ଡ. ଅଧ୍ୟାପକ ପ୍ରସନ୍ନ ଦାସ,ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡ. ଆଲୋକ ବେହେରା, ମୁଖ୍ୟ କିରାଣି ପ୍ରଦୀପ୍ତ ମିଶ୍ର, ଅଧ୍ୟାପକ ବିପିନ ପରିଡ଼ା ଓ ଛାତ୍ରଛାତ୍ରୀ ଯୋଗାଭ୍ୟାସ କରିଥିଲେ। ରାଜନଗର ବନଖଣ୍ଡ ଅଧୀନସ୍ଥ ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଥିଲା। କନିକା ବନାଞ୍ଚଳର ସହକାରୀ ବନ ସଂରକ୍ଷକ ମାନସ ଦାସ ଯୋଗଦେଇ ଦୈନନ୍ଦିନ ଜୀବନ ଓ କର୍ମକ୍ଷେତ୍ରରେ ଯୋଗର ଉପଯୋଗିତାକୁ ପ୍ରତିପାଦନ କରିବା ସହ କିପରି ଯୋଗ ପ୍ରାଣାୟାମକୁ ପାଥେୟ କଲେ ସୁସ୍ଥ ଶରୀର ଗଠନ କରିବା ସେ ବିଷୟରେ ଅନ୍ୟ ବନ କର୍ମଚାରୀଙ୍କ ମାଧ୍ୟମରେ ସମାଜକୁ ବାର୍ତ୍ତା ପ୍ରଦାନ କରିଛନ୍ତି। ବନପାଳ ପ୍ରଶାନ୍ତ ସିଂ, ନବୀନ ମଲ୍ଲିକ, ପ୍ରଫୁଲ୍ଲ ମାଝୀ, ପ୍ରକାଶ ଦାସ, କଳ୍ପତରୁ ସେଠୀ, ବନରକ୍ଷୀ ବବୁଲ ପରିଡା, ଗୋରାଚାନ୍ଦ ସିଂ, ସତୀଶ ଲାକ୍ରା ପ୍ରମୁଖ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏମଏନ ହାଇସ୍କୁଲ ନିକଟରେ ଥିବା ଇଣ୍ଡୋର ଷ୍ଟାଡ଼ିୟମରେ ଆୟୋଜିତ ଯୋଗ ଶିବିରରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ସହକାରୀ ଯନ୍ତ୍ରୀ ପ୍ରସନ୍ନ ରାଉତ, କନିଷ୍ଠ ଯନ୍ତ୍ରୀ ବନ୍ଦିତା ବେହୁରା, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ବ୍ଲକ ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶ, ସିଆରସିସି ସଂଘମିତ୍ରା ନାୟକ, ବ୍ଲକ ବିଏସଏସଓ ସୁଧାଂଶୁ ପ୍ରଧାନ, ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ, ଆଡ଼ଭୋକେଟ ପ୍ରମୋଦ ସାହୁ, କାଉନସିଲର ଲକ୍ଷ୍ମୀପ୍ରିୟା ସାହୁ, ସମାଜସେବୀ ରବୀନ୍ଦ୍ର ସାହୁ, ଏମଏନ ହାଇସ୍କୁଲ ଶିକ୍ଷୟିତ୍ରୀ ଅନୀତା ଧଳ, ବାଳିକା ହାଇସ୍କୁଲ ଶିକ୍ଷୟିତ୍ରୀ ସସ୍ମିତା କର ପ୍ରମୁଖ ଯୋଗ ଦେଇଥିଲେ। ଯୋଗ ଗୁରୁ ପୀତାମ୍ବର ପରିଡା, ଚତୁର୍ଭୁଜ ରାଉଳ, ବିଜୟରାଉତ ପ୍ରମୁଖ ଯୋଗ ଶିକ୍ଷା ଦେଇଥିଲେ। ପ୍ରିୟରଞ୍ଜନ ସ୍ୱାଇଁ, ରବୀନ୍ଦ୍ର ପରିଡା, ସରୋଜ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ କୋର୍ଟ ପରିସରରେ ଯୋଗ ଦିବସ ପାଳିତ ହୋଇଥିଲା। ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜେଏମଏଫସି ବିଦ୍ୟୁତଲତା ପ୍ରଧାନ ଓ ଡିକେ ବାଲକ୍ରିଷ୍ଣନ, ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବୀନ୍ଦ୍ର ଦାଶ, ଯୁଗ୍ମ ସମ୍ପାଦକ ସତ୍ୟନାରାୟଣ ନାୟକ ନାୟକ, ସରକାରୀ ଓକିଲ ଧୀରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଯୋଗ କରିଥିଲେ। ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପ୍ୟାନେଲ ଓକିଲ ମନୋଜ ନାୟକ ଧନ୍ୟବାଦ ଦେଇଥିଲେ। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ଯୋଗ ଦିବସ ପାଳିତ ହୋଇଯାଇଛି। ସବଡିଭିଜନ ହସ୍ପିଟାଲ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ନିରାକାର ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ଚନ୍ଦ୍ରଶେଖର ଦାଶ, ପିଏଚଇଓ ନୃସିଂହ ଦାସ, ଏନଏଚଏମ ଚିତ୍ତରଞ୍ଜନ ଚାନ୍ଦ, ସଞ୍ଜୟ ଦାସ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଯୋଗଦେଇ ଯୋଗ କରିଥିଲେ। ଯୋଗ ଗୁରୁ ସୁଶାନ୍ତ ଧଳ ଯୋଗ ଶିକ୍ଷା ଦେଇଥିଲେ। ନୀଳକଣ୍ଠପୁର ପଞ୍ଚାୟତରେ ଯୋଗ ଦିବସ ପାଳିତ ହୋଇଥିଲା। ସରପଞ୍ଚ ମାତାଜୀ ବାରିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଙ୍କର୍ଷଣ ମାଝୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ପଞ୍ଚାୟତ ବିଜେପି ସଭାପତି ସତ୍ୟପ୍ରିୟ ସୂତାର, ପ୍ରଭାରୀ କ୍ରିଷ୍ଣଚନ୍ଦ୍ର ପାତ୍ର, ମଣ୍ଡଳ ଉପସଭାପତି ସଞ୍ଜୟ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବାରଡ଼ାଙ୍ଗ ପଞ୍ଚାୟତ ପରିସରରେ ଯୋଗ ଦିବସ ପାଳନ କରାଯାଇଛି। ସରପଞ୍ଚଙ୍କ ସମେତ ପଞ୍ଚାୟତର ଜନପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ ଓ ବହୁ ଯୁବକ ଯୋଗଦେଇ ସାମୂହିକ ଭାବେ ଯୋଗାଭ୍ୟାସ କରିଥିଲେ। ନିୟମିତ ଯୋଗ ଅଭ୍ୟାସ ଶରୀର ଓ ମନକୁ ସୁସ୍ଥ ରଖିବା ସହ ସୁସ୍ଥ ସମାଜ ଗଠନରେ ସହାୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଅରବିନ୍ଦ ଜେନା, ପିଇଓ ରୋହିତ ହାଷ୍ଡା, ଏଡିଓ ବବିତା ମହାନ୍ତି, ଯୁବନେତା ବିଭୂତି ଭୂଷଣ ରାଉତ, ବୋଧିରାମ ସେଠୀ, ସରୋଜ ଜେନା, ମଳୟ ଲେଙ୍କା, ସଞ୍ଜୟ ଜେନା, ପବିତ୍ର ରାଉତ, ଭରତ ସେଠୀ, ମାନ ରାଉତ, ହାପି ସ୍ୱାଇଁ ଓ ବହୁ ୱାର୍ଡ ମେମ୍ବର, ମହିଳା ଗୋଷ୍ଠୀ ଜନସାଧାରଣ ଉପସ୍ଥିତ ରହି ଯୋଗ ଦିବସର ମହତ୍ତ୍ୱ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ।

**ଡେରାବିଶ:** ଆଜି ସମଗ୍ର ବିଶ୍ୱରେ ଯୋଗ ଦିବସ ପାଳନ ହୋଇଥିବାବେଳେ ଡେରାବିଶ ବ୍ଲକ୍ ଅଞ୍ଚଳର ୨୬ଟି ପଞ୍ଚାୟତରେ ପାଳନ ହୋଇଛି। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସକାଳେ ପ୍ରଶିକ୍ଷକଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା। ଯଅଁରାବାରିମୂଳ ପଞ୍ଚାୟତରେ ଯୋଗାଭ୍ୟାସ ପାଇଁ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଥିଲା। ସରପଞ୍ଚ ଶଙ୍କର୍ଷଣ ପରିଡ଼ାଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଯୋଗାଭ୍ୟାସରେ ଏଡିଇଓ ସତ୍ୟପ୍ରକାଶ ପାଣି, ଏମ୍‌ବିକେ ତିଳୋତ୍ତମା ମହାପାତ୍ରଙ୍କ ସମେତ ପଞ୍ଚାୟତର ବହୁ ପୁରୁଷ ଓ ମହିଳା ଯୋଗଦେଇଥିଲେ। ବନବିହାରୀ ରାଉତ, ନିମାଇଁ ପରିଡ଼ା, ପ୍ରଭାକର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଡେରାବିଶ:** ବାଲିଆ ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ମାଣିଖଣ୍ଡି ମହାପୁରୁଷଙ୍କ ପୀଠରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡା ଯୋଗ ଦେଇଥିଲେ। ବାଲିଆ ପଞ୍ଚାୟତର ସମାଜସେବୀ ଅକ୍ଷୟ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଯୋଗ ଶିବିରରେ ବରିଷ୍ଠ ସମାଜସେବୀ ବିପିନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୋଗ ପ୍ରଶିକ୍ଷକ ଭାବେ ଅନିରୁଦ୍ଧ ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ବେହେରା, ବିଶ୍ୱମୋହନ ଦାସ, ସଂଜୟ ସାହୁ, ସୌମ୍ୟରଞ୍ଜନ ଚାନ୍ଦ, ପ୍ରଶାନ୍ତ ସାଥୁଆ, ସତ୍ୟବ୍ରତ ବେହେରା, ରଶ୍ମିରଞ୍ଜନ ରାଉତରାୟ, ରବିନ୍ଦ୍ର ରାଉତ, ପ୍ରଦୀପ ପାତ୍ର, ବିନୋଦ ସିଂ, ଅଶୋକ ପ୍ରଧାନ, ସ୍ୱର୍ଣ୍ଣଲତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ମାର୍ଶାଘାଇ:** ମାର୍ଶାଘାଇ ମହାବିଦ୍ୟାଳୟ ଗାନ୍ଧୀ ମଣ୍ଡପ ପରିସରରେ ଜାତୀୟ ସେବା ଯୋଜନା ଓ ଉଚ୍ଚଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁକାନ୍ତ ପ୍ରଧାନ ଯୋଗ ଶିବିରକୁ ଉଦଘାଟନ କରି ଯୋଗ କେବଳ ଶରୀରର ସୁସ୍ଥତା ନୁହେଁ, ମାନସିକ ଦକ୍ଷତା, ରୋଗ ପ୍ରତିରୋଧକ ଶକ୍ତି ଓ ଆବେଗିକ ସ୍ଥିରତା ବୃଦ୍ଧି ଆଦିରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ,ଅଧ୍ୟାପିକା ଓ ଶିକ୍ଷା କର୍ମଚାରୀଙ୍କୁ ନେଇ କ୍ରୀଡ଼ା ଶିକ୍ଷକ ଯତୀନ ମହାନ୍ତିଙ୍କ ଦ୍ୱାରା ଯୋଗାଭ୍ୟାସ କରାଯାଇଥିଲା। ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ, ମନୋଜ ରାଉତ, ଧୀରେନ ଚୌଧୁରୀ, ଅଧ୍ୟାପିକା କାଞ୍ଚନ ସାହୁ, ପ୍ରଗତି ବିଶ୍ୱାଳ, କନିଷ୍ଠ କିରାଣୀ ବିଜୟ ଜେନା, ସାଧୁଚରଣ ଗୋଚ୍ଛାୟତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ +୨ ବାଳିକା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ଡ. ଲୁସିସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଗରଦପୁର ବ୍ଲକ୍‌ରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ଗରଦପୁର,୨୧।୬(ସମିସ): ରାଜ୍ୟ ସରକାରଙ୍କ "ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅଧୀନରେ ଗରଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ ଯୋଜନାର ସମୀକ୍ଷା ସହ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଗ୍ରାମାଞ୍ଚଳରେ ସରକାରୀ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସ୍ତରରେ ଆୟୋଜନ କରାଯାଇଥିଲା। ଗରଦପୁର ବ୍ଲକର ତଳକୁସୁମା, ତେଣ୍ଡାକୁଡା ଓ ବଡ଼ବେତରା ପଞ୍ଚାୟତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି ଓ ହିତାଧିକାରୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ତଳକୁସୁମା ସରପଞ୍ଚ ପ୍ରଭାତ ନଳିନୀ ଜେନା, ତେଣ୍ଡାକୁଡା ସମିତି ସଭ୍ୟ ବାସୁଦେବ ବେହେରା, ବଡବେତରା ସରପଞ୍ଚ ସଂଯୁକ୍ତା ମହାପାତ୍ର ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନା, ଆୟୁଷ୍ମାନ କାର୍ଡ, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ମିଶନ ଶକ୍ତି, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ସୁଭଦ୍ରା ଶକ୍ତି ସମାବେଶ ଓ ଶୁଭଦ୍ରା ଶକ୍ତି ସମ୍ବାଦ ସମ୍ପର୍କରେ ହିତାଧିକାରୀଙ୍କୁ ଅବଗତ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରଦର୍ଶନୀ ଷ୍ଟଲ୍ ସ୍ଥାପନ କରାଯାଇ ନୂତନ ଯୋଜନା ଓ ସରକାରୀ ସୁବିଧା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା।



## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ

ମାର୍ଶାଘାଇ,୨୧।୬(ସମିସ): ମାର୍ଶାଘାଇ ବ୍ଲକ୍ ପରକୁଳା ଓସଡମା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା କମିଟି ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ବ୍ଲକ ଯୋଗାଣ ଅଧିକାରିଣୀ ପ୍ରିୟଙ୍କା ସାହୁ, ମାର୍ଶାଘାଇ ଅଗ୍ନିଶମ ଅଧିକାରୀ ଦୁର୍ଗାଦତ୍ତ ଦାଶ, ଗୋପୀନାଥ ସେଠୀ, ପିଇଓ ସରୋଜକାନ୍ତ ସାମଲ, ସମିତି ସଭ୍ୟ ସଞ୍ଜୟ ପାତ୍ର, କୈଳାସ ବେହେରା, ପ୍ରଦୀପ ପଣ୍ଡା, ରମେଶ ଦାସ, ସଞ୍ଜୟ ପଣ୍ଡା, ଅଭିରାମ ବେହେରା, ସୁଜାତା ଦାସ, ସ୍ୱେଚ୍ଛାସେବୀ ସଂଗଠନ ପାର ନିର୍ଦ୍ଦେଶକ ପ୍ରଫୁଲ୍ଲ ସାମନ୍ତରାୟ, ଏମ୍‌ବିକେ ବିଜୟଲକ୍ଷ୍ମୀ ରାଉତ, ଅଙ୍ଗନବାଡ଼ି କର୍ମୀ ମେନେକା ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଜିଲ୍ଲା ପରିଗଣିତ ହୋଇଆସୁଛି। ୧୯୯୯ ମହାବାତ୍ୟାରେ ଉପକୂଳବର୍ତ୍ତୀ ଜିଲ୍ଲା କେନ୍ଦ୍ରାପଡ଼ାରେ ମହାବାତ୍ୟା ତାଣ୍ଡବରେ ବହୁ ଧନଜୀବନ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରତିବର୍ଷ ସାମୁଦ୍ରିକ ଝଡ଼ ଚିରସହଚର ପାଲଟିଛି। ଏହାର ମୁକାବିଲା କରିବାକୁ ମକଡ୍ରିଲ ମାଧ୍ୟମରେ ପରିକଳ୍ପିତ ବାତ୍ୟା "ଦାନା' ମୁକାବିଲା ପାଇଁ ପ୍ରସ୍ତୁତି ଓ ସଚେତନତା କରାଯାଇଥିଲା। ବିପର୍ଯ୍ୟୟ ସମୟରେ କିପରି ମୁକାବିଲା କରାଯାଇପାରିବ, ମାର୍ଶାଘାଇ ଅଗ୍ନିଶମ ବାହିନୀ କର୍ମଚାରୀ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସିଆରପି ସରୋଜିନୀ ପରିଡ଼ା, ଲକ୍ଷ୍ମୀ ଦେଇ, ରମେଶ ସାହୁ, ପ୍ରକାଶ ବେହେରା, ମହେଶ୍ୱର ପଣ୍ଡା, ଅଭିରାମ ବେହେରା, ମନୋଜ ପରିଡ଼ା, ପ୍ରଭାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



● କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କର ୩୧୨ତମ ବାର୍ଷିକ ସାଧାରଣ ସଭା

## ଅଂଶୀଦାରଙ୍କୁ ୮ ପ୍ରତିଶତ ହାରରେ ଲାଭାଂଶ ପ୍ରଦାନ

କେନ୍ଦ୍ରାପଡ଼ା,୨୧।୬(ସମିସ): କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କର ୩୧୨ତମ ବାର୍ଷିକ ସାଧାରଣ ସଭା ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ଡ. ଅପର୍ଣ୍ଣା ମହାନ୍ତି, ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାହୁ, ସୁକାନ୍ତ କୁମାର ଦ୍ୱିବେଦୀ, ଅମୂଲ୍ୟ ପ୍ରଧାନ, ସିଦ୍ଧାର୍ଥଶଙ୍କର ଜେନା, ମହେନ୍ଦ୍ର କୁମାର ପରିଡା, ବିଧୁଭୂଷଣ ମହାପାତ୍ର, ସୁଧାଂଶୁଶେଖର ପ୍ରତାପ, କଳ୍ପତରୁ ମହାପାତ୍ର, ଶ୍ରୀକାନ୍ତ କୁମାର ନାୟକ, ରଶ୍ମିରଞ୍ଜନ ଚୌଧୁରୀ ଓ ବୋର୍ଡ ଅଫ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ବିଜୟ କୁମାର ବରାଳ, ସଭ୍ୟ ଦୟାନିଧି ଜେନା ଓ ଶାନ୍ତିସ୍ୱରୂପ ଭୂୟାଁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆରାଧ୍ୟ ଦେବତା ବଳଦେବଜୀଉ ସଂପ୍ରଦାୟର ଆଦ୍ୟ ପ୍ରବର୍ତ୍ତକ ମଧୁସୂଦନ ଦାସ ଓ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରଲୋକଗତ ପ୍ରମୁଖ ସଦସ୍ୟ ରବୀନ୍ଦ୍ର ସାହୁ, ଗୌରାଙ୍ଗ ଲେଙ୍କା, ଶିବପ୍ରସାଦ ବିଶ୍ୱାଳ, ସୌର ଚନ୍ଦ୍ର ସାହୁ ପ୍ରମୁଖଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ପୂର୍ବ ସାଧାରଣ ସଭାର ବିବରଣୀ ପାଠ କରିଥିଲେ। ଏହା ସଠିକ ଭାବେ ଲିପିବଦ୍ଧ ହୋଇଥିବାରୁ ତାହାକୁ ଦୃଢ଼ିକରଣ କରାଯାଇଥିଲା। ବ୍ୟାଙ୍କର ସଭାପତି ଆର୍ଥିକ ବର୍ଷ ୨୦୨୫-୨୬ର ବୈଧାନିକ ସମୀକ୍ଷା ବିବରଣୀ ଗ୍ରହଣ ଓ ଅନୁମୋଦନ ୨୦୨୫-୨୬ର ଲାଭାଂଶ ବଣ୍ଟନର ଅନୁମୋଦନ, ୨୦୨୬-୨୭ ଆର୍ଥିକ ବର୍ଷର ଆୟବ୍ୟୟର ଅଟ୍ଟକଳ ଗ୍ରହଣ ଓ ଅନୁମୋଦନ,୨୦୨୫-୨୬ର ଅତିରିକ୍ତ ଆୟବ୍ୟୟର ମଞ୍ଜୁରୀ ପ୍ରଦାନ ନିମନ୍ତେ ସାଧାରଣ ସଭାର ଅନୁମୋଦନ ପାଇଁ ପ୍ରସ୍ତାବ ରଖିଥିଲେ। ଏଥିସହିତ ଗତ ଆର୍ଥିକ ବର୍ଷ ୨୦୨୫-୨୬ର କାର୍ଯ୍ୟାବଳି ଓ ପ୍ରଗତି, ଚଳିତବର୍ଷ ୨୦୨୬-୨୭ ନିମନ୍ତେ ବ୍ୟାଙ୍କର କାର୍ଯ୍ୟକ୍ରମ ବିଷୟରେ ଅଭିଭାଷଣ ମାଧ୍ୟମରେ ଆଲୋକପାତ କରିଥିଲେ। ବ୍ୟାଙ୍କର ସନ୍ତୋଷଜନକ ଆର୍ଥିକ ପ୍ରଗତି/ପ୍ରଦର୍ଶନକୁ ଆଧାର କରି ଅଂଶୀଦାରଙ୍କୁ ବାର୍ଷିକ ଶତକଡା ୮ ପ୍ରତିଶତ ଲାଭାଂଶ ପ୍ରଦାନ କରିବା ନିଷ୍ପତ୍ତି ହୋଇଥିଲା। ଏ ଅବସରରେ ବ୍ୟାଙ୍କ ପକ୍ଷରୁ ୨ଟି ନୂତନ ଯୋଜନା ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଡୋର ଷ୍ଟେପ ବ୍ୟାଙ୍କିଂ ସେବା, ନାବାଳକ ପିଲାଙ୍କ ମଧ୍ୟରେ ସଞ୍ଚୟ ଓ ବ୍ୟାଙ୍କିଂ ଅଭ୍ୟାସ ବିକଶିତ କରିବା ପାଇଁ ସ୍ୱତନ୍ତ୍ର ସେବା ଯୋଜନା ପ୍ରଚଳନ କରାଯାଇଥିଲା। ବ୍ୟାଙ୍କର ପୁରୁଣା ବସଷ୍ଟାଣ୍ଡ ଶାଖାକୁ ବାରଘଣ୍ଟିଆ ବ୍ୟାଙ୍କ ସେବା ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଉପଲବ୍ଧ କରାଇବାକୁ ସୂଚନା ପ୍ରଦାନ କରାଯାଇଥିଲା। ପ୍ରତିବର୍ଷ ପରି ଚଳିତବର୍ଷ ଜିଲ୍ଲାର ମାଟ୍ରିକ ଟପ୍ପର ଖରିନାସୀ ହାଇସ୍କୁଲର ଛାତ୍ର ଦେବଦର୍ଶୀ ମଣ୍ଡଳ ଓ ଓଏଏସ ପରୀକ୍ଷାରେ ଜିଲ୍ଲାରୁ କୃତିତ୍ୱ ଅର୍ଜନ କରିଥିବା ଅତସୀ ଅପରାଜିତା, ସୂଚିସ୍ମିତା ନାୟକ, ସ୍ୱାତୀସ୍ମିତା ବେହେରା, ବିଶ୍ୱଜିତ ପ୍ରଷ୍ଟି, ରଶ୍ମିରଞ୍ଜନ ସ୍ୱାଇଁ ଓ ଶୁଭମ ସୌମେନ ସେନାପତିଙ୍କୁ ବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆର୍ଥିକ ବର୍ଷ ୨୦୨୫-୨୬ର ଉତ୍ତମ ପ୍ରଦର୍ଶନ ନିମନ୍ତେ ଚାନ୍ଦୋଳ ଶାଖାର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବ୍ୟାଙ୍କର ବିକାଶ ଓ ସଫଳତାର ମୂଳଦୁଆ ରଚନା କରିଥିବା ପ୍ରତିଷ୍ଠାତା ସଭ୍ୟଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଙ୍କର ବିଭିନ୍ନ ଶାଖାର ଆଦର୍ଶ ଗ୍ରାହକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହିତ ସହଯୋଗ କାମନା କରାଯାଇଥିଲା। ଅନ୍ୟପକ୍ଷରେ ଜାତୀୟ ଛତ୍ର ସଂଗଠନ ଏନୟୁସିଏଫଡିସି ସହକାରୀ କାଉନସିଲ ବ୍ୟାଙ୍କର ସଭାପତିଙ୍କୁ ମନୋନୀତ କରାଯାଇଥିବାରୁ ସଭ୍ୟମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କ ସହିତ ସମଗ୍ର ରାଜ୍ୟ ଗର୍ବିତ ବୋଲି ମତ ପ୍ରକାଶ ପାଇଥିଲା। ଉକ୍ତ ସଭାରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପ୍ରାକ୍ତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ଡା. ବିଶ୍ୱପ୍ରକାଶ କାନୁନଗୋ, ଡ. ସୁନାକର ସାମଲ, ହଳଧର ସେଠୀ, ସରୋଜକାନ୍ତ ସାହୁ, ସରୋଜ ମହାନ୍ତି, ସର୍ବେଶ୍ୱର ସେଠୀ, ଶକ୍ତିକାନ୍ତ ପାତ୍ର, ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶୀଲ ସାମଲ, ଭାଗୀରଥି ଜେନା, ପରେଶ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଏହା କରତାଳି ମାଧ୍ୟମରେ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇଥିଲା। ବ୍ୟାଙ୍କର ଉପସଭାନେତ୍ରୀ ଡ. ଅପର୍ଣ୍ଣା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟାଙ୍କର ଜେନେରାଲ ମ୍ୟାନେଜର ରାଜୀବଲୋଚନ ପଣ୍ଡା, ସୁରେଶ ପରିଡା, ମ୍ୟାନେଜର ହିମାଂଶୁ ଲେଙ୍କା, ମିନାକ୍ଷୀ ପାଣି ପ୍ରମୁଖ ସହଯୋଗ କରିଥିଲେ।

## ଚୋରା କେବୁଲ ତାର ବୋଝେଇ ବୋଲେରୋ ଜବତ

ରାଜକନିକା,୨୧।୬(ସମିସ): ରାଜକନିକା ପୁଲିସ ଆଜି ଚୋରା କେବୁଲ ତାର ବୋଝେଇ ଏକ ବୋଲେରୋକୁ ଜବତ କରିଛି। ବୋଲେରୋ ଗାଡ଼ିରେ ତାର ବୋଝେଇ ହୋଇ ମଲ୍ଲୀସାହାଡ଼ା ଗ୍ରାମର ଏକ ଦୋକାନକୁ ଯାଉଥିବାବେଳେ ପୁଲିସ ଜବତ କରିଛି। କୌଣସି ସୂତ୍ରରୁ ପୁଲିସ ଖବର ପାଇ ଗୋଡ଼ାଇ ଗୋଡ଼ାଇ ଏହି ଗାଡ଼ିକୁ ଜବତ କରିଥିବାବେଳେ ଜଣଙ୍କୁ ଅଟକ ରଖିଛି। ଅନ୍ୟ ୪ ଜଣ ଖସିଯାଇଥିବାବେଳେ ତଦନ୍ତରେ ବାଧା ପାଇଁ ପୁଲିସ କୌଣସି ସୂଚନା ଦେଇନାହିଁ। ଜବତ ବୋଲେରୋ ରାଜକନିକା ଥାନାରେ ଅଟକ ରହିଛି। ଦୀର୍ଘଦିନ ଧରି ରାଜକନିକା ଥାନା ଅଞ୍ଚଳରେ ଟ୍ରାନ୍ସଫର୍ମର, ସୋଲାର ଲାଇଟ, ବ୍ୟାଟେରୀ, ବିଜୁଳି ତାର, ଲୁହା ପୋଲ ବିଶେଷକରି ପାଣି ପଞ୍ଚାୟତର ମୋଟର ଆଦି ଚୋରି ହେଉଥିବାବେଳେ ଥାନାରେ ଏ ନେଇ ଶତାଧିକ ଅଭିଯୋଗ ହୋଇଛି। ଆଜି ୨୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଚୋରା କେବୁଲ କିଣିଥିବା କବାଡ଼ିଆ ଦୋକାନ ମାଲିକ ବୁଲୁ ଶାହଙ୍କୁ ପୋଲିସ ଅଟକ ରଖିବା ସହ ଗାଡିକୁ ଜବତ ରଖି ତଦନ୍ତ ଚଳାଇଛି।

## ବିଜେଡି ନେତା ସୁବାସ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଞ୍ଚୁପାଣ୍ଡବ,୨୧।୬(ସମିସ): ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମର ବିଜେଡି ନେତା ସୁବାସ ସାହୁଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ଦୁର୍ଗା ମଣ୍ଡପରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ସଭାପତିତ୍ୱ କରିଥିବାବେଳେ ଶାନ୍ତନୁ ଦାସ ଗୀତା ପାଠ କରିଥିଲେ। ପ୍ରାକ୍ତନ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଶତ୍ରୁଘନ ଦାସ, କୁଳମଣି ପରିଡ଼ା, ଅବସରପ୍ରାପ୍ତ ଏବିଓ ସଚ୍ଚିକାନ୍ତ ମିଶ୍ର, ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ, ଚିରଞ୍ଜନ ଦାସ, ପୂର୍ବତନ ପ୍ରଧାନଶିକ୍ଷକ ବିଧାନ ସାମଲ, ପୂର୍ବତନ ଜିଲ୍ଲାପରିଷଦ ଭବାନୀ ଓଝା, କୈଳାସ ସାହୁ, ଗୌରାଙ୍ଗ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ସ୍ୱର୍ଗତ ସାହୁ ବିଭିନ୍ନ ପ୍ରାଇଭେଟ୍ ମେଡ଼ିକାଲରେ ଆଡିସନାଲ ମ୍ୟାନେଜର ପଦରେ ରହିଥିଲେ। ଗ୍ରାମର ଦୁର୍ଗାପୂଜା କମିଟି ସମ୍ପାଦକ ଭାବେ ପ୍ରାୟ ୪୫ ବର୍ଷ ଧରି କାର୍ଯ୍ୟ ତୁଲାଇ ଥିବାବେଳେ ପଲ୍ଲୀ ମଙ୍ଗଳ ଯୁବକ ସଂଘ ଉପଦେଷ୍ଟା ଓ ବିଜେଡି ଦଳର ନେତା ଭାବେ ଜଣାଶୁଣା ଥିଲେ। ସଭାକୁ ଶିକ୍ଷାବିତ୍ ଈଶ୍ୱର ପୃଷ୍ଟି ପରିଚାଳନା କରିଥିବାବେଳେ ପୁଅ ପ୍ରଭାଞ୍ଜନ ସାହୁ, ବିଶ୍ୱରଞ୍ଜନ ସାହୁ ଉପସ୍ଥିତ ଥିଲେ।

## ହରିହର କ୍ଷେତ୍ରରେ ଚାଲିଛି ରଥ ନିର୍ମାଣ | ନେତ୍ରୋତ୍ସବ ପୂର୍ବରୁ କାମ ସାରିବା ଲକ୍ଷ୍ୟ


ଗରଦପୁର,୨୧।୬(ସମିସ)



ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଆଉ କିଛିଦିନ ବାକି ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ମାହାଳ ଗ୍ରାମସ୍ଥ ହରିହର କ୍ଷେତ୍ରରେ ତିନି ରଥର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ରଥ ନିର୍ମାଣ କାମ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ନେତ୍ରୋତ୍ସବ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ବୋଲି କାରିଗର ଆଶାବ୍ୟକ୍ତ କରିଛନ୍ତି। ମାହାଳ ଗ୍ରାମର ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କ ନିତ୍ୟ ପୂଜାର୍ଚ୍ଚନା ହୋଇଆସୁଛି। ପାଟକୁରା ନିର୍ବାଚନମଣ୍ଡଳୀର ଏହି ପ୍ରସିଦ୍ଧ ହରିହର କ୍ଷେତ୍ରର ରଥଯାତ୍ରା ପ୍ରତିବର୍ଷ ହଜାର ହଜାର ଭକ୍ତଙ୍କୁ ଆକର୍ଷିତ କରିଥାଏ। ଏଥିପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଏବେଠାରୁ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳୁଛି। ଚଳିତ ବର୍ଷ ରଥ ନିର୍ମାଣ ଦାୟିତ୍ୱ ପୁରୀ ଧାମର ଅଭିଜ୍ଞ ମହାରଣା ଓ କାରିଗରଙ୍କୁ ଦିଆଯାଇଛି। ମୁଖ୍ୟ କାରିଗର ସତ୍ୟବାଦୀ ମହାରଣା ଓ ଅଶୋକ ମିଶ୍ରଙ୍କ ତତ୍ତ୍ୱାବଧାନରେ ମନୋଜ ମହାରଣା, ଅଭିମନ୍ୟୁ ସୂତାର, ଜଗନ୍ନାଥ ଓଝା, ଅଶୋକ ସୂତାର ଓ କବିର ସୂତାର ପ୍ରମୁଖ କାରିଗର ନିଜର କାରିଗରୀ ଦକ୍ଷତାର ପରିଚୟ ଦେଇ ରଥଗୁଡ଼ିକୁ ଆକର୍ଷଣୀୟ ରୂପ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ରଥ ଚକ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ପୋଟଳୀ କାର୍ଯ୍ୟ ଜାରି ରହିଛି। ପ୍ରଭୁଙ୍କ ନାମ ସ୍ମରଣ କରି କାରିଗରମାନେ ରଥର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ନେତ୍ରୋତ୍ସବ ପୂର୍ବରୁ ତିନି ରଥ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ ବୋଲି ସେମାନେ ସୂଚନା ଦେଇଛନ୍ତି। ରଥଯାତ୍ରାକୁ ନେଇ ହରିହର କ୍ଷେତ୍ରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ପ୍ରଭୁଙ୍କ ଦର୍ଶନ ଓ ରଥଟଣା ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦିନକୁ ଦିନ ବୃଦ୍ଧି ପାଉଛି।

ସକାଳ
THE SAKALA

# ସମ୍ପାଦକୀୟ



ଭଲ ମଣିଷର ମାନ୍ୟତା ପାଇବାକୁ ହେଲେ ଦୁରାଚାରୀ ସହିତ ଯୁଦ୍ଧ ଏବଂ ପଡ଼ୋଶୀ ସହିତ ସର୍ବଦା ଶାନ୍ତି ସହାବସ୍ଥାନ ବଜାୟ ରଖିବାକୁ ହୁଏ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ଇଣ୍ଡିଆରେ ନେତୃତ୍ୱ ସଙ୍କଟ

ଇଣ୍ଡିଆ ମେଣ୍ଟର ଅଂଶୀଦାର ଦଳମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ବିଦ୍ରୋହ ବ୍ୟାପିଛି। ନିର୍ବାଚିତ ଜନପ୍ରତିନିଧିମାନେ ଦଳତ୍ୟାଗ କରି କିମ୍ବା ଇସ୍ତଫା ଦେଇ ଏନ୍‌ଡିଏ କିମ୍ବା ଅନ୍ୟଦଳରେ ଯୋଗ ଦେଉଛନ୍ତି। ଗତ ଏପ୍ରିଲ୍ ମାସରେ 'ଆପ୍'ର ୭ ଜଣ ରାଜ୍ୟ ସଭା ସାଂସଦ ବିଜେପିରେ ସାମିଲ୍ ହୋଇ ବିଦ୍ରୋହର ଯେଉଁ ଦଳବଦଳ-ଭୂତାଣୁକୁ ଜନ୍ମ ଦେଇଥିଲେ ତାହାର ସଂକ୍ରମଣ ତୀବ୍ର ହେବାରେ ଲାଗିଛି ଏବଂ ପଶ୍ଚିମବଙ୍ଗ ଦେଇ ମହାରାଷ୍ଟ୍ରକୁ ସଂକ୍ରମିତ ହୋଇଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ଶୋଚନୀୟ ପରାଜୟ ପରେ ୫୮ ଜଣ ବିଦ୍ରୋହୀ ବିଧାୟକ ମମତା ବାନାର୍ଜୀଙ୍କ ନିଷ୍ପତ୍ତିକୁ ବେଖାତିର କରି ନୂଆ ଗୋଷ୍ଠୀ ଓ ନେତା ଚୟନ କରି ବାସ୍ତବ ଟିଏମ୍‌ସିର ସ୍ୱୀକୃତି ହାସଲ କରିଛନ୍ତି। ୨୦ ଜଣ ସାଂସଦ ଟିଏମ୍‌ସିରୁ ଇସ୍ତଫା ଦେଇ ତ୍ରିପୁରାର ଏକ ଆଞ୍ଚଳିକ ଦଳ 'ନ୍ୟାଶନାଲ୍ ସିଟିଜେନ୍ ପାର୍ଟି ଅଫ୍ ଇଣ୍ଡିଆ(ଏନ୍‌ସିପିଆଇ)'ରେ ଯୋଗ ଦେଇଥିବା ବେଳେ ଦୁଇଜଣ ରାଜ୍ୟସଭା ସାଂସଦ ଦଳ ଓ ପଦରୁ ଇସ୍ତଫା ଦେଇଛନ୍ତି। ସେମାନେ ବିଜେଡିର ମମତା ମହନ୍ତ, ସୁଜିତ କୁମାର ଓ ଦେବାଶିଷ ସାମନ୍ତରାୟଙ୍କ ଶୈଳୀରେ ପୁଣି ଥରେ ବିଜେପି ଟିକେଟ୍‌ରେ ସେହି ରାଜ୍ୟରୁ ରାଜ୍ୟସଭା ପାଇଁ ନିର୍ବାଚିତ ହେବାର ସମ୍ଭାବନା ରହିଛି। ସେହିପରି ଶିବସେନା(ଉଦ୍ଧବ ଠାକରେ)ଙ୍କ ଦଳର ୯ ଜଣ ସାଂସଦଙ୍କ ମଧ୍ୟରୁ ୬ ଜଣ ଏକନାଥ ସିନ୍ଦେଙ୍କ ଶିବସେନା ଦଳରେ ଯୋଗ ଦେଇଛନ୍ତି। ଉତ୍ତରପ୍ରଦେଶର ସମାଜବାଦୀ ପାର୍ଟିରେ ବିଦ୍ରୋହ ଓ ବିଭାଜନର କମ୍ପନ ସୃଷ୍ଟି ହୋଇଛି। ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେଉଥିବା କଂଗ୍ରେସରେ ମଧ୍ୟ ଦଳୀୟ ନେତୃତ୍ୱକୁ ଆହ୍ୱାନ ଦେଇ ଝାଡ଼ଖଣ୍ଡ ଓ ଓଡ଼ିଶା ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ହୋଇଛି।

ଇଣ୍ଡିଆ ମେଣ୍ଟ ସଦସ୍ୟଙ୍କ ଦଳବଦଳର ଏହି ସଂକ୍ରମିତ ଧାରାର କାରଣ ଖୋଜିବା ବେଳେ ଘୋଡ଼ାବେପାର ବା ଅପରେସନ୍ ଲୋଟସ୍ ତ ନିଶ୍ଚୟ ସାମ୍ନାକୁ ଆସୁଛି। ଏହାସତ୍ତ୍ୱେ ସମ୍ପୃକ୍ତ ଆଞ୍ଚଳିକ ଦଳମାନଙ୍କରେ ନେତୃତ୍ୱ ପ୍ରତି ଆସ୍ଥା ଓ ବିଶ୍ୱାସର ଅଭାବକୁ ମଧ୍ୟ ଅସ୍ୱୀକାର କରିହେଉ ନାହିଁ। ଆଞ୍ଚଳିକ ସ୍ୱାର୍ଥ, ସ୍ୱାଭିମାନ, ଆବଶ୍ୟକତା, ଭାଷା, ସଂସ୍କୃତି ଆଦି ଆଧାରରେ ଗଠିତ ଆଞ୍ଚଳିକ ରାଜନୈତିକ ଦଳମାନଙ୍କର ଦୃଢ଼ତା ଓ ଐକ୍ୟ ପ୍ରଶ୍ନାତୀତ ହେବା କଥା। କିନ୍ତୁ ଦଳୀୟ ସଦସ୍ୟମାନଙ୍କ ମଧ୍ୟରେ ମତଭେଦ, ମନାନ୍ତର ସୃଷ୍ଟି ହେବା ଏବଂ ଜାତୀୟ ଦଳମାନଙ୍କ ସହିତ ସେମାନେ ନିଜକୁ ବିଲୟ କରିବାର ବ୍ୟାକୁଳତା ଏହି ଦିଗକୁ ଇଙ୍ଗିତ କରୁଛି ଯେ ବୋଧହୁଏ ଦଳର ଆଭ୍ୟନ୍ତରୀଣ ଗଣତନ୍ତ୍ର ସୁସ୍ଥ ନାହିଁ କିମ୍ବା ନେତୃତ୍ୱର ଦୃଷ୍ଟିକୋଣ ସ୍ୱପ୍ରୀତିତୋଷଣର ସୀମା ଭିତରେ ସଂକୁଚିତ ହେବାରେ ଲାଗିଛି। ଦୀର୍ଘବର୍ଷ ଧରି ଦଳୀୟ ସଦସ୍ୟମାନଙ୍କ ଭିତରେ ଚାପି ହୋଇ ରହିଥିବା ଏହି ଅସନ୍ତୋଷ ଏବେ ଦଳଗୁଡ଼ିକ କ୍ଷମତାଚ୍ୟୁତ ହେବା ପରେ ପଦାକୁ ଆସୁଛି। ଆପ୍ ଓ ଟିଏମ୍‌ସିକୁ ଏହାର ପ୍ରକୃଷ୍ଟ ଉଦାହରଣ ଭାବେ ନିଆଯାଇପାରେ।

ଏହା କେବଳ ସମ୍ପୃକ୍ତ ଆଞ୍ଚଳିକ ଦଳମାନଙ୍କର ଜାତୀୟ ରାଜନୀତିରେ ଅସ୍ତିତ୍ୱ ସଙ୍କଟ ସୃଷ୍ଟି କରୁନାହିଁ; ବରଂ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ଭବିଷ୍ୟତ ଏବଂ ବହୁଦଳୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସ୍ଥାୟୀତ୍ୱ ପ୍ରତି ସମ୍ବେଦନଶୀଳ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଗଣତନ୍ତ୍ରରେ ବିରୋଧୀ ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବିରୋଧୀଦଳ ଯଦି ଏହିଭଳି ଦୁର୍ବଳ ହୋଇଚାଲେ ତେବେ ଭାରତର ଗଣତନ୍ତ୍ର ଦ୍ୱିଦଳୀୟ ଶାସନ ବ୍ୟବସ୍ଥାର ପରିବର୍ତ୍ତନ ଏବଂ ଗଣତନ୍ତ୍ରରେ ଏକଛତ୍ରବାଦ ଜନ୍ମ ନେବା ଅନିଶ୍ଚିତ ନୁହେଁ। ଅବାଞ୍ଛିତ ଭାବେ ଆଞ୍ଚଳିକ ଦଳମାନଙ୍କର ବିଘଟନ ଏବଂ ଜାତୀୟ ଦଳର ଅତିକ୍ରମଣ ଦ୍ୱାରା ସମ୍ବିଧାନ ସ୍ୱୀକୃତ ଆମ ସଂଘୀୟ ଶାସନ ବ୍ୟବସ୍ଥା କ୍ରମଶଃ ବିଲୟମୁଖୀ ହେବାରେ ଲାଗିଛି।

୨୦୨୪ ସାଧାରଣ ନିର୍ବାଚନ ସମୟରେ ଦେଶର ମୋଟ ବିଧାୟକଙ୍କ ମଧ୍ୟରୁ ଏନ୍‌ଡିଏ ବିଧାୟକଙ୍କ ଅଂଶ ୫୦.୮୪% ଥିବା ବେଳେ ଏବେ ତାହା ୬୧.୩୬%କୁ ବୃଦ୍ଧି ପାଇଛି। ଅପରପକ୍ଷରେ ଇଣ୍ଡିଆ ମେଣ୍ଟର ବିଧାୟକ ସଂଖ୍ୟା ସମାନ ସମୟରେ ୩୮.୮୮%ରୁ ୨୪.୫୨%କୁ ହ୍ରାସ ପାଇଛି। ଏଥିରୁ ଇଣ୍ଡିଆ ମେଣ୍ଟର ନେତୃତ୍ୱ ପ୍ରତି ସଦସ୍ୟମାନଙ୍କର ଆସ୍ଥାର ଏକ ନକାରାତ୍ମକ ଚିତ୍ର ବାରି ହୋଇପଡୁଛି। ପରିସଂଖ୍ୟାନକୁ ଆହୁରି ନିବିଡ଼ ଭାବେ ଅନୁଶୀଳନ କଲେ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତର ଧାରା ମଧ୍ୟ କିଛିଟା ଅନୁମାନ କରାଯାଇପାରୁଛି। ଏହି ପୃଷ୍ଠଭୂମିରେ ଏହା କହିବା ଭୁଲ୍ ହେବ ନାହିଁ ଯେ ଆଉ ଆଞ୍ଚଳିକ ଦଳମାନେ ନିଜ ନିଜ ଅଞ୍ଚଳରେ ଏକାକୀ ବିଜେପିର ମୁକାବିଲା କରିବା ସ୍ଥିତିରେ ନାହାନ୍ତି। ତେଣୁ ଇଣ୍ଡିଆ ମେଣ୍ଟର ସଦସ୍ୟମାନଙ୍କୁ ଗତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପିର ସ୍ଲୋଗାନ୍- 'ବଟେଙ୍ଗେ ତେ କଟେଙ୍ଗେ(ବିଭାଜିତ ହେଲେ ସ୍ଥିତି ହରାଇବା)', 'ଏକ ରହେଙ୍ଗେ ତୋ ସେଫ୍ ରହେଙ୍ଗେ(ଏକଜୁଟ ରହିଲେ ସୁରକ୍ଷିତ ରହିବା)'କୁ ମନ୍ତ୍ର କରିବା ଦରକାର। ଏହା ଅସ୍ୱୀକାର କରିବାର ନାହିଁ ଯେ ବିରୋଧୀଦଳମାନଙ୍କୁ ଏକଜୁଟ୍ ବା ସଂଗଠିତ କରିବାରେ କୌଣସି ଆଞ୍ଚଳିକ ଦଳ ଓ ନେତୃତ୍ୱ ସାମ୍ପ୍ରତିକ ସ୍ଥିତିରେ ଅସମର୍ଥ। କଂଗ୍ରେସ ହିଁ ଅପରିହାର୍ଯ୍ୟ। ଏହା ମଧ୍ୟ ଅନସ୍ୱୀକାର୍ଯ୍ୟ ଯେ କଂଗ୍ରେସର ସାମ୍ପ୍ରତିକ ନେତୃତ୍ୱ ଆଞ୍ଚଳିକ ଦଳମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରୁନାହିଁ। କଂଗ୍ରେସର ଆଞ୍ଚଳିକ ଦଳମାନଙ୍କ ସହିତ ମେଣ୍ଟର ରେକର୍ଡ ମଧ୍ୟ ଭଲ ନୁହେଁ। ଗତ ତାମିଲନାଡୁ ବିଧାନସଭା ନିର୍ବାଚନରେ ପରେ ସହଯୋଗୀ ଡିଏମ୍‌କେର ହାତ ଛାଡ଼ି କଂଗ୍ରେସ ବିଜୟ ଥାଲାପତିଙ୍କ ଟିଭିକେକୁ ସମର୍ଥନ କରିବା ପରେ ଭାରତର ଏହି ସର୍ବପୁରାତନ ଜାତୀୟ ଦଳ ସହିତ ଡିଏମ୍‌କେ ସମ୍ପର୍କ ତୁଟାଇ ଦେଇ ଲୋକସଭାରେ ଭିନ୍ନସ୍ଥାନରେ ଆସନ ଦାବି କରିଛି। କଂଗ୍ରେସ ନେତୃତ୍ୱର ଏଭଳି ଅପରିପକ୍ୱ ରାଜନୀତି ଇଣ୍ଡିଆ ମେଣ୍ଟକୁ ଦୁର୍ବଳ ଏବଂ ଏନ୍‌ଡିଏ ମେଣ୍ଟକୁ ସବଳ କରୁଛି। କଂଗ୍ରେସର କେନ୍ଦ୍ରୀୟ ନୀତି ନିର୍ଦ୍ଧାରଣ କମିଟି ଏହି ଅପ୍ରିୟ ବାସ୍ତବତାକୁ ହୃଦୟଙ୍ଗମ କରିବାକୁ ପଡ଼ିବ।

ଭାରତର ଗଣତନ୍ତ୍ରକୁ ସୁରକ୍ଷିତ ରଖିବାର ଗୁରୁ ଦାୟିତ୍ୱ ଏବେ କଂଗ୍ରେସ ଉପରେ। କିନ୍ତୁ ସମୟ ଏବେ କଂଗ୍ରେସ ନେତୃତ୍ୱର ବଳିଦାନ ମାଗୁଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ସୁରକ୍ଷା ପାଇଁ କଂଗ୍ରେସ ଏହି ବଳିଦାନକୁ ଅଧିକ ଦିନ ଏଡ଼ାଇ ଚାଲିବା ଶୁଭଙ୍କର ନୁହେଁ। ବାସ୍ତବ ଓ ଅପ୍ରିୟ ସତ୍ୟକୁ ସ୍ୱୀକାର କରି କଂଗ୍ରେସ ଯୁବ ସେନାପତିଙ୍କୁ ନିଯୁକ୍ତି ଦେଇ ତାଙ୍କ ନେତୃତ୍ୱ ଉପରେ ଭରସା କରିବାକୁ ହେବ। ଆଞ୍ଚଳିକ ଦଳମାନେ ମଧ୍ୟ ନେତୃତ୍ୱର କେନ୍ଦ୍ରୀକରଣ ନୀତିକୁ ପରିହାର କରି ଅଧିକ ଗଣତାନ୍ତ୍ରିକ କରିବା ଦିଗରେ ଦୃଷ୍ଟି ନ ଦେଲେ ୨୦୨୯ ନିର୍ବାଚନୀ ଯୁଦ୍ଧରେ ଜିତିବା ଦୂରେ ଥାଉ ରଣାଙ୍ଗନରେ ତିଷ୍ଠି ରହିବା ଅସମ୍ଭବ ହୋଇପଡ଼ିବ।

## ନମ୍ରତା, ସଂଶୋଧନ ଓ ପ୍ରାତିଷ୍ଠାନିକ ସ୍ମୃତି

ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ

ଓଡ଼ିଶାରେ ନିକଟରେ ଦେଖାଦେଇଥିବା ପାଠ୍ୟପୁସ୍ତକ ଜନିତ ତ୍ରୁଟିଗୁଡ଼ିକର ଯେଉଁ ତଦନ୍ତ ବା ଅନୁସନ୍ଧାନ ଚାଲିଛି, ତାହା ଅତ୍ୟନ୍ତ ଆବଶ୍ୟକ ଓ ସ୍ୱାଗତଯୋଗ୍ୟ। କେଉଁଠି ଭୁଲ୍ ହେଲା, କେମିତି ସେଗୁଡ଼ିକ ଯାଞ୍ଚରୁ ବାଦ୍ ପଡ଼ିଗଲା ଏବଂ କେଉଁ ପରିସ୍ଥିତି ଏଥିପାଇଁ ଦାୟୀ, ତାହା ବୁଝିବା ଯେକୌଣସି ଅନୁଷ୍ଠାନର ଦାୟିତ୍ୱବୋଧର ଏକ ମୁଖ୍ୟ ଅଂଶ। ପ୍ରତ୍ୟେକ ଅଭିଜ୍ଞ ଶିକ୍ଷକ, ପ୍ରଶାସକ ଓ ବୈଜ୍ଞାନିକ ବୁଝନ୍ତି ଯେ ଗତକାଲିର ଭୁଲ୍ ପରଖିବା ଯେତିକି ଜରୁରୀ, ତାହା କେବଳ ପ୍ରଥମ ପାହାଚ ମାତ୍ର। ପ୍ରକୃତ ଓ ବଡ଼ ଆହ୍ୱାନ ହେଉଛି ଏହା ନିଶ୍ଚିତ କରିବା ଯେ ଯେପରି ଆଗାମୀ ଦିନରେ ଏଭଳି ଭୁଲ୍‌ର ପୁନରାବୃତ୍ତି ଅତି ନଗଣ୍ୟ ବା ବିରଳ ହୋଇଯିବ। ଏହି ଦୃଷ୍ଟିରୁ ଦେଖିଲେ, ବର୍ତ୍ତମାନର ସମୟ କେବଳ ସୁଧାରର ସମୟ ନୁହେଁ, ବରଂ ଆତ୍ମସମୀକ୍ଷା ବା ଚିନ୍ତନର ଏକ ସୁଯୋଗ। ଆମ ସାମ୍ନାରେ ଥିବା ପ୍ରଶ୍ନଟି କେବଳ କାହା ଉପରେ ଦୋଷ ଲଦିବାଠାରୁ ବହୁତ ବଡ଼। କୌଣସି ଅନୁଷ୍ଠାନ କିଭଳି ଶିକ୍ଷା ଲାଭ କରେ, ନିଜର ଅଭିଜ୍ଞତାକୁ କିଭଳି ଜ୍ଞାନ ବା ବିଜ୍ଞତାରେ ରୂପାନ୍ତରିତ କରେ ଏବଂ ସାମୟିକ ସମସ୍ୟାଗୁଡ଼ିକୁ ସୁଧାରି ସମଗ୍ର ବ୍ୟବସ୍ଥାକୁ ପିଢ଼ି ପରେ ପିଢ଼ି ପାଇଁ କିଭଳି ଅଧିକ ଶକ୍ତିଶାଳୀ କରିପାରେ, ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ।

ଚିକିତ୍ସା ବିଜ୍ଞାନର ଇତିହାସ ଆମକୁ ଏକ ବହୁତ ସୁନ୍ଦର ଶିକ୍ଷା ଦିଏ। ଶତାବ୍ଦୀ ଶତାବ୍ଦୀ ଧରି ମାନବ ସମାଜ ରୋଗର ଚିକିତ୍ସା ପାଇଁ ପ୍ରବଳ ପରିଶ୍ରମ କରୁଥିଲା। କିନ୍ତୁ ମାନବ ସମାଜର କଲ୍ୟାଣ କ୍ଷେତ୍ରରେ ସବୁଠାରୁ ବଡ଼ ପ୍ରଗତି ସେତେବେଳେ ଆସିଲା, ଯେତେବେଳେ ସମସ୍ତଙ୍କର ଦୃଷ୍ଟି ରୋଗର ଚିକିତ୍ସା ଅପେକ୍ଷା ତା'ର ପ୍ରତିଷେଧକ ବା ନିରାକରଣ ଆଡ଼କୁ ଗଲା। ରୋଗ ହେବାର ଆଶଙ୍କାକୁ କିଭଳି କମାଯାଇପାରିବ ସେହି ବିଦ୍ୟା ମାନବ ଶିଖିଲା। ଶିକ୍ଷା ବ୍ୟବସ୍ଥା ମଧ୍ୟ ଠିକ୍ ଏହିଭଳି ଜ୍ଞାନର ଦାବି କରେ। ଶିକ୍ଷା ବ୍ୟବସ୍ଥାରେ ସଂଶୋଧନ ବା ସୁଧାର କେବଳ ସାମୟିକ କ୍ଷତିର ଭରଣା କରିଥାଏ। କିନ୍ତୁ ପ୍ରତିଷେଧକ ବା ପୂର୍ବ-ସତର୍କତା ସମଗ୍ର ସଂରଚନାକୁ ଦୃଢ଼ କରିଥାଏ। ଶିକ୍ଷକମାନେ ଉତ୍ତରଖାତା ସଂଶୋଧନ କରନ୍ତି, ପିଲାଙ୍କ ମନର ଭ୍ରମ ଦୂର କରନ୍ତି ଏବଂ ପାଠ୍ୟଖସଡ଼ା ବା ଲେସନ୍ ପ୍ଲାନ୍ ବଦଳାନ୍ତି। ତଥାପି ସେମାନେ ନିଜ ଅଭିଜ୍ଞତାରୁ ଜାଣନ୍ତି ଯେ କୌଣସି ଦ୍ୱନ୍ଦ୍ୱ ବା ଭୁଲ୍ ସୃଷ୍ଟି ହେବା ପରେ ତା'କୁ ସୁଧାରିବା ଅପେକ୍ଷା ସେହି ଦ୍ୱନ୍ଦ୍ୱକୁ ଆରମ୍ଭରୁ ପ୍ରତିହତ କରିବା ସବୁଠାରୁ ଶ୍ରେଷ୍ଠ। ଏହି ସମାନ ନିୟମ ଅନୁଷ୍ଠାନଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ। ସଂଶୋଧନ କେବଳ ମରାମତି କରେ, କିନ୍ତୁ ପ୍ରତିଷେଧକ ବ୍ୟବସ୍ଥାକୁ ଶକ୍ତିଶାଳୀ କରେ।

ଯେଉଁମାନେ ଶ୍ରେଣୀଗୃହରେ ଦଶନ୍ଧି ଦଶନ୍ଧି ସମୟ ବିତାଇଛନ୍ତି, ସେମାନେ ଆଉ ଏକ ମୌଳିକ ସତ୍ୟକୁ ବୁଝନ୍ତି। ମାନବର ପ୍ରତ୍ୟେକ ପ୍ରୟାସ ମଧ୍ୟରେ କିଛି ନା କିଛି ଅପୂର୍ଣ୍ଣତା ବା ସୀମିତତା ରହିବା ସ୍ୱାଭାବିକ। ଶିକ୍ଷାଦାନ, ଲିଖନ, ସମ୍ପାଦନା ଓ ଅନୁବାଦ ଆଦି ମାନବୀୟ ଶ୍ରମର ଫଳ। ତେଣୁ ଲକ୍ଷ ଲକ୍ଷ ଶବ୍ଦ ଏବଂ ଅନେକ ବିଷୟ ସହିତ ଜଡ଼ିତ କୌଣସି ବଡ଼ କାର୍ଯ୍ୟ କେବେ ହେଲେ ସମ୍ପୂର୍ଣ୍ଣ ନିର୍ଭୁଲ୍ ବା ଅଭ୍ରାନ୍ତ ବୋଲି ଦାବି କରିପାରିବ ନାହିଁ। ସମ୍ପୂର୍ଣ୍ଣ ସଠିକତା ନିଶ୍ଚିତ ଭାବରେ ଆମର ଲକ୍ଷ୍ୟ ହେବା ଉଚିତ। କିନ୍ତୁ ସେଥିପାଇଁ ମନରେ ନମ୍ରତା ରହିବା ଅପରିହାର୍ଯ୍ୟ। କୌଣସି ଅନୁଷ୍ଠାନର ମହାନତା ନିଜକୁ ସମ୍ପୂର୍ଣ୍ଣ ଭୁଲ୍-ଶୂନ୍ୟ ବୋଲି ଦେଖାଇବାରେ ନଥାଏ; ବରଂ ଏହା ନୂଆ କଥା ଶିଖିବା, ସଂଶୋଧନ କରିବା ଏବଂ ନିରନ୍ତର ସୁଧାରିବା ପାଇଁ ଥିବା ଇଚ୍ଛାଶକ୍ତି ମଧ୍ୟରେ ହିଁ ପ୍ରକାଶ ପାଇଥାଏ। ସତ୍ୟ ଆଗରେ ନମ୍ରତା ପ୍ରକାଶ କରିବା ହିଁ ଏକ ଅନୁଷ୍ଠାନର ସବୁଠାରୁ ବଡ଼ ଶକ୍ତିର ପରିଚାୟକ।

ଇତିହାସରେ ଏହି ମନୋଭାବର ଅନେକ ଉଦାହରଣ ରହିଛି। ଚାର୍ଲସ୍ ଡାରୱିନ୍ ସାରା ଜୀବନକାଳ ମଧ୍ୟରେ ନିଜର ପ୍ରସିଦ୍ଧ ବହି 'ଅନ୍ ଦି ଓରିଜିନ୍ ଅଫ୍ ସ୍ପେସିସ୍' ର ପ୍ରତ୍ୟେକ ସଂସ୍କରଣକୁ ବାରମ୍ବାର ସଂଶୋଧନ କରୁଥିଲେ, ଯେଉଁଥିରେ ସେ ନୂତନ ତଥ୍ୟ ଏବଂ ବୈଜ୍ଞାନିକ ସମାଲୋଚନାଗୁଡ଼ିକୁ ସ୍ଥାନ ଦେଉଥିଲେ। ଆଲବର୍ଟ ଆଇନଷ୍ଟାଇନ ମଧ୍ୟ ମହାକାଶ ବିଜ୍ଞାନର ନୂତନ ଆବିଷ୍କାର ପରେ ନିଜର ପୂର୍ବ ଧାରଣାକୁ ବଦଳାଇ 'କସମୋଲୋଜିକାଲ କନଷ୍ଟାଣ୍ଟ'କୁ ନିଜ ଜୀବନର 'ସବୁଠାରୁ ବଡ଼ ଭୁଲ୍' ବୋଲି ସ୍ୱୀକାର କରିଥିଲେ। ଆଧୁନିକ ବୈଜ୍ଞାନିକ ପତ୍ରିକାଗୁଡ଼ିକ ନିୟମିତ ଭାବେ ନିଜର ଭୁଲ୍ ସଂଶୋଧନ କରନ୍ତି ଏବଂ ଆବଶ୍ୟକ ସ୍ଥଳେ ନିଜର ପ୍ରବନ୍ଧକୁ ପ୍ରତ୍ୟାହାର କରିନିଅନ୍ତି। ଏଭଳି କାର୍ଯ୍ୟ କେବେ ବି ବୌଦ୍ଧିକ ଦୁର୍ବଳତାର ଲକ୍ଷଣ ନୁହେଁ। ବରଂ ଏହା ଜ୍ଞାନର ସ୍ୱତଃ-ସଂଶୋଧନ ପ୍ରକ୍ରିୟା ଉପରେ ଥିବା ଦୃଢ଼ ଆତ୍ମବିଶ୍ୱାସକୁ ଦର୍ଶାଇଥାଏ। ଜ୍ଞାନର ପ୍ରଗତି ଏଥିପାଇଁ ହୁଏନାହିଁ ଯେ ମଣିଷ କେବେ ଭୁଲ୍ କରେନାହିଁ, ବରଂ ଏଥିପାଇଁ ହୁଏ କାରଣ ମଣିଷ ପାଖରେ ଭୁଲ୍‌କୁ ଚିହ୍ନିବା ଏବଂ ତାକୁ ସୁଧାରିବାର ବିଜ୍ଞତା ରହିଛି।

ବର୍ତ୍ତମାନର ଏହି ଘଟଣା ଶିକ୍ଷାଗତ ପ୍ରକାଶନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଆମର ଦୃଷ୍ଟି ଆକର୍ଷଣ କରୁଛି। ଆମ ଭଳି ଏକ ବହୁଭାଷୀ ସମାଜରେ ଅନୁବାଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ପାଠ୍ୟପୁସ୍ତକ ପ୍ରାୟତଃ ଭିନ୍ନ ଭିନ୍ନ ଭାଷା, ବିଷୟ ଏବଂ ସାଂସ୍କୃତିକ ପରିବେଶ ମଧ୍ୟ ଦେଇ ଗତି କରି ପ୍ରସ୍ତୁତ ହୋଇଥାଏ। କିନ୍ତୁ ଅନୁବାଦର ଅର୍ଥ କେବଳ ଗୋଟିଏ ଶବ୍ଦ ବଦଳରେ ଆଉ ଗୋଟିଏ ଶବ୍ଦ ବସାଇଦେବା ନୁହେଁ। ଶବ୍ଦଗୁଡ଼ିକ ସହଜରେ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଚାଲିଯାଇପାରନ୍ତି, କିନ୍ତୁ ସେମାନଙ୍କର ପ୍ରକୃତ ଅର୍ଥ ସହଜରେ ଯାଇପାରେ ନାହିଁ। ପ୍ରକୃତ ଅନୁବାଦ ହେଉଛି ବିଷୟର ସଠିକ ବ୍ୟାଖ୍ୟା ବା ବୋଧଗମ୍ୟତା। ବୈଜ୍ଞାନିକ ନିୟମ, ଐତିହାସିକ ଧାରଣା ଏବଂ ଭାଷାର ସୂକ୍ଷ୍ମତାଗୁଡ଼ିକ ଅନ୍ୟ ରୂପରେ ପ୍ରକାଶ ପାଇଲେ ମଧ୍ୟ ସେମାନଙ୍କର ମୂଳ ଅର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବା ଆବଶ୍ୟକ। ସେଥିପାଇଁ ସ୍ୱତନ୍ତ୍ର ସମୀକ୍ଷା, ପୁନଃ-ଅନୁବାଦ ଏବଂ ସତର୍କ ଭାଷାଗତ ଯାଞ୍ଚ ଭଳି ବ୍ୟବସ୍ଥାକୁ ଏଡ଼ାଇ ଯିବା ବିଜ୍ଞତାର ପରିଚୟ ନୁହେଁ।

ଆଜି ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ମଣିଷର କାମ କରିବାର ଗତି ଓ ପରିସରକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ଯେଉଁ କାମ ପାଇଁ ମାସ ମାସ ସମୟ ଲାଗୁଥିଲା, ତାହା ଆଜି କେଇ ସପ୍ତାହ ମଧ୍ୟରେ ଶେଷ ହୋଇପାରୁଛି। ଏହି ବିକାଶ ଶିକ୍ଷାର ପ୍ରଗତି ପାଇଁ ଅନେକ ସମ୍ଭାବନା ଆଣିଦେଇଛି। କିନ୍ତୁ କାର୍ଯ୍ୟର କ୍ଷୀପ୍ରତା ବା ଗତି କେବେ ବି ପ୍ରକୃତ ଜ୍ଞାନ ବା ବିଜ୍ଞତାର ବିକଳ୍ପ ହୋଇପାରିବ ନାହିଁ। ପ୍ରଯୁକ୍ତିବିଦ୍ୟା ଶିକ୍ଷା କ୍ଷେତ୍ରରେ ସାହାଯ୍ୟ କରିପାରେ, କିନ୍ତୁ ଏହା ମଣିଷର ବିଚାର ବୁଦ୍ଧି ଓ ନିର୍ଣ୍ଣୟ କ୍ଷମତାକୁ ବଦଳାଇ ପାରିବ ନାହିଁ। କୋମଳମତି ଶିଶୁମାନଙ୍କର ମନ ଗଠନ କରିବା ଏଭଳି ଏକ ଗୁରୁ ଦାୟିତ୍ୱ, ଯାହାକୁ କେବଳ କାର୍ଯ୍ୟର ଗତି ଉପରେ ଛାଡ଼ି ଦିଆଯାଇପାରିବ ନାହିଁ।

ଅଭିଜ୍ଞତା ମୂଲ୍ୟବାନ ହୁଏ ଯେତେବେଳେ ତାହା ସ୍ମୃତିରେ ରହେ ଏବଂ ସ୍ମୃତି ଉପଯୋଗୀ ହୁଏ, ଯେତେବେଳେ ତାହା ଆଗାମୀ ଦିନର କାର୍ଯ୍ୟକୁ ମାର୍ଗଦର୍ଶନ ଦିଏ। ବ୍ୟକ୍ତିବିଶେଷ ନିଜ ଅଭିଜ୍ଞତାରୁ ପରିପକ୍ୱ ହୁଅନ୍ତି; ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଠିକ୍ ସେହିଭଳି କରିବାକୁ ପଡ଼ିବ। ଯେକୌଣସି ଶିକ୍ଷା ବ୍ୟବସ୍ଥାରେ ପ୍ରାତିଷ୍ଠାନିକ ସ୍ମୃତି ହେଉଛି ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ଅନେକ ସ୍ତରର ସମୀକ୍ଷା, ସ୍ୱାଧୀନ ଶୈକ୍ଷିକ ଯାଞ୍ଚ, ପାଇଲଟ୍ ଟେଷ୍ଟିଙ୍ଗ୍ ଶିକ୍ଷକମାନଙ୍କଠାରୁ ମତାମତ ଏବଂ ସମୟାନୁକ୍ରମିକ ଗୁଣବତ୍ତା ଆକଳନ ଆଦି ପ୍ରାତିଷ୍ଠାନିକ ପରିପକ୍ୱତାର ପ୍ରକାଶ। ଏଗୁଡ଼ିକର ଉଦ୍ଦେଶ୍ୟ ନିରନ୍ତର ସୁଧାରର ଏକ ସଂସ୍କୃତି ଗଠନ କରିବା।

ଓଡ଼ିଶାର ସାମ୍ପ୍ରତିକ ପାଠ୍ୟପୁସ୍ତକ ଘଟଣାକୁ ତେଣୁ କେବଳ ଏକ ତଦନ୍ତର ବିଷୟ ବଦଳରେ ପ୍ରାତିଷ୍ଠାନିକ ଶିକ୍ଷାର ଏକ ବଡ଼ ସୁଯୋଗ ଭାବେ ଗ୍ରହଣ କରାଯିବା ଉଚିତ। ଯଦି ଏହି ଅଭିଜ୍ଞତା ଆମ ମଧ୍ୟରେ ସଂଶୋଧନର ମନୋଭାବ, ନମ୍ରତା ଓ ଗୁଣବତ୍ତା ପ୍ରତି ଏକ ଗଭୀର ସଚେତନତା ସୃଷ୍ଟି କରିପାରେ, ତେବେ ଏଥିରୁ ମିଳିଥିବା ଶିକ୍ଷା ପରିଶେଷରେ ସେହି ଭୁଲଗୁଡ଼ିକଠାରୁ ଅଧିକ ଦୀର୍ଘସ୍ଥାୟୀ ଓ ମୂଲ୍ୟବାନ ପ୍ରମାଣିତ ହେବ।

ଛାତ୍ରଛାତ୍ରୀମାନେ କେବଳ ସଫଳତାରୁ ଶିଖନ୍ତି ନାହିଁ, ବରଂ ନିଜର ଭୁଲ୍ ସଂଶୋଧନରୁ ମଧ୍ୟ ଅନେକ କଥା ଶିଖିଥା'ନ୍ତି। ଶିକ୍ଷକମାନେ ନିଜର ପଦ୍ଧତି ବଦଳାନ୍ତି। ଗବେଷକମାନେ ନିଜର ବୁଝାମଣାକୁ ସଂଶୋଧନ କରନ୍ତି। ଅନୁଷ୍ଠାନଗୁଡ଼ିକ ପାଖରେ ମଧ୍ୟ ନିଜକୁ ସଂଶୋଧନ କରିବାର ସେହି ସାହସ ରହିବା ଆବଶ୍ୟକ। କାରଣ ଶ୍ରେଷ୍ଠତାର ପ୍ରକୃତ ମାପକାଠି ଭୁଲ୍‌ର ଅନୁପସ୍ଥିତି ନୁହେଁ, ବରଂ ଭୁଲ୍‌ରୁ ଶିଖିବା ପାଇଁ ଥିବା ଆନ୍ତରିକ ଇଚ୍ଛାଶକ୍ତି। ସଂଶୋଧନ ବର୍ତ୍ତମାନକୁ ସୁଧାରିଥାଏ, କିନ୍ତୁ ପ୍ରତିଷେଧକ ବା ସତର୍କତା ଭବିଷ୍ୟତକୁ ସୁରକ୍ଷିତ କରିଥାଏ।

ଭୁବନେଶ୍ୱର, ମୋ:୭୭୩୫୩୭୪୯୭

## ମହେଞ୍ଜୋଦାରୋ ନର୍ତ୍ତକୀ ମୂର୍ତ୍ତି ବିବାଦ

ଇଂ ମାୟାଧର ସ୍ୱାଇଁ

ମହେଞ୍ଜୋଦାରୋର ଭଗ୍ନାବଶେଷରୁ ଆବିଷ୍କାର କରାଯାଇଥିବା ଏକ ପିତଳ ନର୍ତ୍ତକୀ ମୂର୍ତ୍ତିକୁ ନେଇ ବର୍ତ୍ତମାନ ବେଶ୍ ଚର୍ଚ୍ଚା ଚାଲିଛି। ଏହାକୁ ଏନ୍‌ସିଇଆରଟି ନବମ ଶ୍ରେଣୀର କଳା ପାଠ୍ୟପୁସ୍ତକରେ ସ୍ଥାନ ଦେଇଛି। ପୂର୍ବରୁ ଅବିକଳ ମୂର୍ତ୍ତିର ଚିତ୍ର ଦିଆଯାଇଥିବା ବେଳେ ଏହି ବର୍ଷ ନୂତନ ଭାବେ ପ୍ରକାଶିତ ପାଠ୍ୟ ପୁସ୍ତକରେ ମୂର୍ତ୍ତିର ଅଣ୍ଟା ତଳକୁ କପଡ଼ାରେ ଘୋଡ଼ାଇ ଚିତ୍ର ଦିଆଯାଇଛି। ବୋଧହୁଏ ଏହି ଛୋଟ ନଗ୍ନ ମୂର୍ତ୍ତି ଅଶ୍ଳୀଳତାକୁ ପ୍ରକାଶ କରୁଥିବାର କେହି ମନେ କଲେ ଏବଂ ଏଭଳି ପଦକ୍ଷେପ ନେଲେ। ମାତ୍ର ବୁଦ୍ଧିଜୀବୀମାନଙ୍କ ପ୍ରତିବାଦ ପରେ ଏନ୍‌ସିଇଆରଟି ଏହାକୁ ପୂର୍ବବର୍ଷ ଭଳି ପ୍ରକାଶ କରିବ ବୋଲି ସୂଚନା ଦେଇଛି।

ପୃଥିବୀର କେତୋଟି ପ୍ରାଚୀନ ସହର ମଧ୍ୟରୁ ମହେଞ୍ଜୋଦାରୋ ହେଉଛି ଅନ୍ୟତମ। ଅନେକ ବର୍ଷର କାଳାତିପାତି ପରେ ଏହା ଭୂମି ତଳେ ପୋତି ହୋଇ ରହିଥିଲା ଏବଂ ଗତ ଶତାବ୍ଦୀରେ ପ୍ରତ୍ନତାତ୍ତ୍ୱିକ ଖନନ ପରେ ଆବିଷ୍କୃତ ହେଲା। ଏହା ବର୍ତ୍ତମାନ ପାକିସ୍ତାନରେ ଅବସ୍ଥିତ। ମାତ୍ର ୧୯୨୨ ମସିହାରେ ଯେତେବେଳେ ଭୂମିତଳୁ ଏହାକୁ ଆବିଷ୍କାର କରାଗଲା, ସେତେବେଳେ ଏହା ଭାରତରେ ଥିଲା। ସିନ୍ଧୁ ପ୍ରଦେଶରେ ସିନ୍ଧୁ ନଦୀ କୂଳରେ ଗଢ଼ି ଉଠିଥିବା ମହେଞ୍ଜୋଦାରୋ ସହର ଖ୍ରୀ.ପୂ ୨୬୦୦ରେ ନିର୍ମିତ ହୋଇଥିବାର ଅନୁମାନ କରାଯାଉଛି। ସେହି ସମୟରେ ଏହା ସମେତ ହରପ୍ପା ଓ ଆଉ କେତୋଟି ଜନବସତି ସିନ୍ଧୁ ନଦୀ କୂଳରେ ଗଢ଼ି ଉଠି ଏକ ଉନ୍ନତ ସଭ୍ୟତା ସ୍ଥାପିତ ହୋଇଥିଲା। ଏଣୁ ଏହାକୁ ସିନ୍ଧୁ ସଭ୍ୟତା କୁହାଯାଉଛି। ପ୍ରତ୍ନତାତ୍ତ୍ୱିକ ଖନନ ପରେ ମହେଞ୍ଜୋଦାରୋର ନକ୍ସା, ରାସ୍ତା, କୋଠାବାଡ଼ିର ଭଗ୍ନାବଶେଷ ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ। ରାସ୍ତାଗୁଡ଼ିକ ପ୍ରଶସ୍ତ ଓ ସିଧା ସିଧା ଥିଲା। ସ୍ଥଳବିଶେଷରେ ରାସ୍ତାର ଓସାର ୩୦ ଫୁଟ ଥିଲା। ରାସ୍ତାଗୁଡ଼ିକ ଇଟା ଓ ମାଟି ଦ୍ୱାରା ଶକ୍ତ ଭାବରେ ନିର୍ମିତ ହୋଇଥିଲା। ସହରରେ ଯୋଜନାବଦ୍ଧ ଭାବରେ ଜଳଯୋଗାଣ ଓ ଜଳନିଷ୍କାସନ ବ୍ୟବସ୍ଥା ଥିଲା। ନାଳ ନର୍ଦ୍ଦମା, ପୁଷ୍କରିଣୀ, ଶସ୍ୟାଗାର ଆଦି ଉନ୍ନତ ପ୍ରଣାଳୀରେ ନିର୍ମିତ ହୋଇଥିଲା। ଅନୁମାନ କରାଯାଉଛି ଯେ ସିନ୍ଧୁ ସଭ୍ୟତାର ଏହି ସହରରେ ପ୍ରାୟ ୩୫, ୦୦୦ ଲୋକ ବାସ କରୁଥିଲେ।

ମହେଞ୍ଜୋଦାରୋର ଭଗ୍ନାବଶେଷରୁ ମାଟି, ପଥର, ପିତଳ ଓ ଟେରାକୋଟା ଆଦିରୁ ନିର୍ମିତ ଅନେକ ମୂର୍ତ୍ତି ମିଳିଛି। ସେଥିମଧ୍ୟରୁ ଅନ୍ୟତମ ହେଉଛି 'ନୃତ୍ୟରତା ରମଣୀ'ର ଏକ ପିତଳ ମୂର୍ତ୍ତି। ଏହାର ଉଚ୍ଚତା ହେଉଛି ୧୦.୫ ସେଣ୍ଟିମିଟର। ଏହାକୁ ୧୯୨୬ ମସିହାରେ ଆବିଷ୍କାର କରାଯାଇଥିଲା। ନୃତ୍ୟଭଙ୍ଗୀରେ ଠିଆ ହୋଇଥିବା ରମଣୀର ବଡ଼ ବଡ଼ ଆଖି, ଚେପ୍‌ଟା ନାକ, କୁଞ୍ଚୁକୁଞ୍ଚିଆ କେଶ, ଲମ୍ବା ଗୋଡ଼ ଓ ହାତ ଅଛି। ଏଥିରୁ ସେହି ସମୟର କାରୁକାର୍ଯ୍ୟର ସୂଚନା ମିଳୁଛି। ଏଥିରୁ ଜଣାପଡ଼େ ଯେ ସେତେବେଳେ ଲୋକମାନଙ୍କୁ ଧାତୁକାମ ଜଣାଥିଲା ଏବଂ ଲୋକମାନଙ୍କର ସଂସ୍କୃତିରେ ନୃତ୍ୟ ଏକ ଅଂଶ ଥିଲା। ମହେଞ୍ଜୋଦାରୋର ଏହି କ୍ଷୁଦ୍ର ନୃତ୍ୟରତା ରମଣୀ ମୂର୍ତ୍ତିକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଦେଖାଦେଇଛି। ଏହି ମୂର୍ତ୍ତି ସମେତ ସିନ୍ଧୁ ସଭ୍ୟତାର ପ୍ରାୟ ବାରହଜାର କଳାକୀର୍ତ୍ତି ଲାହୋର ସଂଗ୍ରହାଳୟରେ ରଖାଯାଇଥିଲା। ୧୯୪୬ ମସିହାରେ ଦିଲ୍ଲୀରେ ଅନୁଷ୍ଠିତ ଏକ ପ୍ରଦର୍ଶନକୁ ଏହି ସବୁ କଳାକୀର୍ତ୍ତିକୁ ଇଂରେଜୀ ପ୍ରତ୍ନତତ୍ତ୍ୱବିତ୍ ସାର୍ ମାର୍ଟିମର ହୁଇଲର ଆଣିଥିଲେ। ହୁଇଲର ୧୯୪୪ ମସିହାରୁ ୧୯୪୮ ମସିହା ପର୍ଯ୍ୟନ୍ତ 'ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ' ସଂସ୍ଥାର ମହାନିର୍ଦ୍ଦେଶକ ଥିଲେ। ୧୯୪୭ ମସିହାରେ ଦେଶ ବିଭାଜନ ହୋଇ ପାକିସ୍ତାନ ଗଠିତ ହେଲା ଏବଂ ମହେଞ୍ଜୋଦାରୋ ଓ ହରପ୍ପା ସମେତ ସିନ୍ଧୁ ସଭ୍ୟତାର ଅନ୍ୟ କେତେକ ସ୍ଥାନ ପାକିସ୍ତାନରେ ରହିଲା। କେବଳ ଦୁଇଟି ଛୋଟ ସ୍ଥାନ ଗୁଜୁରାଟରେ ରଙ୍ଗପୁର ଓ ପଞ୍ଜାବରେ କୋଟଲା ନିହାଙ୍ଗ ଭାରତରେ ରହିଲା। ଦେଶ ବିଭାଜନ ପୂର୍ବରୁ ଦିଲ୍ଲୀ ପ୍ରଦର୍ଶନୀ ପାଇଁ ଆସିଥିବା ସିନ୍ଧୁ ସଭ୍ୟତାର କଳାକୀର୍ତ୍ତିଗୁଡ଼ିକ ଭାରତରେ ରହିଗଲା।

ଯେହେତୁ ଏହିସବୁ କଳାକୀର୍ତ୍ତିଗୁଡ଼ିକ ମିଳିଥିବା ସ୍ଥାନଗୁଡ଼ିକ ପାକିସ୍ତାନରେ ରହିଲା, ପାକିସ୍ତାନ ଏହି ସବୁକୁ ନେବା ପାଇଁ ଭାରତ ପାଖରେ ଦାବି କଲା। ଭାରତର ମତ ହେଲା ଯେ ସିନ୍ଧୁ ସଭ୍ୟତାର ଉତ୍ତରାଧିକାରୀ ହେଉଛି ସମଗ୍ର ଦକ୍ଷିଣ ଏସିଆ, କେବଳ ପାକିସ୍ତାନ ନୁହେଁ। ଅନେକ ଆଲୋଚନା ପରେ ଶେଷରେ କଳାକୀର୍ତ୍ତିଗୁଡ଼ିକୁ ଦୁଇ ଦେଶ ମଧ୍ୟରେ ସମାନ ଭାବରେ ବଣ୍ଟାଗଲା। ସେଗୁଡ଼ିକମଧ୍ୟରୁ 'ନୃତ୍ୟରତା ରମଣୀ' ମୂର୍ତ୍ତି ସହିତ ଅନ୍ୟ ଏକ ପିତଳ ମୂର୍ତ୍ତି 'ପୂଜକ ରାଜା' ଥିଲା। ଏହି ଦୁଇ କଳାକୃତି ମଧ୍ୟରୁ ଗୋଟିଏକୁ ବାଛିବା ପାଇଁ ପାକିସ୍ତାନ ଅଧିକାରୀଙ୍କୁ କୁହାଗଲା। ସେମାନେ 'ପୂଜକ ରାଜା' ମୂର୍ତ୍ତିକୁ ବାଛି ସାଥିରେ ନେଇଗଲେ। ଜଣାଯାଏ ଯେ ଗୋଟିଏ ନଗ୍ନ ତରୁଣୀ ମୂର୍ତ୍ତି ବାଛିବା ପାଇଁ ସେମାନେ ସଙ୍କୋଚବୋଧ କଲେ। ପୁନଶ୍ଚ ପାକିସ୍ତାନବାସୀଙ୍କ ଧାର୍ମିକ ପ୍ରତିକ୍ରିୟାର ଆଶଙ୍କା ମଧ୍ୟ ଥିଲା। ଏଣୁ ସେମାନେ ଗୋଟିଏ ପୁରୁଷର ମୂର୍ତ୍ତି ବାଛିଲେ। ମହେଞ୍ଜୋଦାରୋ ନର୍ତ୍ତକୀ ମୂର୍ତ୍ତି ବର୍ତ୍ତମାନ ନୂଆଦିଲ୍ଲୀର ଜାତୀୟ ସଂଗ୍ରହାଳୟରେ ଅଛି।

୧୯୭୨ ମସିହାରେ ହୋଇଥିବା ୟୁନେସ୍କୋ ସନ୍ଧି ଅନୁଯାୟୀ କୌଣସି ଐତିହାସିକ କୀର୍ତ୍ତି ବା ଅବଶେଷ ଯେଉଁସ୍ଥାନରେ ମିଳିବ, ତାହା ସେହି ଦେଶର ହେବ। ମହେଞ୍ଜୋଦାରୋ ବର୍ତ୍ତମାନ ପାକିସ୍ତାନରେ ଥିବାରୁ ଏହି ମୂର୍ତ୍ତିକୁ ସେଠାକୁ ଫେରାଇ ନେବାକୁ ସେହିଦେଶର ଲୋକମାନେ ଦାବି କରି ଆସୁଛନ୍ତି। ପାକିସ୍ତାନ ସରକାର ଏହି ମୂର୍ତ୍ତିକୁ ଫେରାଇ ନେବା ପାଇଁ ଭାରତ ନିକଟରେ ଦାବି କରିବା ପାଇଁ କେତେଜଣ ଲୋକ ୨୦୧୬ ମସିହାରେ ଲାହୋର ଉଚ୍ଚ ନ୍ୟାୟଳୟରେ ନିବେଦନ କରିଥିଲେ। ପୂରାତତ୍ତ୍ୱବିତ୍‌ମାନଙ୍କର ମତ ହେଉଛି ଯେ ସିନ୍ଧୁ ସଭ୍ୟତା ହେଉଛି ଦକ୍ଷିଣ ଏସିଆର ସାଧାରଣ ଐତିହ୍ୟ। ଏଥିରେ ପାକିସ୍ତାନର ଏକଚାଟିଆ ଅଧିକାର ନାହିଁ।

ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ଆମ ବୃକ୍ଷଲତା ଆମ ଜୀବନ

### ଚିତାକୁଟି
(Red Milkweed or Asthma Plant- Euphorbia hirta)

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଚିତାକୁଟି ଭାରତ ଓ ଅଷ୍ଟ୍ରେଲିଆର ଉଷ୍ଣ ଅଞ୍ଚଳରେ ବିସ୍ତାରିତ ହୋଇଥିଲେ ହେଁ ଏହାର ମୂଳଜାତ ସ୍ଥାନ ଆମେରିକାର ଉଷ୍ଣମଣ୍ଡଳୀୟ ଏବଂ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳ। ଏହା ସାଧାରଣତଃ କ୍ଷେତରେ, ରାସ୍ତା ପାର୍ଶ୍ୱରେ ଏବଂ ଅନାବନା ଖୋଲା ଅଞ୍ଚଳରେ ବଢ଼ିବା ଦେଖାଯାଏ। ଏହାକୁ ସାଧାରଣତଃ ଆଜ୍‌ମା କ୍ଷୁପ, ଲାଲ କ୍ଷୀର କ୍ଷୁପ ସହିତ ବିଭିନ୍ନ ଅଞ୍ଚଳ ଅନୁଯାୟୀ ଅନେକ ନାମରେ ଜଣାଯାଏ।

ଚିତାକୁଟି ଏକ ସିଧା ଠିଆ ହେବା କିମ୍ବା ଭୂଶାୟୀ ହୋଇ ତଳେ ମାଳିବା ଛୋଟ ବାର୍ଷିକ ଔଷଧି ଉଦ୍ଭିଦ, ଯାହା ୬୦ ସେମି ପର୍ଯ୍ୟନ୍ତ ବଢ଼ିପାରେ। ଏହାର କାଣ୍ଡ କଠିନ, ମୂଳରୁ ଉପର ପର୍ଯ୍ୟନ୍ତ ଅନେକ ଶାଖା ବହନ କରେ, ଲାଲ କିମ୍ବା ବାଇଗଣୀ ରଙ୍ଗର, ଅନେକ ହଳଦିଆରୁ ଲାଲ ମୋଟା କେଶ ସହିତ ସଜ୍ଜିତ ଥାଏ। ଏହାର ଏକ ପ୍ରଧାନ ମୂଳ ଥାଏ ଯାହା ଧଳା କିମ୍ବା ବାଦାମୀ ରଙ୍ଗର। ପତ୍ରଗୁଡ଼ିକ ସରଳ, ବିପରୀତ, ଅଣ୍ଡାକାର କିମ୍ବା ଟିକିଏ ସମଚତୁର୍ଭୁଜ ବା ରମ୍ବଜ ଆକାରର, ଧାର ଦନ୍ତୁରିତ, କେଶମୟ, ପୃଷ୍ଠ କିଛିଟା ଚମଡ଼ା ପରି। ପୁଷ୍ପୋଦଗମ ସସୀମ ସ୍ତବକ। ଫୁଲଗୁଡ଼ିକ ଏକ ଲିଙ୍ଗୀ ଏବଂ ପ୍ରତ୍ୟେକ ପତ୍ର ଅକ୍ଷ୍ୟରେ ପେଣ୍ଡା ହୋଇ ଅବସ୍ଥିତ ଥାଏ। ଫୁଲର ଗ୍ରନ୍ଥିଗୁଡ଼ିକ ଛୋଟ ଧଳା କିମ୍ବା ଗୋଲାପୀ ପାଖୁଡ଼ା ପରି। ଫଳଟି ଏକ କ୍ୟାପସୁଲ, ହଳଦିଆ, ତିନିକୋଷୀୟ, ଲୋମଯୁକ୍ତ, ଯେଉଁଥିରେ ତିନୋଟି ମାଟିଆରୁ ଲାଲ, ଚାରିପାର୍ଶ୍ୱୀୟ, କୋଣିଆ, କୁଞ୍ଚିତ ବିହନ ଥାଏ। ଉଦ୍ଭିଦର ପ୍ରତ୍ୟେକ ଅଙ୍ଗରେ ଧଳା କ୍ଷୀର ଭଳି ଲାଟେକ୍ସ ଥାଏ, ଯାହା ବିଷାକ୍ତ।

ଆୟୁର୍ବେଦିକ, ସିଦ୍ଧ ଏବଂ ୟୁନାନି ଚିକିତ୍ସା ପଦ୍ଧତିରେ 'ଚିତାକୁଟି' ସ୍ତ୍ରୀରୋଗ ଚିକିତ୍ସା ପାଇଁ ଏକ ପାରମ୍ପରିକ ଔଷଧୀୟ ଉଦ୍ଭିଦ। ମହିଳାଙ୍କ ଋତୁସ୍ରାବ ଜନିତ କ୍ରାମ୍ପ ବା ବ୍ୟଥା, ପେଟଶୂଳ, ଶ୍ୱାସକ୍ରିୟା ଜନିତ ରୋଗ (କାଶ, କୋରାଇଜା, ବ୍ରୋଙ୍କାଇଟିସ୍, ଆସ୍ଥମା), କୃମି, ତରଳ ଝାଡ଼ା, ଜଣ୍ଡିସ୍, ବ୍ରଣ, ଗନୋରିଆ ବା ପ୍ରମେହ ରୋଗ, ପାଚନ ସମସ୍ୟା, ଟ୍ୟୁମର, ଜ୍ୱର ଉପଶମ ସହିତ ରକ୍ତ ଶର୍କରାସ୍ତରର ନିୟନ୍ତ୍ରଣ ଏବଂ ଶରୀର ପ୍ରତିରକ୍ଷା ପ୍ରଣାଳୀକୁ ବୃଦ୍ଧି ପାଇଁ ବ୍ୟବହାର ହୋଇଆସୁଛି। ଏହି ଔଷଧୀୟ ଉଦ୍ଭିଦ ବ୍ୟାକ୍ଟେରିଆ ପ୍ରତିରୋଧୀ, ପ୍ରଜ୍ଜ୍ୱଳନ ବା ପ୍ରଦାହ ପ୍ରତିରୋଧୀ, ମ୍ୟାଲେରିଆ ପ୍ରତିରୋଧୀ, ଗାଲାକ୍ଟୋଜେନିକ୍, କର୍କଟ ରୋଗ ପ୍ରତିରୋଧକ, ପ୍ରଜନନ ପ୍ରତିରୋଧୀ, ଆଣ୍ଟିଆମୋଏବିକ୍ ଏବଂ ଫଙ୍ଗସ ପ୍ରତିରୋଧୀ। ଛୋଟ କ୍ଷତକୁ ସୁସ୍ଥ କରିବାରେ ଏବଂ ଫୁଲା କମ କରିବାରେ ସାହାଯ୍ୟ କରିବା ପାଇଁ ଚୂର୍ଣ୍ଣ ପତ୍ରକୁ ପୋଲ୍ଟିସ୍ ଭାବରେ ବ୍ୟବହାର କରାଯାଇପାରିବ। ଫିଲିପାଇନ୍ସରେ (ଯେଉଁଠାରେ ଏହାକୁ ତାୱା-ତାୱା କୁହାଯାଏ), ବିଶେଷକରି ଡେଙ୍ଗୁ ଓ ମ୍ୟାଲେରିଆ ଜ୍ୱର ଉପଶମ ପାଇଁ ଏହାକୁ ଔଷଧ ଭାବରେ ହର୍ବାଲ୍ ଚା' ରୂପେ ବ୍ୟବହାର କରନ୍ତି। ଯନ୍ତ୍ରଣା ଓ ପ୍ରଦାହରୁ ମୁକ୍ତି ପାଇଁ ପତ୍ରରୁ ତିଆରି ଏକ ପୋଲ୍ଟିସ୍ ଫୁଲିଥିବା ସନ୍ଧିରେ ଲଗାଯାଇପାରିବ। ଏଥିରୁ ତିଆରି ଏକ ହାଲୁକା ପାନୀୟ ରସ ମାଲିସ କରିବା ଫଳରେ ଡାଣ୍ଡ୍ରାଫ୍ ବା ମୁଣ୍ଡର ଚର୍ମ ରୋଗ ହ୍ରାସ ହୁଏ ଏବଂ ଚର୍ମ ସ୍ୱାସ୍ଥ୍ୟ ସୁସ୍ଥ ରହେ। ଏକ ହର୍ବାଲ୍ ଟନିକ୍ ଭାବରେ ଏହା ହରମୋନ୍ ଅସନ୍ତୁଳନକୁ ନିୟନ୍ତ୍ରଣ କରି ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିପାରେ। ଏହି ଔଷଧି ପାରମ୍ପରିକ ଭାବରେ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ କ୍ଷୀର ଉତ୍ପାଦନକୁ ସକ୍ରିୟ ରଖେ। ମୂତ୍ରନଳୀ ସଂକ୍ରମଣ ଚିକିତ୍ସାରେ ଏହା ସାହାଯ୍ୟ କରେ, ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରେ, ବିଶେଷକରି ଯକୃତ ଓ ବୃକକରୁ। ଏହା ସ୍ନାୟୁତନ୍ତ୍ର ଉପରେ ଏକ ଶାନ୍ତ ପ୍ରଭାବ ପକାଇପାରେ। ପତ୍ରର ଏକ ଛୋଟ ଖଣ୍ଡ ଚୋବାଇଲେ କିମ୍ବା ଏହାର ରସ ଲଗାଇଲେ ଦାନ୍ତ ଯନ୍ତ୍ରଣାକୁ ସାମୟିକ ଶାନ୍ତ କରିପାରେ। ହାଲୁକା ଆଖି ସଂକ୍ରମଣର ଚିକିତ୍ସା ପାଇଁ ଏହାର ଦ୍ରବିତ ରସକୁ ଆଖି ଧୋଇବା ଭାବରେ ବ୍ୟବହାର କରାଯାଇପାରିବ।

ଗଛର ପତ୍ର, ଡାଳ ଓ ଫୁଲଗୁଡ଼ିକରେ ଆଲକେନ୍, ଫ୍ଲାଭୋନଏଡ୍ସ, ଟ୍ରାଇଟରପେନ୍ସ, ଟ୍ରାଇଟରପେନୋଏଡ୍ସ, ଫାଇଟୋଷ୍ଟେରୋଲ୍ସ, ଟାନିନ୍ସ, ପଲିଫେନୋଲ୍ସ, ଆମିନୋ ଏସିଡ୍ସ ଓ ଆଲକାଲଏଡ୍ସ ଭଳି ଜୈବ ରାସାୟନିକ ଉପାଦାନ ପ୍ରଚୁର ପରିମାଣରେ ଗଚ୍ଛିତ ଥାଏ। ଚିଟାକୁଟିର ବିହନ ଏବଂ କାଣ୍ଡ କଟିଙ୍ଗ ମାଧ୍ୟମରେ ବଂଶବିସ୍ତାର କରାଯାଇପାରିବ। ଏହା ପଶୁ ଓ ମଣିଷ ପାଇଁ ବିଷାକ୍ତ। ତେଣୁ ଗଛକୁ ଯତ୍ନର ସହିତ ପାଳନ କରନ୍ତୁ ଏବଂ ଏହାକୁ ଛୁଇଁବା ପରେ ହାତ ଧୋଇ ଦିଅନ୍ତୁ। ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଏହାକୁ ଔଷଧ ରୂପେ ସେବନ କରନ୍ତୁ ନାହିଁ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ହର୍ମୁଜ ଅତିକ୍ରମ କଲା ୩ ଭାରତୀୟ ଜାହାଜ

ବର୍ନ, ୨୧।୬ (ଏଜେନ୍ସି): ହର୍ମୁଜ ପ୍ରଣାଳୀ ଦେଇ ଭାରତୀୟ ପତାକାଧାରୀ ତିନୋଟି ଅଶୋଧିତ ତୈଳବାହୀ ଜାହାଜ (ଟ୍ୟାଙ୍କର) ଶନିବାର ଦିନ ସୁରକ୍ଷିତ ଭାବେ ଅତିକ୍ରମ କରିଛନ୍ତି । କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ସୂଚନା ଦେଇଛନ୍ତି । ସୋନୋୱାଲ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ଏକ ପୋଷ୍ଟ କରି ଜଣାଇଛନ୍ତି ଯେ, 'ଦେଶ ବୈଭବ', 'ଦେଶ ବିଭବ' ଏବଂ 'ସାନମାର ହେରାଲ୍ଡ' ନାମକ ତିନୋଟି ଟ୍ୟାଙ୍କର ସଫଳତାର ସହ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଭାରତ ଅଭିମୁଖେ ଯାତ୍ରା କରୁଛନ୍ତି । ଏହି ଜାହାଜଗୁଡ଼ିକରେ ୯୪ ଜଣ ଭାରତୀୟ କ୍ରୁ ସଦସ୍ୟ (ନାବିକ) ଥିବା ବେଳେ ଏଥିରେ ପ୍ରାୟ ୮.୬ ଲକ୍ଷ ମେଟ୍ରିକ ଟନରୁ ଅଧିକ ସାମଗ୍ରୀ ରହିଛି । ଏହା ମଧ୍ୟରୁ 'ଦେଶ ବୈଭବ' ଜାହାଜଟି ୩୭ ଜଣ ଭାରତୀୟ ନାବିକ ଓ ୨,୮୬,୫ଘଛ ମେଟ୍ରିକ ଟନ ସାମଗ୍ରୀ ସହ




ଜୁନ୍ ୨୪ ସୁଦ୍ଧା ଗୁଜରାଟର ବାଦିନାର ବନ୍ଦରରେ ପହଞ୍ଚିବାର ସମ୍ଭାବନା ଅଛି । ଭାରତର ସାମୁଦ୍ରିକ ସ୍ୱାର୍ଥ ଓ ନିରାପତ୍ତା ରକ୍ଷା କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ମନ୍ତ୍ରୀ କହିଛନ୍ତି । ଦେଶର ଶକ୍ତି ସଂରକ୍ଷଣ ଏବଂ ସାମୁଦ୍ରିକ ନାବିକମାନଙ୍କ ସମ୍ପୂର୍ଣ୍ଣ ସୁରକ୍ଷା ନିଶ୍ଚିତ କରିବା ପାଇଁ ଜାହାଜ ଚଳାଚଳ ମନ୍ତ୍ରଣାଳୟ ସମସ୍ତ ସମ୍ପୃକ୍ତ ସୁରକ୍ଷା ଏଜେନ୍ସି ସହିତ ସକ୍ରିୟ ସମନ୍ୱୟ ରକ୍ଷା କରୁଛି ।

## ଉତ୍ତେଜିତ ଲୋକଙ୍କ କବଳରୁ ଯୁବକଙ୍କୁ ଉଦ୍ଧାର କଲା ପୁଲିସ

ସମ୍ବଲପୁର,୨୧।୬(ସମିସ): ସମ୍ବଲପୁର ସହରର ବଡ଼ବଜାର ଧୋବାପଡ଼ାରେ ରବିବାର ରାୟଗଡ଼ା ଘଟଣାର ପୁନରାବୃତ୍ତି ହେବାରେ ରକ୍ଷା ମିଳିଛି । ଜଣେ ଯୁବକଙ୍କୁ ଲୋକେ ଅଟକାଇ ମାଡ଼ ମାରିଥିଲେ । କ୍ଷେତରାଜପୁର ଥାନା ପୁଲିସ ଖବର ପାଇ ତାଙ୍କୁ ଉଦ୍ଧାର କରିଛି । ଆଜି ଦିନ ୧୦ଟାରୁ ୧୧ଟା ଭିତରେ ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକ ଅଟକାଇଥିଲେ । ରାୟଗଡ଼ା ଜିଲ୍ଲା ଭଳି ଘଟଣା ହେବା ଆଗରୁ ପୁଲିସ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲା । ତେବେ ଏହି ବ୍ୟକ୍ତି ଜଣକ ହେଉଛନ୍ତି କେରଳର ବିଷ୍ଣୁ ଏସ୍ । ସେ କାମ ସନ୍ଧାନରେ ସମ୍ବଲପୁର ଆସିଥିଲେ । ପୂର୍ବରୁ ସେ ବରଗଡ଼ରେ କାମ କରୁଥିଲେ । ବରଗଡ଼ରେ ରହୁଥିବା ତାଙ୍କର ଜଣେ ସାଙ୍ଗ ସହ ପୁଲିସ କଥା ବାର୍ତ୍ତା ହେବା ପରେ ତାଙ୍କୁ ଛାଡି ଦିଆଯାଇଛଇ । ବିଷ୍ଣୁ ଆଜି କେରଳ ଫେରିଯିବେ ବୋଲି ପୁଲିସ କହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଛ ରପ୍ତାନୀ କାରଖାନାରେ...

ଶ୍ରମିକଙ୍କୁ ଜରୁରୀକାଳୀନ ଆମ୍ବୁଲାନ୍ସ ଯୋଗେ ଚେନ୍ନାଇର ସରକାରୀ ଷ୍ଟାନଲି ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣା ସମ୍ପର୍କରେ ଖବର ପାଇ ପୋଲିସ, ଅଗ୍ନିଶମ ବାହିନୀ, ରାଜସ୍ୱ ଏବଂ ସ୍ୱାସ୍ଥ୍ୟ ବିଭାଗର ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଜିଲ୍ଲା ପ୍ରଶାସନର ଅନୁରୋଧ କ୍ରମେ ଆରକୋନମ ସ୍ଥିତ ଚତୁର୍ଥ ବାହିନୀ ମୁଖ୍ୟାଳୟରୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନଡିଆରଏଫ)ର ଏକ ୩୦ ଜଣିଆ ବିଶେଷଜ୍ଞ ଦଳ ଘଟଣାସ୍ଥଳକୁ ପଠାଯାଇଛି । ଏହି ବିଶେଷ ଦଳ ଗ୍ୟାସ୍ ଚିହ୍ନଟ କରୁଥିବା ଅତ୍ୟାଧୁନିକ ଯନ୍ତ୍ରପାତି, ସୁରକ୍ଷା ପୋଷାକ ଏବଂ ରାସାୟନିକ ବିପର୍ଯ୍ୟୟ ମୁକାବିଲା ସାମଗ୍ରୀ ସହ ପହଞ୍ଚି ସମ୍ପୂର୍ଣ୍ଣ ଅଞ୍ଚଳକୁ ସୁରକ୍ଷିତ କରିବା ସହ ପ୍ରଭାବର ଯାଞ୍ଚ କରୁଛନ୍ତି । ଶିଳ୍ପ ସଂସ୍ଥାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବାରୁ ଏହା ସାଧାରଣରେ ଚିନ୍ତା ଜନକ ପରିସ୍ଥିତି ସୃଷ୍ଟି କରିଛି । ବର୍ତ୍ତମାନ ପେରିୟାପାଲାୟମ ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ଏବଂ କେଉଁ ପରିସ୍ଥିତିରେ ଗ୍ୟାସ୍ ଲିକ୍ ହେଲା, ସେ ନେଇ ଅଧିକ ଅନୁସନ୍ଧାନ ଜାରି ରହିଛି ।

### ଅଟକିଲା ଶାନ୍ତି...

କାର୍ଯ୍ୟାନୁଷ୍ଠାନ ତୁରନ୍ତ ବନ୍ଦ ହେବାର ଥିଲା । କିନ୍ତୁ ଦକ୍ଷିଣ ଲେବାନନ୍ ଉପରେ ଇସ୍ରାଏଲ ଆକ୍ରମଣ ଜାରି ରହିଛି । ଏହାକୁ ତୁରନ୍ତ ବନ୍ଦ କରିବା ଲାଗି ଦାବି ହୋଇଥିଲା ।

ସ୍ୱିଜରଲ୍ୟାଣ୍ଡର ବୁର୍ଗେନଷ୍ଟକଠାରେ ଚାଲିଥିବା ଏହି ବୈଠକରେ ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଘଚି ସାମିଲ ହୋଇଛନ୍ତି । କତାର ପ୍ରତିନିଧି ସମେତ ପାକିସ୍ତାନ ପ୍ରଧାନମନ୍ତ୍ରୀ ଏବଂ ସେନା ଅଧ୍ୟକ୍ଷ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ । ଆଲୋଚନା ପରେ ଉପ-ରାଷ୍ଟ୍ରପତି ଭାନ୍ସ କହିଥିଲେ ଯେ ପରମାଣୁ ପ୍ରସଙ୍ଗ ଏବଂ ଲେବାନନ୍‌ରେ ଜାରି ରହିଥିବା ଯୁଦ୍ଧବିରତିକୁ ସଫଳ କରିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ । ହର୍ମୁଜ ପ୍ରଣାଳୀ ବିଶ୍ୱ ଶକ୍ତି ବଜାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ମାର୍ଗ ଦେଇ ପ୍ରତିଦିନ ପ୍ରାୟ ୨ କୋଟି ବ୍ୟାରେଲ ଅଶୋଧିତ ତୈଳ ରପ୍ତାନି ହୋଇଥାଏ ।

ଆମେରିକା ଏବଂ ଇରାନର ରାଷ୍ଟ୍ରପତିଙ୍କ ମଧ୍ୟରେ ଯୁଦ୍ଧ ଶେଷ କରିବା ପାଇଁ ନିକଟରେ ଏକ ପ୍ରାଥମିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଯେଉଁଥିରେ ଆଗାମୀ ୬୦ ଦିନ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ସହମତି ପ୍ରକାଶ ପାଇଥିଲା । କିନ୍ତୁ ଇସ୍ରାଏଲ ଏବଂ ଇରାନ ସମର୍ଥିତ ହିଜବୁଲ୍ଲା ମଧ୍ୟରେ ଜାରି ରହିଥିବା ସଂଘର୍ଷ ଏହି ଶାନ୍ତି ପ୍ରକ୍ରିୟାକୁ ବାଧାପ୍ରାପ୍ତ କରୁଛି । ସ୍ୱିଜରଲ୍ୟାଣ୍ଡରେ ଚାଲିଥିବା ଏହି ଜରୁରୀକାଳୀନ ଆଲୋଚନା ମଧ୍ୟପ୍ରାଚ୍ୟରେ ସ୍ଥାୟୀ ସୁରକ୍ଷା ଏବଂ ବିଶ୍ୱ ଅର୍ଥନୀତିକୁ ସଙ୍କଟରୁ ରକ୍ଷା କରିବାରେ କେତେ ସଫଳ ହେଉଛି, ତାହା ଉପରେ ଏବେ ସାରା ବିଶ୍ୱର ନଜର ରହିଛି ।

### ମାନବ ଚେତନାର...

ସମାଧାନ ଯୋଗ ଏବଂ ପ୍ରାଣାୟାମ ମାଧ୍ୟମରେ ସମ୍ଭବ । ରାଜ୍ୟର ବୟୋଜ୍ୟେଷ୍ଠ ନାଗରିକମାନଙ୍କ ସୁସ୍ଥତା ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ ବୋଲି ସେ ମତବ୍ୟକ୍ତ କରିଛନ୍ତି । ସେହିପରି ଆଜିର ଡିଜିଟାଲ ଯୁଗରେ ମୋବାଇଲ ଓ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ଯୁବପିଢ଼ିଙ୍କୁ ମାନସିକ ଚାପମୁକ୍ତ ରହିବା ପାଇଁ ପ୍ରତିଦିନ ଅତିକମରେ ୨୦ ରୁ ୩୦ ମିନିଟ୍ ଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଏବଂ ପ୍ରାଚୀନ ଚିକିତ୍ସା ପଦ୍ଧତିର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଜଟଣିର ବିଞ୍ଝିଗିରିଠାରେ ୨୦ ଏକର ପରିମିତ ଅଞ୍ଚଳରେ ଏକ ଅତ୍ୟାଧୁନିକ ଯୋଗ ଓ ନେଚୁରୋପାଥି ଅନୁଷ୍ଠାନ ନିର୍ମାଣ ଚାଲିଥିବା ବେଳେ, ରାଇରଙ୍ଗପୁରଠାରେ କେନ୍ଦ୍ରୀୟ ଆୟୁର୍ବେଦିକ ମେଡିକାଲ କଲେଜର ଶିଳାନ୍ୟାସ କରାଯାଇଛି ।

ସୂଚନାଯୋଗ୍ୟ ଯେ କଲିକତାରୁ ପ୍ରସାରିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଲାଇଭ୍ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ମୁଖ୍ୟମନ୍ତ୍ରୀ ନିଜେ ଷ୍ଟାଡିୟମରେ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଯୋଗ ପ୍ରେମୀମାନଙ୍କ ଗହଣରେ ବସି ସାମୂହିକ ଭାବେ ପ୍ରତ୍ୟକ୍ଷ ଯୋଗାଭ୍ୟାସ କରିଥିଲେ । ଯୋଗ ମହୋତ୍ସବ ସମିତି ତରଫରୁ କାର୍ଯ୍ୟକ୍ରମକୁ ଆଲୋକ ଦାସ ଏବଂ ସତ୍ୟ ଶୋଭନ ମିଶ୍ର ପରିଚାଳନା କରୁଥିଲେ । ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟ ନେତୃବୃନ୍ଦ ଓ ଅଧିକାରୀମାନ ଉପସ୍ଥିତ ଥିଲେ ।

### ଖଣିମନ୍ତ୍ରୀଙ୍କ ପୁତୁରା...

ମାନସିକ ଭାରସାମ୍ୟ ହରାଇଛନ୍ତି । ଛାତ୍ରୀଙ୍କ ବଡ଼ଭଉଣୀ କହିଛନ୍ତି ଯେ ବିଶ୍ୱଜିତ୍ ତାଙ୍କ ଭଉଣୀକୁ ଭଲ ପାଉଥିଲେ ଓ ବିବାହ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଗତ କିଛିମାସ ହେଲା ବିଶ୍ୱଜିତ୍ ତାକୁ ମାନସିକ ନିର୍ଯାତନା ଦେଉଥିଲା । ଶୁକ୍ରବାର ରାତିରେ ବିଶ୍ୱଜିତ୍ ତାକୁ ବାହାରକୁ ଡ଼ାକିଥିଲା ଓ ଶନିବାର ସକାଳେ ତାର ଝୁଲନ୍ତା ଶବ ମିଳିଥିଲା । ତାଙ୍କ ଭଉଣୀର ମୃତ୍ୟୁ ପାଇଁ ବିଶ୍ୱଜିତ୍ ସମ୍ପୂର୍ଣ୍ଣ ଦାୟୀ । ସେହିପରି ତାଙ୍କର ମାମୁ କହିଛନ୍ତି ଯେ ତାଙ୍କ ଭାଣିଜୀ ପ୍ରେମ ବ୍ୟାପାରକୁ ନେଇ ମାନସିକ ଚାପରେ ରହିଥିଲା । ଏହା ଆତ୍ମହତ୍ୟା ନୁହେଁ, ଯୋଜନାବଦ୍ଧ ହତ୍ୟା । ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଶ୍ୱଜିତ ଜେନାଙ୍କ ସହିତ ସମ୍ପୃକ୍ତ ଛାତ୍ରୀଙ୍କର ପ୍ରେମ ସମ୍ପର୍କ ଥିଲା । ଏହାର ସୁଯୋଗରେ ସେ ଛାତ୍ରୀଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ । ତେଣୁ ଶ୍ରୁତିଙ୍କୁ ଆତ୍ମହତ୍ୟା କରିବାକୁ ବିଶ୍ୱଜିତ୍ ପ୍ରୋତ୍ସାହିତ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଗୋପାଳପୁର ବିଧାନସଭା କ୍ଷେତ୍ର ସହ ସମଗ୍ର ଗଞ୍ଜାମ ଜିଲ୍ଲାରେ ରାଜନୀତି ତେଜିଛି । ପୂର୍ବରୁ ମନ୍ତ୍ରୀଙ୍କ ଅନେକ ସହଯୋଗୀଙ୍କ ବିରୋଧରେ ବିଭିନ୍ନ ଅପରାଧିକ ଅଭିଯୋଗ ଆସିଥିବାବେଳେ ଏବେ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ହୋଇଛି ।

କେବଳ ପୁତୁରା ବିଶ୍ୱଜିତ୍ ନୁହେଁ, ଏହା ପୂର୍ବରୁ ଅନ୍ୟଜଣେ ପୁତୁରା ଦୀପକ ଜେନା ବିରୋଧରେ ମଧ୍ୟ ଗୁରୁତର ଅଭିଯୋଗ ଆସିଥିଲା । ବ୍ରହ୍ମପୁରର ଜନୈକ ଆଇନଜୀବୀଙ୍କ ପରିବାର ସଦସ୍ୟଙ୍କ ଉପରେ ବିଚ ରାସ୍ତାରେ ମରଣାନ୍ତକ ଆକ୍ରମଣ ଘଟଣାରେ ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରା ଦୀପକ ଜେନାଙ୍କ ସମେତ ମୋଟ ୯ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା । ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିଥିଲେ ହେଁ ଚାର୍ଜସିଟ୍‌ରୁ ଦୀପକଙ୍କ ନାମ ବାଦ ଦିଆଯାଇଥିଲା । ଅନୁରୂପ ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଜନୈକ ଛାତ୍ରଙ୍କୁ ମନ୍ତ୍ରୀଙ୍କ କିଛି ଘନିଷ୍ଠ ଅନୁଗତ ସଂଘବଦ୍ଧ ଆକ୍ରମଣ କରିଥିବା ଓ ଏହି ଘଟଣାରେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତଦୁନ ପାତ୍ରଙ୍କ ସମେତ ମୋଟ ୧୧ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା । ନିୟମିତ ବ୍ୟବଧାନରେ ଭିନ୍ନ ଭିନ୍ନ ଘଟଣାରେ ମନ୍ତ୍ରୀଙ୍କ ପରିବାର ସଦସ୍ୟ ଅଥବା ତାଙ୍କର ନିକଟତମ ବ୍ୟକ୍ତିମାନଙ୍କ ବିରୋଧରେ ଅଭିଯୋଗ ହୋଇଥିବାବେଳେ ବର୍ତ୍ତମାନ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ତାଙ୍କ ପୁତୁରାର ସମ୍ପୃକ୍ତିଥିବା ଅଭିଯୋଗ ହୋଇଛି ।

### ମାଳମାଳ ପଣ୍ଡିତ...

ବିଭାଗର ନିର୍ଦ୍ଦେଶକ ପ୍ରମୁଖ କୋର୍ କମିଟିରେ ପ୍ରଶାସନିକ ଅଧିକାରୀ ଭାବେ ସ୍ଥାନ ପାଇଥିଲେ ।

କୌତୂହଳର ବିଷୟ ହେଉଛି ଏହି କମିଟିରେ ଭୋପାଳସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ସଂସ୍କୃତ ପ୍ରାଧ୍ୟାପକ ଡ. ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) ଡ. କିଶୋର ଚନ୍ଦ୍ର ମହାନ୍ତି, ଏନ୍‌ସିଇଆର୍‌ଟିର ମୁଖ୍ୟ ପରାମର୍ଶଦାତା ଡ. ବିନୟ ପଟ୍ଟନାୟକ, ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଭାପତି ଡ. ସୁଶାନ୍ତ କୁମାର ଦାସ, ଭୁବନେଶ୍ୱର ଏକାମ୍ର କଲେଜର ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡ. ଲଳିତ କୁମାର ଲେଙ୍କା, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷା ସରୋଜଲକ୍ଷ୍ମୀ ସିଂ, ବରଗଡ଼ ପଦ୍ମପୁର କଲେଜର ଅଧ୍ୟକ୍ଷ ତଥା ଇଂରାଜୀ ବିଶେଷଜ୍ଞ ଡ. ଖଗେଶ୍ୱର ଦାସ, ମାଇକ୍ରୋବାଇଓଲୋଜୀ ପ୍ରାଧ୍ୟାପକ ଡ. ବଳରାମ ସାହୁ ଏବଂ ଗଞ୍ଜାମ ଖଲ୍ଲିକୋଟ ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପଦାର୍ଥ ବିଜ୍ଞାନ ବିଶେଷଜ୍ଞ ଡ. ଗୌରାଙ୍ଗ ମହାନ୍ତି ପ୍ରମୁଖ ଶିକ୍ଷାବିତ ଭାବେ କୋର କମିଟିରେ ରହିଥିଲେ । ମାତ୍ର ଏମାନେ ଯେଉଁ ବହିଗୁଡ଼ିକ ପାଇଁ ସମୀକ୍ଷକ ଥିଲେ, ସେହି ବହି ଛପାହେବାକୁ ଯିବା ପୂର୍ବରୁ ସେମାନଙ୍କୁ ଦେଖାଯାଇ ନ ଥିବା ଅନେକ ପ୍ରକାଶ କରିଛନ୍ତି । ଅପରପକ୍ଷରେ ଏମାନଙ୍କ ସହ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ସଦସ୍ୟ ସଚିବ ଭାବେ କମିଟିରେ ସ୍ଥାନ ପାଇଥିଲେ । ମାଳମାଳ ନାମକରା ଶିକ୍ଷାବିତ ଓ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ଓ ସମୀକ୍ଷିତ ପୁସ୍ତକରୁ ୨ହଜାରରୁ ଅଧିକ ତ୍ରୁଟି ବାହାରିବା ପରେ ସେମାନଙ୍କ ଦକ୍ଷତା ଓ କାର୍ଯ୍ୟଦକ୍ଷତା ନେଇ ସମସ୍ତେ ପ୍ରଶ୍ନ କରୁଛନ୍ତି । ଅପରପକ୍ଷରେ ସରକାର ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ କମିଟି ଗଠନ କରି ତଦନ୍ତ କରୁଥିବାବେଳେ ଏହି ସମସ୍ତ ଅଧିକାରୀଙ୍କୁ ଏଯାଏଁ ତଦନ୍ତ ପରିସର ଭୁକ୍ତ କରାନଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ପିତୃ ଦିବସରେ ବଡ଼ ଅଘଟଣ: ରଶି ଲଗାଇ ଝୁଲି ପଡ଼ିଲେ ବୃଦ୍ଧ ଦମ୍ପତି

ପୁରୀ,୨୧।୬(ସମିସ): ପିତୃ ଦିବସରେ ପୁରୀରେ ବଡ଼ ଅଘଟଣ । ବେକରେ ରଶି ଲଗାଇ ଏକାସାଙ୍ଗରେ ଝୁଲିପଡ଼ିଛନ୍ତି ବାପା ଆଉ ମାଆ । ଏଭଳି ଦୁଃଖଦ ଘଟଣା ଘଟିଛି ତାଳବଣିଆ ଥାନା ଅଧୀନ ସେନାପତି ବଗିଚାରେ । ମୃତ ଦମ୍ପତି ହେଉଛନ୍ତି ଅନାମ ମିଶ୍ର (୬୫) ଓ ସଙ୍ଗୀତା ମିଶ୍ର (୬୦) । ଘରର ଭିତରୁ ପୁଲିସ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଛି । ପରିଣତ ବୟସରେ ବୃଦ୍ଧ ଦମ୍ପତି କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ହୋଇନାହିଁ । ଏହି ଦୁଃଖଦ ଘଟଣାରେ ତାଳବଣିଆ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା (ନଂ.୧୩/୨୬ ଓ ୧୪/୨୬) ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି ।

ସୂଚନା ଅନୁଯାୟୀ, ଅନାମ ମିଶ୍ର ଓ ସଙ୍ଗୀତା ମିଶ୍ରଙ୍କର ଏକମାତ୍ର ପୁଅ ହେଉଛନ୍ତି ଅନୁସଙ୍ଗିତ ମିଶ୍ର (୩୨) । ଅନାମ ହିନ୍ଦୁସ୍ତାନ ଏରୋନେଟିକ୍ ଲିମିଟେଡ୍‌ରୁ ଅବସର ନେଇଛନ୍ତି । ସେନାପତି ବଗିଚାରେ ଅନୁସଙ୍ଗିତ ନାମରେ ଏକ ତିନି ମହଲା ଘର ରହିଛି । ଯେଉଁଠି ଏଇ ମିଶ୍ର ପରିବାର ରୁହନ୍ତି । ଶନିବାର ରାତିରେ ସମସ୍ତେ ଖାଇପିଇ ଶୋଇଥିଲେ । ହେଲେ ଭୋର୍ ୪ଟା ବେଳେ ପୁଅ ଅନୁସଙ୍ଗିତ ବାପା ଓ ମାଆଙ୍କୁ



ଘର ଭିତରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖିଥିଲେ । ଏହାପରେ ସେ ତୁରନ୍ତ ତାଳବଣିଆ ଥାନାକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ଶବ ଜବତ କରିଥିଲା । ଏହାପରେ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ବ୍ୟବଚ୍ଛେଦ ପରେ ଉଭୟ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସ୍ୱର୍ଗଦ୍ୱାରଠାରେ ଦମ୍ପତିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ବ୍ୟବଚ୍ଛେଦ ରିପୋର୍ଟ ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରୁଛି । ପରିବାର ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ କରାଯାଇ ନ ଥିବ କହିଛି ପୁଲିସ । କିନ୍ତୁ ଏହି ବୃଦ୍ଧ ଦମ୍ପତିଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଆଲୋଚନା ହେଉଛି । ତେବେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅନୁସଙ୍ଗିତ କହିଛନ୍ତି, ସେ ବି.ଟେକ୍ ଅଧ୍ୟୟନ କରିଛନ୍ତି । ବହୁଥର ଚାକିରି କରି ବଦଳାଇଛନ୍ତି । ବାପାଙ୍କ ମୋବାଇଲରୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ପାଖକୁ ଥ୍ୟାଙ୍କ ୟୁ ଭଲରେ ଥା ବୋଲି ମେସେଜ୍ ଯାଇଛି । ତେବେ ତାଳବଣିଆ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବାବେଳେ ମୃତକଙ୍କ ମୋବାଇଲକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଛି ।

## ମଇଁଷି ବୋଝେଇ କଣ୍ଟେନର ଜବତ; ୨ ଅଟକ

କୋକସରା,୨୧।୬(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଡଙ୍ଗରିଗୁଡ଼ା ନିକଟରେ ରବିବାର ବେଆଇନ ଭାବେ ଚାଲାଣ ହେଉଥିବା ମଇଁଷି ବୋଝେଇ କଣ୍ଟେନରକୁ ପୁଲିସ ଜବତ କରିଛି । ଏଥିରେ ସମ୍ପୃକ୍ତ ଦୁଇ ଜଣକୁ ଅଟକ ରଖି ପଚରାଉଚରା ଜାରି ରଖିଛି । ସୂଚନା ମୁତାବକ, କଣ୍ଟେନରଟି ନବରଙ୍ଗପୁର ଜିଲ୍ଲା ରାଇଘର ଅଞ୍ଚଳରୁ ପାର୍ବତୀପୁରମ୍‌କୁ ଯାଉଥିଲା । ତେବେ ୨୬ ନମ୍ବର ଜାତୀୟ ରାଜପଥର କୋକସରା ଥାନା ଡଙ୍ଗରୀଗୁଡା ନିକଟରେ ଗାଡ଼ିର ଟାୟାର ଫାଟି ଯିବାପରେ ମଇଁଷି ଚାଲାଣ ହେଉଥିବା ଜଣାପଡ଼ିଥିଲା । କଣ୍ଟେନର ଭିତରେ ୩୦ରୁ ଊର୍ଦ୍ଧ୍ୱ ମଇଁଷି ଥିବାବେଳେ କେତେକ ମଇଁଷି ଅତି ଦୟନୀୟ ଭାବେ ରହିଥିଲେ । ଯାହାକୁ ନେଇ ହିନ୍ଦୁ ସଂଗଠନର କର୍ମକର୍ତ୍ତାମାନେ ପୁଲିସକୁ ଖବର ଦେଇଥିଲେ । କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ପହଞ୍ଚି କଣ୍ଟେନରକୁ ଜବତ କରିବା ସହ ୨ ଜଣକୁ କାବୁ କରିଥିଲେ । ଏଥିସହିତ ମଇଁଷି ଗୁଡ଼ିକୁ ଉଦ୍ଧାରକରି ଜୁନାଗଡ଼ ସ୍ଥିତ ଗୋ-ଶାଳାରେ ରଖିଥିବା ଜଣାପଡ଼ିଛି । ଅଟକ ୨ଜଣଙ୍କୁ ପଚରାଉଚରା ଚାଲିଥିବାବେଳେ ପରିଚୟ ମିଳିନାହିଁ ।


E. Mail – rwd.bonai@yahoo.com

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BONAI

25001/469/2627

**TENDER CALL NOTICE**
**BID IDENTIFICATION NO. ONLINE-EEBNI-03 of 2026-27**

1. Name of the Work :- Road & Bridge Repair Works
2. Total No. of works :- 08 (Eight) Nos.
3. Estimated cost :- Rs . 50.85 – 73.18 Lakhs
4. Class of contractor :- "B" Class
5. Period of completion :- 02 (Two) Month
6. Type of Tender :- Double Cover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bonai | ONLINE - EEBNI-03 of 2026-27 | 22.06.2026 from 11.00 AM | 01.07.2026 upto 05.00 PM | 30.06.2026 upto 5.00 PM | 02.07.2026 11.00 AM | Will be intimated separately |

Further details can be seen from the website www.tendersorissa.gov.in & for more information please visit the office.

Executive Engineer
RW Division, Bonai

OIPR-25001/25200/1/26-27/0005

GOVT. OF ODISHA

25001/460/2627

OFFICE OF THE SUPERINTENDING ENGINEER
RURAL WORKS DIVISION-I, KEONJHAR
Tel. 06766-258094 (O), Mail: eerwl_kjr@yahoo.com

**e-Procurement Notice for Road Works**
**Identification No. Online NCB – 03/2026-27**

1 Name of the Work 6 Nos. Roads Work
2 Total Number of Work 6 Nos.
3 Estimated Cost Rs. 53.74 Lakhs to Rs. 80.08 Lakhs
4 Class of Contractor "B" Class
5 Period of Completion As per Annexure of e-Procurement Notice No. 03 of 2026-27
6 Other Details

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No. 03 | Dt. 23.06.2026 at 11.00 A.M. | Dt. 03.07.2026 up to 5.00 P.M. | 02.07.2026 up to 5.00 P.M. | 04.07.2026 at 11.00 A.M. |

Further details can be seen from the website: www.tenderorissa.gov.in

Sd/- Superintending Engineer
R.W. Division-I, Keonjhar

OIPR-25001/25110/1/26-27/0004

GOVERNMENT OF ODISHA

25001/464/2627

OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
E-Mail: rw_rourkela@yahoo.co.in

**TENDER CALL NOTICE**
**BID IDENTIFICATION NO. ONLINE-EERKL-13 of 2026-27**

1 Name of the Work Road Works
2 Total No. of Works 04 (Four) Nos.
3 Estimated Cost Rs. 53.14 Lakhs to Rs. 77.12 Lakhs
4 Class of Contractor "B" Class
5 Period of Completion 04 (Four) Months
6 Type of Tender Double Cover
7 Other Details

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| Superintending Engineer, Rural Works Division-II, Sundargarh | Online-EERKL-13 of 2026-27 | 25.06.2026 at 11.00 A.M. | 06.07.2026 up to 05.00 P.M. | 05.07.2026 up to 05.00 P.M. | 08.07.2026 at 11.00 A.M. | Will be intimated separately |

Further details can be seen from the website www.tendersorissa.gov.in and for more information please visit the office.

Executive Engineer
RW Division-II, Sundargarh

OIPR-25001/25193/1/26-27/0020

**AFFIDAVIT**

By virtue of an affidavit no. 647 before the Executive Magistrate, Nabarangpur, dtd 18-06-2026, I, Samadu Bhatra, At/Po-Ambadola, Ps-Nabarangpur, Dist.-Nabarangpur, hereby declare that my minor son name has been wrongly mentioned as Belalasen Bhatra in certain records. His correct name is Belarsen Bhatra. That **Belalasen Bhatra and Belarsen Bhatra** is one and the same person. Henceforth, he shall be known as **Belarsen Bhatra** for all purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/ Tender Publication/2026 ତା. 17.06.2026ରିଖ

କ୍ରମ ସଂଖ୍ୟା 01: ଟେଣ୍ଡର ସଂ. 40265817, ସାମଗ୍ରୀଗୁଡ଼ିକର ବିବରଣୀ : ବ୍ୟାଟେରୀ ଚାଳିତ ରେଳ ଟ୍ରିଲିଂ ମେସିନ୍ ।

ଟେଣ୍ଡର ମୂଲ୍ୟ : ₹72,37,648/-, EMD : ₹1,44,760/-.

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 06.07.2026, 1500 ଘଣ୍ଟିକାରେ ।

ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର

PR-255/R/26-27

**AFFIDAVIT**

By virtue of an affidavit no. 651 before the Executive Magistrate, Nabarangpur, dtd 19-06-2026, I, Mahadeb Bhatara, At-Hirli, Po-Agnipur, Ps-Nabarangpur, Dist.-Nabarangpur hereby declare that my name has been wrongly recorded as Sahadeb Bhatra in the ROR/Land Record. My correct name is Mahadeb Bhatara. That Mahadeb Bhatara and Sahadeb Bhatra is one and the same person. Henceforth, I shall be known as **Mahadeb Bhatara** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Kesinga, Kalahandi on dt-20/06/2026, I **Ghanashyam Barma**, S/o- Radheshyam Barma, aged about 56 yrs, permanent resident of At - Kesinga, Marwadipada, Word No-10, Po- Kesinga, Dist-Kalahandi, Odisha, PIN- 766012, declared that I have changed my name from **Ghanashyam Barma** to **Ghanashyam Verma**. Henceforth, I shall be known as **Ghanashyam Verma** for all purposes.

**Sd/- Ghanashyam Verma**

**WALK IN INTERVIEW**

**Centre for Weaker Section Development (CWSD),** Rairangpur, Mayurbhanj invites the following posts in TI Project on HIV/AIDS, supported by OSACS, Bhubaneswar.

1) Out Reach Worker (2 Nos.)She/He must be a Graduate/Non-Graduate with minimum 3 years experience in health sector, HIV/AIDS related field. Must possess good leadership, documentation, communication and presentation skills, having proficiency in computer with PGDCA.

**Salary: Rs. 10,500/- per month**

Interested candidates are requested to attend the Walk-in-Interview on **dated 30.06.2026 (Tuesday)** with required original documents, one photo copy and CV at our TI Office, Rairangpur, Mayurbhanj at 10.00 A.M.

**Secretary, CWSDTI Project Office, Near Durgamandap, In front of Dogra Office, Dogra Colony, Rairangpur, Mayurbhanj.**

**E-mail: cwsd.ti@gmail.com, Phone: 7978685547, 798413960, 7978598979**

**PANCHAYAT SAMITI HIGHER SECONDARY SCHOOL**
**KOMNA, DIST- NUAPADA**

**WALK IN INTERVIEW**

A walk-in-interview for the Post of PGT-in-English & PGT-in-Political Science will be held on **dt. 30.06.2026 (Tuesday)** in the Panchayat Samiti Higher Secondary School, Komna, Dist- Nuapada. (+2 College) intending candidates having minimum 55% marks in the subject concerned at P.G. level with B.Ed. are required to walk in with Bio-data. No TA DA will be admissible.

Principal,
P. S. Higher Secondary School,
Komna, Dist.- Nuapada

**OFFICE OF THE PURI MUNICIPAL CORPORATION, PURI**
Phone: 06752-222122, E-mail: purim.hud@nic.in
No. 7102, Dt. 19.06.2026

13001/945/2627

**QUOTATION CALL NOTICE**

Sealed quotations are invited from the intending persons/agencies for auction of the temporary Parking Places & Collection of Sanitation Fee as per list enclosed during Car Festival 2026. The intending persons / agencies shall visit the websites **https://pmcpuri.odisha.gov.in** and **https://puri.odisha.gov.in** and download the auction papers along with the terms and conditions, which will be available on the above websites from **20.06.2026 to 29.06.2026 up to 5.00 P.M.** The quotation must reach the office of the undersigned by Registered Post/Speed Post on or before 29.06.2026 by 5.00 P.M. and will be opened on **30.06.2026 at 4.00 P.M.** in the presence of the Joint Commissioner and quotationers or their authorized representatives. **Puri Municipal Corporation** authority will in no way be responsible for any delay in reaching the quotations.

Joint Commissioner
Puri Municipal Corporation

OIPR-13001/13159/1/26-27/0021

**PANCHAYAT SAMITI OFFICE, NUAGADA, DIST- GAJAPATI**
E-mail ID: ori-nuagada@od.gov.in

19001/111/2627

**TENDER CALL NOTICE**
Bid-Identification No-02/2026-27, BDO, Nuagada

The Block Development Officer, Nuagada on behalf of Government of Odisha inviting@ rate from eligible contractors for construction of building work detail in the table.

| | | |
|---|---|---|
| 1 | Name of Work | Building Works |
| 2 | Number of Work | 02 (Two Nos.) |
| 3 | Tender Cost & EMD | As mentioned in DTCN |
| 4 | Class of Contractor | As mentioned in DTCN |
| 5 | Available Bid Document in the District Website/Block Office, Nuagada | From 22.06.2026 to 10.07.2026 up to 3.00 PM |
| 6 | Last Date/Time of Receipt of Original Bid Documents | 10.07.2026 up to 3.00 PM (Speed Post) |
| 7 | Last Date of Seeking Clarification | 10.07.2026 up to 3.00 PM |
| 8 | Date of Opening of Bid | 13.07.2026 at 11.00 AM |
| 9 | Name and Address of the Office | Office of the Panchayat Samiti, Nuagada, Gajapati, PIN-761214 |
| 10 | Website: http://gajapati.odisha.gov.in | |
| 11 | Further Details can be seen from the Gajapati District Profile. Any addendum/corrigendum/cancellation of the tender on the said website. | |

OIPR-19001/19317/1/26-27/0002

Sd/- BDO, Nuagada

GOVERNMENT OF ODISHA

34001/368/2627

OFFICE OF THE SUPERINTENDING ENGINEER,
BHUBANESWAR (R&B) DIVISION NO. I, BHUBANESWAR
INVITATIONS FOR BIDS THROUGH e-Procurement
No. 4585, Date: 17.06.2026
Bid Identification No. C.C. (R&B) 01, e-Procurement Notice No. (06) of 2026-27

1 Name of Work Construction of 20 Passengers (G+8) Lift at E-Procurement Cell Building at Unit-V, Bhubaneswar for the year 2025-26
As specified in Column-2 of the Annexure
2 Class of Contractor As specified in Column-6 of the Annexure
3 Time of Completion As specified in Column-7 of the Annexure
4 Detail Projects As per Annexure attached
5 Other Details

| Procurement Officer | Bid Identification No. | Approximate Estimated Cost (Rs. in Lakh) | Availability of Tender Online | | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Bhubaneswar (R&B) Division No. I | e-Procurement Notice No. (06) of 2026-27 | 95.04 | 22.06.2026, 11:00 A.M. to | 06.07.2026, 5:30 P.M. | 06.07.2026 up to 5:30 P.M. | 07.07.2026 at 12:30 P.M. |

The bidder must possess a matching class compatible **Digital Signature Certificate (DSC)**.
Further details and terms & conditions can be seen from the DTCN available on the e-Procurement website: www.tendersodisha.gov.in.
**N.B.:** Subsequent corrigendum/addendum, if required, shall be available on the website indicated above.

Sd/- Er. Prabhudatta Pradhan
Superintending Engineer
BBSR (R&B) Division No. I, Bhubaneswar

OIPR-34001/34189/1/26-27/0001

ସକାଳ
THE SAKALA



www.sakalaepaper.com

## ଜଗତସିଂହପୁରର ବିଭିନ୍ନ ସ୍ଥାନରେ ଯୋଗ ଦିବସ

# 'ଯୋଗ କେବଳ ଏକ ବ୍ୟାୟାମ ନୁହେଁ; ଏହା ଏକ ଜୀବନଶୈଳୀ'















ଜଗତସିଂହପୁର, ୨୧।୬(ସମିସ)

ଜଗତସିଂହପୁର ଏସଭିଏମ୍ କଲେଜ ନିକଟରେ ଥିବା ବହୁମୁଖୀ ଇନ୍‌ଡୋ ଷ୍ଟାଡିଅମ୍ ପରିସରରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ 'ଯୋଗ କେବଳ ଏକ ବ୍ୟାୟାମ ନୁହେଁ; ଏହା ଏକ ଜୀବନଶୈଳୀ, ଯାହା ଶରୀର, ମନ ଓ ଆତ୍ମାକୁ ଏକତ୍ର କରି ସୁସ୍ଥ, ସନ୍ତୁଳିତ ଓ ଶାନ୍ତିମୟ ଜୀବନଯାପନର ପଥ ଦେଖାଏ' ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଅଧ୍ୟକ୍ଷତା କରିଥିବା ବେଳେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା କ୍ରୀଡ଼ା ସଂସଦର ସମ୍ପାଦକ ଦୋଳ ଗୋବିନ୍ଦ ଦାଶ, ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦିପ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ପ୍ରଦାନ ସହ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଯୋଗ ମହୋତ୍ସବ ସମିତି ପକ୍ଷରୁ ଯୋଗଗୁରୁ ନିହାର ରଞ୍ଜନ ସ୍ୱାଇଁ ଓ ଅଜିତାଭ ଭୂୟାଁ ଯୋଗ ପ୍ରାର୍ଥନା, ସହଜ ଯୋଗାଭ୍ୟାସ, ଧ୍ୟାନ, ପ୍ରାଣାୟାମ, ଶାନ୍ତିପାଠ ଓ ଶପଥପାଠ କରାଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ସମୂହ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ମାନଙ୍କୁ କ୍ୟୁଆର୍ କୋଡ୍ ସ୍କାନ୍ କରି ନିଜ ଅଂଶଗ୍ରହଣ ପ୍ରମାଣପତ୍ର ସଂଗ୍ରହ କରିବାକୁ ଅନୁରୋଧ କରିବା ସହ ଅନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

**ଜଗତସିଂହପୁର:** ଜଗତସିଂହପୁର ସହରର ବଡ଼ବଜାର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଯୋଗ ଦିବସ ଅବସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର ଉଦଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ସମିତିର ଜିଲ୍ଲା ସଭାପତି ବିଜୟ କୁମାର ରଥ, ପ୍ରଧାନ ଆଚାର୍ଯ୍ୟ ପ୍ରସନ କୁମାର ଖୁଣ୍ଟିଆ, ପ୍ରଭାରୀ ପଣ୍ଡା ପ୍ରଭୃତି ଉପସ୍ଥିତ ଥିଲେ। ଏହି ଶିବିରକୁ ଯୋଗ ଶିକ୍ଷକ ବିଶ୍ୱନାଥ ସ୍ୱାଇଁ, ରାକେଶ କୁମାର ସାହୁ ଓ ଚିତ୍ରସେନ ଲେଙ୍କା ପରିଚାଳନା କରିଥିଲେ। ଯୋଗ ଶିବିରରେ ପରିବେଶବିତ ଉତ୍କଳ ରଞ୍ଜନ ମହାନ୍ତି, ମଧୁସୂଦନ ସାହୁ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ଉପସଭାପତି ଚରଞ୍ଜନ ପଣ୍ଡା, ସାଂସଦ ପ୍ରତିନିଧି ସମୀର ନାୟକ, ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ମହାନ୍ତି ସର୍ଜନ ସିଂହ, ସମସ୍ତ ଗୁରୁଜୀ ଓ ଗୁରୁମା', ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

**ପାରାଦୀପ:** ନୂଆବଜାର ପୋର୍ଟ କ୍ଲବ ଠାରେ ଫ୍ରେଣ୍ଡଲି ଯୋଗ ଓ ପୋର୍ଟ କ୍ଲବର ମିଳିତ ଆନୁକୂଲ୍ୟରେ ଯୋଗ ଦିବସ ଯୋଗଗୁରୁ ବିଭୂତି ଭୂଷଣ ସାହୁ (ଟୁଲୁ ବାବା)ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ତାପସ ମହାନ୍ତି, ଆଲୋକ ମହାପାତ୍ର, ଗୌତମ ନାଏକ, ପ୍ରଭାତ ମହାପାତ୍ର, ରଘୁନାଥ ରଣସିଂହ, ତ୍ରିଲୋଚନ ସୋରେନ, କୁଳମଣି ସାହୁ, ସୁରେନ୍ଦ୍ର ମହାପାତ୍ର, ଦିପୁ ବାବୁ, ପ୍ରଭାସ ସାହୁ, ରମାକାନ୍ତ ନାୟକ, ଶ୍ୟାମସୁନ୍ଦର ଦାସ, ସତ୍ୟବ୍ରତ ଜେନା, ଲକି ବାବା ଓ ଶିବ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ରହି ଥିଲେ ଏବଂ ତତ୍ ସହିତ ପୋର୍ଟ କ୍ଲବ୍ ଓ ଫ୍ରେଣ୍ଡଲି ଯୋଗର ଶତାଧିକ ସଦସ୍ୟ, ସଦସ୍ୟା ମାନେ ଉପସ୍ଥିତ ରହି ଯୋଗ ଦିବସଟିକୁ ସଫଳ କରିଥିଲେ।

**ଡଏଭି ସ୍କୁଲ ପାରାଦୀପ:** ପାରାଦ୍ୱୀପ ପୋର୍ଟ ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଆଜି ଯାଗ ଦିବସ ଏବଂ ବିଶ୍ୱ ସଙ୍ଗୀତ ଦିବସ ପାଳନ କରାଯାଇଛି। 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ବିଷୟବସ୍ତୁ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷୟିତ୍ରୀ ସୌଭାଗିନୀ ପାଢ଼ୀ ଓ ଶିକ୍ଷକ ମନୋଜ କୁମାର ରଥଙ୍କ ତତ୍ତ୍ୱାବଧାନରେ ଯୋଗ କାର୍ଯ୍ୟ ଆରମ୍ଭ ହୋଇଥିଲା। ତା'ପରେ ଡିଏଭି ସଙ୍ଗୀତ ଏବଂ ଏକ ସୁମଧୁର ଗୀତ ପରିବେଷଣ କରାଯାଇଥିଲା। ଏହା ପରେ ଏକାଡେମିକ୍ ସଂଯୋଜକ ହୃଷୀକେଶ ପ୍ରଧାନ ସଭାକୁ ସମ୍ବୋଧିତ କରିଥିଲେ। ଏକ ସାମୂହିକ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବିଶ୍ୱ ସଙ୍ଗୀତ ଦିବସକୁ ମଧ ପାଳନ କରାଯାଇଥିଲା। ଯାହା ସଦ୍‌ଭାବନା, ସୃଜନଶୀଳତା ଏବଂ ଆନ୍ତରିକ ଶାନ୍ତି ବୃଦ୍ଧି କରିବାରେ ସଙ୍ଗୀତର ଶକ୍ତିକୁ ସ୍ୱୀକୃତି ଦେଇଥିଲା। ପ୍ରୀତିପ୍ରଜ୍ଞା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

**ତଟରକ୍ଷକ ବାହିନୀ:** ଭାରତୀୟ ତଟ ରକ୍ଷକ ବାହିନୀ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ମୁଖ୍ୟାଳୟ ପାରାଦୀପଠାରେ ୧୦ ଜୁନରୁ ୨୧ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଯୋଗ ଅଧିବେଶନର ଏକ ଶୃଙ୍ଖଳା ଆୟୋଜନ କରିଥିଲା। ଏହା ୨୧ ଜୁନ୍ ରେ ଏକ ମୁଖ୍ୟ କାର୍ଯ୍ୟକ୍ରମରେ ପରିଣତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ ସମ୍ପ୍ରଦାୟ, ଡିଏସସି କର୍ମଚାରୀ, ସ୍କୁଲ ଏବଂ କଲେଜ ଛାତ୍ର ଏବଂ ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାର ପ୍ରତିନିଧିମାନେ ସାମିଲ ହୋଇଥିଲେ। ମୁଖ୍ୟ କାର୍ଯ୍ୟକ୍ରମ ପାରାଦୀପର ପ୍ରାୟ ୨୫୦ ଜଣଙ୍କ ସମେତ ଭାରତୀୟ ତଟ ରକ୍ଷକ ବାହିନୀ କର୍ମଚାରୀ ଏବଂ ସେମାନଙ୍କ ପରିବାର ଧ୍ୟାନ, ଶ୍ୱାସକ୍ରିୟା ବ୍ୟାୟାମ ଏବଂ ଯୋଗ ଆସନ ପ୍ରଦର୍ଶନରେ ଉତ୍ସାହର ସହିତ ଅଂଶଗ୍ରହଣ କରି ଥିଲେ। କମାଣ୍ଡର କୋଷ୍ଟ ଗାର୍ଡ (ଓଡ଼ିଶା) ସମସ୍ତ ଅଂଶ ଗ୍ରହଣ କାରୀଙ୍କୁ ସେମାନଙ୍କ ଅଂଶଗ୍ରହଣ ପାଇଁ ଧନ୍ୟବାଦ ଜଣାଇଥିଲେ।

**ପାରାଦୀପ ବନ୍ଦର ପ୍ରାଧିକରଣ:** ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଛି। ଏଥିରେ ପାରାଦୀପ ବନ୍ଦର ଅଧିକାରୀ ଓ କର୍ମଚାରୀ, ସିଆଇଏସଏଫ କର୍ମଚାରୀ, ବନ୍ଦର ବ୍ୟବହାରକାରୀ, ଛାତ୍ର, ମହିଳା ଏବଂ ପାରାଦୀପ ସାକ୍ଷରତା ସମିତିର ସଦସ୍ୟଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଅଂଶଗ୍ରହଣ କରିଥିଲେ। ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ଏବଂ ଉପାଧ୍ୟକ୍ଷ ଟି.ଭେଣୁଗୋପାଳ, ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ, ସାମୂହିକ ଯୋଗ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନ ପ୍ରସିଦ୍ଧ ଯୋଗ ଗୁରୁ ତାପସ ରଞ୍ଜନ ପତିଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ କୋଲକାତା ଜାତୀୟ ଉତ୍ସବର ସିଧା ପ୍ରସାରଣ କରାଯାଇଥିଲା। ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣର ସାମାଜିକ ଶାଖା ପାରାଦୀପ ସାକ୍ଷରତା ସମିତି ସ୍ଥାନୀୟ ସ୍କୁଲ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣରେ ପାରାଦୀପର ଅଫିସର୍ସ କ୍ଲବରେ ଏକ ସ୍ୱତନ୍ତ୍ର ଯୋଗ କାର୍ଯ୍ୟକ୍ରମ ଏବଂ ବୃକ୍ଷରୋପଣ ଅଭିଯାନ ଆୟୋଜନ କରିଥିଲା।

**ପାରାଦୀପ ପୌରପାଳିକା:** ଯୋଗ ଦିବସ ଅବସରରେ ପାରାଦୀପ ପୌରପାଳିକା ପକ୍ଷରୁ ଆଜି ସମୁଦ୍ର ବେଳାଭୂମିର ବିଜୁ ମୈଦାନ ଠାରେ ଏକ ସାମୂହିକ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଯୋଗର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୁଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଜିଂକ୍ୟ ବାବୁରାଓ ମାଣେ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସସ୍ମିତା ସତପଥି ପ୍ରମୁଖ ଅତିଥି ଭାବେ ଉପସ୍ଥିତ ହୋଇ ଯୋଗ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

**ରଘୁନାଥପୁର:** ସ୍ଥାନୀୟ ଉତ୍ତରକୂଳ ଗ୍ରାମପଞ୍ଚାୟତ ଅଧୀନସ୍ଥ ସରକାରୀ ହୋମିଓପାଥିକ ଚିକିତ୍ସାଳୟରେ ଯୋଗ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ସମିତିସଭ୍ୟ କିଶୋର ଚନ୍ଦ୍ର ସାହାଣୀ, ଶିକ୍ଷାବିତ କୈଳାସ ଚନ୍ଦ୍ର ଦାସ ଓ ଯୁବ ନେତା ସଞ୍ଜୟ ଦାସ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବକୁ ଚିକିତ୍ସାଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ବେହେରା, ତୋଫାନ ସ୍ୱାଇଁ ଏବଂ ଜୟନ୍ତୀ ସ୍ୱାଇଁ ପରିଚାଳନା କରିଥିଲେ। ଉକ୍ତ ଯୋଗ ଦିବସ ଅବସରରେ ଯୋଗ ଗୁରୁ ଛତ୍ରଧାରୀ ନାୟକ ଯୋଗର ଉପକାରିତା ବିଷୟରେ ଆଲୋକପାତ କରିଥିଲେ।

**ବିରିଡ଼ି:** ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦିବସ ପାଳିତ ହୋଇଯାଇଛି। ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଅଙ୍ଗଦାନ ସଚେତନ ଗ୍ରୁପ ସମିତି' ବିରିଡି ବ୍ଲକ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ଲୋକନାଥ ସାହୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୋଗାଗୁରୁ ସଞ୍ଜୟ କୁମାର ବେହେରା, ଚିକିତ୍ସାଧିକାରୀ ସସୀମ ସୁମନ ସ୍ୱାଇଁ, ବରିଷ୍ଠ ନାଗରିକ ଭାଗ୍ୟଧର ଜେନା, ରୋଗୀକଲ୍ୟାଣ ସମିତିର ସଭ୍ୟ ଜନରଞ୍ଜନ ସ୍ୱାଇଁ, ସାମ୍ବାଦିକ ବସନ୍ତ ବେହେରା, ଡ. ଭାଗ୍ୟଧର ବେହେରା, ଅଙ୍ଗଦାନ ସଚେତନ ଗ୍ରୁପ ସମିତିର ସଭାପତି ଶିବପ୍ରସାଦ ଦାସ, ଉପଦେଷ୍ଟା ନିକୁଞ୍ଜ ବିହାରୀ ଭଞ୍ଜ ଉଦଘାଟନ କରିଥିଲେ। ଏହି ଶିବିରରେ ବିରିଡି ବ୍ଲକ ଅଙ୍ଗଦାନ ଗ୍ରୁପ ସମିତିର ବନବିହାରୀ ରାଉତ, ସୁବ୍ରତ ପ୍ରଧାନ, ରାଜକିଶୋର ସ୍ୱାଇଁ, ଅଭିମନ୍ୟୁ ବେହେରାଙ୍କ ସମେତ ଓଡ଼ିଶୀ ଗୁରୁ ସ୍ୱପ୍ନା ମିଶ୍ର, ସନ୍ତୋଷ ଉତରାୟ, ପ୍ରାଣକୃଷ୍ଣ ପଶାୟତ, ପ୍ରତାପ କୁମାର ଦାସ, ଅଭୟ ମଲ୍ଲ, ସୁଦର୍ଶନ ପଣ୍ଡା, ବିଭୁ ପ୍ରସାଦ ଦାଶ, ପତିତପାବନ ଦାଶ, ରାଜେଶ ଦାଶ ଅନ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ, ଡାକ୍ତର, ନର୍ସ ମାନେ ଅଂଶଗ୍ରହଣ କରିଥିଲେ।

**ନାଉଗାଁ:** ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ତିହୁଡ଼ା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଶିବିରରେ ଯୋଗ ଗୁରୁ ଭାବରେ ଚିତ୍ତରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ସେହିପରି ଓଡ଼ିଶା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଆର୍ମି ବାଟାଲିୟନର କମାଣ୍ଡିଂ ଅଫିସର ଲେଫଟନାଣ୍ଟ କର୍ଣ୍ଣେଲ ବି. ଭୂୟାଁଙ୍କ ନିର୍ଦ୍ଦେଶ ଅନୁସାରେ ଅଲଣାହାଟ ଉଚ୍ଚ ବିଦ୍ୟାଳୟ ପରିସରରେ ଯୋଗ ଦିବସ ସମର ଶିକ୍ଷାର୍ଥୀ ବାହୀନିମାନଙ୍କ ଦ୍ୱାରା ପାଳିତ ହୋଇଯାଇଛି। ଏହି ଶିବିରରେ ୪୯ ଜଣ କ୍ୟାଡେଟ, ଆଲମୁନି ଓ ବିଭିନ୍ନ ପଦାଧିକାରୀ ମାନେ ଯୋଗ ଦେଇଥିଲେ। ଏନସିସି ଅଫିସର ଅମୂଲ୍ୟ କୁମାର ମିଶ୍ର ଶିବିରକୁ ଉଦଘାଟନ କରିଥିଲେ। ବରିଷ୍ଠ ଶିକ୍ଷକ କିଶୋରୀ ମୋହନ ଦାସ ଯୋଗଦେଇଥିଲେ। ସେହିପରି ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀ ସେଠୀଙ୍କ ସଭାପତିତ୍ୱରେ ଏବଂ ଏନ୍‌ସିସି ଶିକ୍ଷକ ତଥା ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ମାନସ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ପତଞ୍ଜଳିର ଯୋଗଗୁରୁ ସୋମନାଥ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଆସନ ଓ ପ୍ରାଣାୟାମ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ଏବଂ ଏନସିସି କ୍ୟାଡେଟ୍ ସହଯୋଗ କରିଥିଲେ।

## ଅଙ୍ଗଦାନ ସଚେତନ ଗ୍ରୁପ ସମିତିର ବୈଠକ

ବିରିଡି, ୨୧।୬(ସମିସ): ବିରିଡି ବ୍ଲକ ଅଙ୍ଗଦାନ ସଚେତନ ଗ୍ରୁପ ସମିତିର କର୍ମକର୍ତ୍ତା ଓ ସଭ୍ୟ ମାନଙ୍କୁ ନେଇ ଏକ ବୈଠକ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇଜିଆର ରେଜିଷ୍ଟ୍ରେସନ ସାର୍ଟିଫିକେଟ ପ୍ରାପ୍ତ ହେବାପରେ ଏହା ସମିତିର ପ୍ରଥମ ବୈଠକ କରାଯାଇଥିଲା। ସମିତିର ସଭାପତି ଶିବପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶୁଭେନ୍ଦୁ ଭୋଇ, ନିକୁଞ୍ଜ ବିହାରୀ ଭଞ୍ଜ, ବନବିହାରୀ ରାଉତ, ଡାକ୍ତର ଲୋକନାଥ ସାହୁ, ଚିତ୍ତରଞ୍ଜନ ବେହେରା, ସୁବ୍ରତ ପ୍ରଧାନ, ରାଜକିଶୋର ସ୍ୱାଇଁ, ବସନ୍ତ କୁମାର ବେହେରା, ଅଭିମନ୍ୟୁ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଅଧିକାଂଶ କର୍ମକର୍ତ୍ତା ତଥା ସଦସ୍ୟ ଯୋଗଦେଇଥିଲେ ମଧ ଆଜିର ବୈଠକରେ ସମ୍ପାଦିକା, କୋଷାଧକ୍ଷ ଓ ଅନ୍ୟ ସଦସ୍ୟ ଯୋଗଦେଇ ପାରିନଥିବାରୁ ଅଙ୍ଗଦାନ ସଚେତନ ଗ୍ରୁପ ସମିତିର ଆଗାମୀ ଭବିଷ୍ୟତ ଉପରେ ବିଶେଷ କିଛି ଆଲୋଚନା କରାଯାଇନଥିଲା। ତେବେ ସେମାନଙ୍କୁ ଆଗାମୀ ବୈଠକ ପାଇଁ ଅପେକ୍ଷା କରାଯିବା ସହିତ ଆବଶ୍ୟକ ଆଲୋଚନା କରାଯିବ ବୋଲି ବରିଷ୍ଠ ସଦସ୍ୟ ବନବିହାରୀ ରାଉତ ପ୍ରସ୍ତାବ ରଖିଥିଲେ। ଏହାକୁ ସର୍ବ ସମତି ଭାବେ ଗ୍ରହଣ କରାଯାଇ ପୁନର୍ବାର ସଭାପତି ବୈଠକ ଡାକିବେ ବୋଲି ନିଷ୍ପତ୍ତି କରାଯାଇଥିଲା।

## ଅଠରବାଙ୍କୀ ମାର୍କେଟର ବ୍ୟବସାୟୀଙ୍କ ପରଲୋକ

ପାରାଦୀପ, ୨୧।୬(ସମିସ): ପାରାଦୀପ ଅଠରବାଙ୍କୀ ମାର୍କେଟର ବିଶିଷ୍ଟ ବ୍ୟବସାୟୀ ରବୀନ୍ଦ୍ର ନାଥ ସାହୁଙ୍କର ୬୬ ବର୍ଷ ବୟସରେ ଦେହାନ୍ତ ଘଟିଛି। ଗତକାଲି ସକାଳେ ହଠାତ ନିଃଶ୍ୱାସ ନେବାରେ ବାଧା ସୃଷ୍ଟି ହେବାରୁ ତାଙ୍କୁ ସ୍ଥାନୀୟ ଅଠରବାଙ୍କୀ ମେଡ଼ିକାଲ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ନେଇ ଅନୁମାନ କରାଯାଉଥିବା ଡାକ୍ତର ସୂଚନା ସୂଚନା ଦେଇଥିଲେ। ସେ ଜଣେ ସରଳ, ନିଷ୍କପଟ ଓ ପରୋପକାରୀ ସ୍ୱଭାବର ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଠରବାଙ୍କୀ ବ୍ୟବସାୟୀ ସଂଘରେ ଏକ ପ୍ରକାର ଶୋକର ଛାୟା ଖେଳିଯାଇଥିଲା। ବହୁ ଲୋକ ତାଙ୍କ ଲକପଡ଼ା ବାସଗୃହରେ ତାଙ୍କର ଶେଷଦର୍ଶନ କରିଥିଲେ। ପରିବାର ପକ୍ଷରୁ ତାଙ୍କ ନିଜ ଗ୍ରାମ କେନ୍ଦ୍ରାପଡ଼ା ଜିଲ୍ଲାର ଗୁଣୁପୁର ଛେଦରା ଗ୍ରାମକୁ ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ବଡ ପୁଅ କ୍ଷୀରୋଦ କୁମାର ସାହୁ ମୁଖାଗ୍ନି ଦେଇଥିଲେ। ଆଜି ସକାଳେ ଅଠରବାଙ୍କୀ ବ୍ୟବସାୟୀ ସଂଘ ପକ୍ଷରୁ ଏକ ସ୍ମୃତି ସଭାର ଆୟୋଜନ କରାଯାଇ ମାର୍କେଟ ବନ୍ଦ ରହିଥିଲା। ତେବେ ଏହି ସ୍ମୃତି ସଭାରେ ବ୍ୟବସାୟୀ ସଂଘର ସଭାପତି ଚିତ୍ତରଞ୍ଜନ ମଲ୍ଲିକଙ୍କ ସମେତ ବରିଷ୍ଠ ଉପଦେଷ୍ଟା ନଗେନ୍ଦ୍ର ରାଉତ, ଉପସଭାପତି ଉମେଶ ଚନ୍ଦ୍ର ସ୍ୱାଇଁ ଓ ସନତ ପାତ୍ର, ପ୍ରାଣକୃଷ୍ଣ ସାହୁ, ଅଧିର ବାରିକ ଓ ଚାନ୍ଦୁ ବାରୀକଙ୍କ ସମେତ ସମସ୍ତ ବ୍ୟବସାୟୀ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସ୍ମୃତି ଚାରଣ କରିଥିଲେ।

## ନବକାକଳିର ଯୋଗ - କବିତା ଆସର



ଜଗତସିଂହପୁର, ୨୧।୬(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ମୁଦୁପୁର ପଞ୍ଚାୟତ କନ୍ତାର ଗ୍ରାମସ୍ଥ କେଳି-କାଞ୍ଚନ ରତ୍ନାକର ପାଠାଗାର ସଭାଗୃହରେ ବଣମଲ୍ଲୀ ସାହିତ୍ୟ ସଂସଦ ସୌଜନ୍ୟରୁ ନବକାକଳି ସାହିତ୍ୟ ପତ୍ରିକାର ଯୋଗ ଦିବସ ଉପରେ ଏକ ଯୋଗ-କବିତା ଆସର ଏବଂ ଆଲୋଚନାଚକ୍ର ପ୍ରତିଷ୍ଠାତା ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ କବି ମାତୃପ୍ରସାଦ ଶତ୍ରୁଜିତ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ପଣ୍ଡିତ ଡ. ରବୀନ୍ଦ୍ର ନାଥ ମିଶ୍ର, ମୁଖ୍ୟବକ୍ତା ଭାବେ ନାଟ୍ୟକାର ଗଣେଶ ମହାନ୍ତି, ବରେଣ୍ୟ ଅତିଥି ଶିକ୍ଷାବିତ୍ ଗଗନ ବିହାରୀ ବେହେରା, କବି ବଂଶୀଧର ବେହେରା, କବି ରମେଶ ଚନ୍ଦ୍ର ବହିରା ପ୍ରମୁଖ ଯୋଗଦେଇ 'ଯୋଗ ହଟାଏ ରୋଗ' ଶୀର୍ଷକରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନବକାକଳିର ପରିଚାଳନା ସମ୍ପାଦିକା ମନୋରମା ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ସବ୍ୟସାଚୀ ତ୍ରିପାଠୀ, ଜୟଶ୍ରୀ ମିଶ୍ର ଏବଂ କଳ୍ପନା ବିଶ୍ୱାଳଙ୍କ ସଂଯୋଜନାରେ ୪୧ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। କବିତାଗୁଡ଼ିକ ସମୀକ୍ଷା କରିଥିଲେ କବି ଜ୍ଞାନରଞ୍ଜନ ସ୍ୱାଇଁ। ଶେଷରେ କବି ସୌରଭ ପୁରୁଷୋତ୍ତମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିକବି ଭବନରେ ସାରଳା ପାଠଚକ୍ର



ତିର୍ତ୍ତୋଲ, ୨୧।୬(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଆଦିକବି ସାରଳା ଦାସଙ୍କ ଜନ୍ମପୀଠ ପ୍ରାଚୀନ ଝଙ୍କଡର ତେନ୍ତୁଳିପଦା ସ୍ଥିତ ଆଦିକବି ଭବନରେ ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦ ପକ୍ଷରୁ ନେଇ ୨୫ତମ ସାରଳା ପାଠଚକ୍ରର ଆୟୋଜିତ ହୋଇଯାଇଛି। ଶିକ୍ଷାବିତ୍ କମଳାକାନ୍ତ ପରିଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆଭାଷା, ସଂସ୍କୃତି ପ୍ରେମୀ ତଥା ଦିଲ୍ଲୀ ପ୍ରବାସୀ ଓଡ଼ିଆ ଅଶୋକ ଦାଶ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଇଞ୍ଜିନିୟର ତଥା ଉପଦେଷ୍ଟା ଇଂ. ସୁଭାଷ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ବର୍ଷିୟାନ୍ ସଙ୍ଗୀତ ବିଶାରଦ ସୂର୍ଯ୍ୟନାରାୟଣ ପରିଜା, ପ୍ରାକ୍ତନ କୃଷି ଅଧିକାରୀ ରବୀନ୍ଦ୍ର ସିଂହ, କବି ପ୍ରଭାତ ପରିଜା, ସାମ୍ବାଦିକ ଶ୍ରୀକାନ୍ତ ଦାଶ, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ତିର୍ତ୍ତୋଲ ବ୍ଲକ ତଥା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ପରିସରରେ ଅନ୍ୟାନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଭଳି ସାରଳା ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନର ଜରୁରୀ ଆବଶ୍ୟକତା ରହିଛି ମତ ପ୍ରକାଶ ପାଇଥିଲା।

ପାଠଚକ୍ରରେ ବିରଜା ପ୍ରସନ୍ନ ପରିଜା, ଅକ୍ଷୟ ମହାନ୍ତି, ଅନିଲ ମହାନ୍ତି, ଦେବବ୍ରତ ବାରିକ, ସୁବ୍ରତ ଦାଶ, ଜ୍ୟୋତି ପରିଜା, ନିତ୍ୟାନନ୍ଦ ନାୟକ, ଆଶିଷ ପରିଜା, ଚିତ୍ତରଞ୍ଜନ ପରିଜା, ସୁଶାନ୍ତ ପରିଜା, ଶ୍ରଦ୍ଧାଞ୍ଜଳି ଦାସ, ନମିତା ସିଂ ପ୍ରମୁଖ ଉପସ୍ଥିତ ଥିବାବେଳେ ସମ୍ପାଦକ ଚୌଧୁରୀ ରାଧାମୋହନ ପରିଜା ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୁରୁଦତ୍ତ ପରିଜା ଧନ୍ୟବାଦ ଦେଇଥିଲେ।

## ବଡ଼ପଡ଼ିଆ ପେଟ୍ରୋଲ ପମ୍ପ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

ପାରାଦୀପ, ୨୧।୬(ସମିସ): ପାରାଦୀପ ଥାନା ପଛପଟରେ ଥିବା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ଅଫିସ କାର୍ଯ୍ୟାଳୟରେ ଆଜି ଦିନ ପାଖାପାଖି ୧୦ଟା ସମୟରେ ଅଗ୍ନିକାଣ୍ଡ ଘଟିଛି। ଖବର ପାଇବା ପରେ ପାରାଦୀପ ସିଆଇଏସ୍‌ଏଫ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଅନେକ ଦରକାରୀ ଅଫିସ କାଗଜପତ୍ର ପୋଡ଼ି ଯାଇଥିବା ଜଣାପଡ଼ିଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ସଟ୍‌ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥାଇ ପାରେ ବୋଲି ଅନୁମାନ କରାଯାଉଛି। ଏହି ପେଟ୍ରୋଲ ପମ୍ପଟି ପାରାଦୀପ ପୋର୍ଟ ହୋଲସେଲ୍‌ଫ କୋଅପରିଟିଭ୍ ସୋସାଇଟି ଦ୍ୱାରା ପରିଚାଳିତ ହୋଇ ଆସୁଥିବା ବେଳେ ଆଜି ଦିନ ୧୦ଟା ବେଳେ ଅଫିସ କାର୍ଯ୍ୟାଳୟ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି କିଛି ଜରୁରୀ ଦରକାରୀ କାଗଜପତ୍ର ପୋଡି ଯାଇଥିବା ଜଣାପଡ଼ିଛି। ତେବେ କାର୍ଯ୍ୟାଳୟଟି ଆଜି ବନ୍ଦ ରହିଥିବା ସମୟରେ ଅଗ୍ନିକାଣ୍ଡ ଘଟି ଧୂଆଁ ବାହାରୁଥିବା ଦେଖି ନିକଟରେ ଥିବା ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ନିଆଁକୁ ଆୟତ୍ତ କରା ଯାଇଥିବା ଜଣାପଡ଼ିଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



କୁଜଙ୍ଗ, ୨୧।୬(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତ ବାଲିପାରି ଗ୍ରାମର ମୁରବି ସ୍ୱର୍ଗତ ବ୍ରଜବନ୍ଧୁ ମୁଦୁଲିଙ୍କ ଧର୍ମପତ୍ନୀ ସାର୍ତ୍ତୁକ ଦେଇ (୯୭)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ପୁଅ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାମନ୍ତରାୟ, ଗଗନ ବିହାରୀ ସାମନ୍ତରାୟ, ବୋହୂ ହାରାମଣୀ ଦେଇ, ସଞ୍ଜିତା ସାମନ୍ତରାୟ, ଝିଅ ରେଣୁବାଳା ଲେଙ୍କା, ଅନସ୍ୱୟା ସାମନ୍ତରାୟ, ନନ୍ଦିନୀ ବିଶ୍ୱାଳ, ଜ୍ୱାଇଁ ହିମାଂଶୁ ଶେଖର ଲେଙ୍କା, ଆଇନଜୀବୀ ଉଷ୍ମରଶ୍ମୀ ବିଶ୍ୱାଳ, ପୁତୁରା ଅନୀଲ ସାମନ୍ତରାୟ ଓ ଅରକ୍ଷିତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇ ଥିବା ବେଳେ ବଡ଼ପୁଅ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାମନ୍ତରାୟ ମୁଖାଗ୍ନୀ ଦେଇଥିଲେ। ନାତି ନାତୁଣୀ ଅନୁରାଗ, ଅନୁପମ, ଅରୁଣିମା, ନାତୁଣୀ ବୋହୂ ବୈଶାଳୀ ସୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସାର୍ତ୍ତୁକଙ୍କ ପରଲୋକରେ ପାଟପୁର, ଚଟୁଆ ଓ କୁଜଙ୍ଗ ଅଞ୍ଚଳ ରେ ଶୋକ ପ୍ରକାଶ ପାଇଛି।

## ଯାତ୍ରା ପଡ଼ିଆକୁ ଜବରଦଖଲ

# ଉପଜିଲ୍ଲାପାଳଙ୍କୁ ଗୋହିରାପଶି ଗ୍ରାମବାସୀଙ୍କ ଅଭିଯୋଗ



ହିନ୍ଦୋଳ, ୨୧।୬ (ସମିସ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ଅନ୍ତର୍ଗତ କନ୍ତାମିଲା ପଞ୍ଚାୟତ ଗୋହିରାପଶି ଗ୍ରାମ ଯାତ୍ରାପଡ଼ିଆରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ଶତାଧିକ ଗ୍ରାମବାସୀ ଉପିଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗୋହିରାପଶି ରାଜସ୍ୱ ଗ୍ରାମରେ ଥିବା ଖାତା ନଂ-୫୦, ପ୍ଲଟ ନଂ-୪୬୫ରେ ଏ୧.୧୧ ଡିସିମିଲ ଆବାଦଯୋଗ୍ୟ ଅନାବାଦୀ କିସମ ଜାଗାରେ ଆଜକୁ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାମବାସୀ ମାଘ ପୂର୍ଣ୍ଣିମା ଯାତ୍ରାପଡ଼ିଆ ଭାବେ ବ୍ୟବହାର କରିବା ସହ ଗ୍ରାମର ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ, ବିବାହ, ବ୍ରତ, ଶୁଦ୍ଧିକ୍ରିୟା ଆଦି କାମରେ ବ୍ୟବହାର କରିଆସୁଛନ୍ତି। ଗ୍ରାମରେ ଅନ୍ୟ କୌଣସି ଖୋଲାସ୍ଥାନ ନ ଥିବାରୁ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏହି ଯାତ୍ରାପଡ଼ିଆ ଉପରେ ନିର୍ଭର କରନ୍ତି। ମାତ୍ର ଗ୍ରାମର ଜଣେ ବ୍ୟକ୍ତି ତଞ୍ଚକତା କରି ଆରଆଇ, ଅମିନଙ୍କୁ ହାତକରି ଏଥିରୁ ୪ ଡିସିମିଲ ଜାଗା ନିଜ ନାମରେ କରାଇନେବା ସହ ଘରକରି ସମ୍ପୂର୍ଣ୍ଣ ଜାଗାକୁ ହାତେଇବା ପାଇଁ ଚକ୍ରାନ୍ତ କରୁଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କର ଏହି ଗ୍ରାମରେ କୋଠାବାଡ଼ି ଓ ୧୦ ଏକରରୁ ଅଧିକ ଜାଗା ଥିବା ସତ୍ତ୍ୱେ ସେ ଯାତ୍ରା ପଡ଼ିଆ ଜାଗା ହଡ଼ପ ଉଦେଶ୍ୟରେ ଏପରି କରିଛନ୍ତି। ପ୍ରତିବାଦ କଲେ ଗ୍ରାମବାସୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଗଣ୍ଡଗୋଳ କରୁଛନ୍ତି। ଏପରିକି ସମସ୍ତଙ୍କୁ ମାରିବାକୁ ଉଦ୍ୟତ ହେଉଛନ୍ତି ବୋଲି ଗ୍ରାମବାସୀ ଉପଜିଲ୍ଲାପାଳ ପ୍ରଭାସ ବେଉରାଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏହି ସର୍ବସାଧାରଣ ଜାଗାକୁ ଜବରଦଖଲମୁକ୍ତ କରିବାକୁ ଦାବି କରିଛନ୍ତି। ଏହାର ବିଚାର କରା ନ ଗଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି। ତେବେ ଖୁବଶୀଘ୍ର ଗ୍ରାମବାସୀଙ୍କ ସମସ୍ୟା ସମାଧାନ କରାଯିବାକୁ ଉଦ୍ୟମ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଜେଏମ୍‌ପି ମଡେଲ ସ୍କୁଲ ପକ୍ଷରୁ ଚାରାରୋପଣ



କାମାକ୍ଷାନଗର,୨୧।୬(ସମିସ): ସବୁଜ ଓ ସୁସ୍ଥ ପୃଥିବୀ ଗଠନ ଅଭିଯାନ ଆଧାରରେ କାମାକ୍ଷାନଗର ସହର ସ୍ଥିତ ଜେଏମପି ମଡେଲ ସ୍କୁଲ ତରଫରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ସ୍କୁଲର ଅଧ୍ୟକ୍ଷ ଦୀନେଶ ସେନାପତିଙ୍କ ଅଧ୍ୟକ୍ଷତାରେ ଏ ନେଇ ସ୍ଥାନୀୟ ରେଙ୍ଗାଳି କେନାଲ ନିକଟରେ ବୃକ୍ଷରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ କାମାକ୍ଷାନଗର ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ଅଧ୍ୟାପିକା ଲିପ୍ସା ପ୍ରଧାନ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ପରିବେଶ କୁ ସୁସ୍ଥ ଓ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ବୃକ୍ଷରୋପଣ ନିହାତି ଆବଶ୍ୟକ ଥିବାବେଳେ ସମସ୍ତେ ଏ ନେଇ ଆଗେଇ ଆସିବାନେଇ ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କେନାଲ ନିକଟରେ ଜାମୁ, ମେହଗାନି, ପଣସ, ଆମ୍ବ, ନିମ୍ବ ପ୍ରଭୃତି ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର କୈଳାସ ଚନ୍ଦ୍ର ସାହୁ, ଫରେଷ୍ଟର ରମେଶ ଚନ୍ଦ୍ର ପାଣିଗ୍ରାହୀ,ଓ ବନବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିବାବେଳେ ଜେଏମପି ମଡେଲ ସ୍କୁଲ ତରଫରୁ ରନବୀର ପ୍ରତାପ ବେଉରା, ସ୍ୱାଗତିକା ବାରିକ, ପ୍ରତୀକ୍ଷା ପ୍ରିୟଦର୍ଶିନୀ, ଋତୁପର୍ଣ୍ଣା ମହାପାତ୍ର, ମୋନାଲିସା ପ୍ରିୟଦର୍ଶିନୀ, ସୁଚିସ୍ମିତା ତ୍ରିପାଠୀ, ଶୁଭଲକ୍ଷ୍ମୀ ରାଉତ, ନନ୍ଦିନୀ ବେହେରା, ସୁଜାତା ଜେନା ଓ ଯଶୋବନ୍ତ ସାହୁ ପ୍ରମୁଖ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କୂଅରୁ ବାରହା ଉଦ୍ଧାର କଲା ବନବିଭାଗ

ପରଜଙ୍ଗ,୨୧।୬(ସମିସ): ପରଜଙ୍ଗ ପଞ୍ଚାୟତ ବୃନ୍ଦାବନପୁର ସାହିର ଏକ କୂଅରେ ପଡ଼ିଯାଇଥିବା ବାର୍‌ହାକୁ ବନବିଭାଗ ଉଦ୍ଧାର କରିଛି। ସାହିର ଦୀନେଶ କୁମାର ସର୍ଦ୍ଦାର ସିଣ୍ଟ ବାଡ଼ିରେ ଥିବା ପରିତ୍ୟକ୍ତ କୂଅରେ ବାରହା ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଡିହଡୋଳ ସେକ୍ସନ ବନପାଳ ଚନ୍ଦ୍ରଶେଖର ବେହେରାଙ୍କୁ ସୂଚନା ଦେଇଥିଲେ। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରଜଙ୍ଗ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଉଭୟ ବିଭାଗର ମିଳିତ ଉଦ୍ୟମରେ ବାର୍‌ହାକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ପ୍ରାଥମିକ ଚିକିତ୍ସା କରାଯାଇ ବାର୍‌ହାକୁ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

## ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ ବର୍ଷ ପୂର୍ତ୍ତି ମହୋତ୍ସବ

# ସମ୍ମାନିତ ହେବେ ରାଜା କାମାକ୍ଷାପ୍ରସାଦ ସିଂହଦେଓ

ଢେଙ୍କାନାଳ,୨୧।୬(ସମିସ): କପିଳାସ ତପୋବନ ମହିମାପୀଠ ପରିଚାଳନା ଟ୍ରଷ୍ଟ ଓ ଢେଙ୍କାନାଳ ଆନୁକୂଲ୍ୟରେ ଚଳିତ ଜୁନ୍ ମାସ ୨୪ ତାରିଖ ବୁଧବାର ଦିନ ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନ ୧୮୨୬ ଖ୍ରୀ.ର ୨୦୦ବର୍ଷ ପୂର୍ତ୍ତି ମହୋତ୍ସବ ମହିମା ତପୋବନ ପୀଠ ପାଦଦେଶରେ ଅବସ୍ଥିତ କାଦୁଆ ମହିମା ଆଶ୍ରମରେ ପାଳିତ ହେବାକୁ ଯାଉଛି। ଏଥିପାଇଁ ଏକ ବିଶାଳ ଧର୍ମସଭାର ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ରାଜ୍ୟ ଶିକ୍ଷା, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ଏଥିସହ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷା ତଥା ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୁଳ ବିଧାୟକ ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗଦେଉଛନ୍ତି। ଏହି ଧର୍ମସଭାରେ ମହିମାଧର୍ମର ପ୍ରମୁଖ ପ୍ରବଚକ ଭାବେ କୌପିନଧାରୀ ମହିମା ସମାଜର ସଭାପତି ଅବିନାଶ ବାବା, ସନ୍ୟାସୀ ଶେଷଦେବ ବାବା, ପଣ୍ଡିତ ମହେଶ ସାହୁ, ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, କିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଶରତ ଚନ୍ଦ୍ର ପାଣିଗ୍ରାହୀ ଏବଂ କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା ଯୋଗ ଦେଉଛନ୍ତି। ଏହି ସ୍ୱତନ୍ତ୍ର ସମାରୋହରେ ଢେଙ୍କାନାଳ ମହାରାଜା ଭଗୀରଥ ମହିନ୍ଦ୍ର ବାହଦୂରଙ୍କ ଉତରଦାୟାଦ ପଣନାତି ୮୫ ବର୍ଷ ବୟସ୍କ ରାଜା ବ୍ରିଗେଡିୟର କାମାକ୍ଷାପ୍ରସାଦ ସିଂହଦେଓଙ୍କୁ ପରିଚାଳନା ଟ୍ରଷ୍ଟ ପକ୍ଷରୁ ସମ୍ମାନିତ କରାଯିବ। ଏଥିପାଇଁ ଶନିବାର ସଂଧ୍ୟାରେ ଢେଙ୍କାନାଳ ପ୍ୟାଲେସ୍ ଠାରେ ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା, ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ ରଥ, ସଂପାଦକ ପ୍ରଶାନ୍ତ ମହାପାତ୍ର ଓ ଅଶୋକ ପ୍ରଧାନ ପ୍ରମୁଖ ଶ୍ରୀ ସିଂହଦେଓଙ୍କୁ ଭେଟି ତାଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ସହ ଆନୁଷ୍ଠାନିକ ନିମନ୍ତ୍ରଣ କରିଥିଲେ। ଶ୍ରୀ ସିଂହଦେଓ ଏଥିପାଇଁ ତାଙ୍କର ସମ୍ମତି ପ୍ରଦାନ କରିଥିଲେ। ଏହି ଧାର୍ମିକ ସମାରୋହରେ ଭକ୍ତ ଓ ଶ୍ରଦ୍ଧାଳୁବୃନ୍ଦ ବହୁସଂଖ୍ୟାରେ ଯୋଗଦେବା ପାଇଁ ଏକ



ପ୍ରଚାର ରଥର ରବିବାର ପୂର୍ବାହ୍ନରେ ଟ୍ରଷ୍ଟବୋର୍ଡ ଅଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା ଶୁଭାରମ୍ଭ କରିଥିଲେ। ଏହି ଅବସରରେ କାଦୁଆ ମହିମା ଆଶ୍ରମ ଠାରେ ବ୍ରାହ୍ମ ମୁହୂର୍ତ୍ତରୁ ଶୂନ୍ୟବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଅହ୍ନଣିଆ ଟେକା ସହ ବ୍ରହ୍ମଧୂନୀ ଓ ଅଖଣ୍ଡଜ୍ୟୋତିର ସଂସ୍ଥାପନ କରାଯାଇ ଘୃତାହୁତି ଦିଆଯିବ। ମହିମା ଭଜନକୀର୍ତନ ମଧ୍ୟ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ବଛାବଛା ମହିମା ଭଜନଗୋଷ୍ଠୀ ଗୋଷ୍ଠୀଙ୍କ ଦ୍ୱାରା ପରିବେଷିତ ହେବାର ସ୍ଥିର ହୋଇଛି। ଏହି ସମାରୋହ ଉପଲକ୍ଷେ ଅନ୍ନଯଜ୍ଞ, ଘୃତଯଜ୍ଞ ଓ ନାମଯଜ୍ଞର ସୁବନ୍ଦୋବସ୍ତ କରାଯାଉଛି।

# ଉତ୍ସାହର ସହ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଢେଙ୍କାନାଳ,୨୧।୬(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ବିବି ହାଇସ୍କୁଲ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହର ସହ ପାଳିତ ହୋଇଛି। ଏଥିରେ ବହୁ ସଂଖ୍ୟକ ସ୍ୱାସ୍ଥ୍ୟ ସଚେତନ ନାଗରିକ, ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ ଓ ଜନସାଧାରଣ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ଯୋଗ ମାଧ୍ୟମରେ ସୁସ୍ଥ ଓ ସନ୍ତୁଳିତ



ଜୀବନଯାପନ ବାର୍ତ୍ତା ପ୍ରଚାର କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଲେ, ଯୋଗ ଆମକୁ ସୁସ୍ଥ, ସୁଖୀ ଏବଂ ମାନସିକ ଭାବେ ସଶକ୍ତ ରଖିଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବା ଉଚିତ ବୋଲି କହିଥିଲେ। ପରେ ଯୋଗ ମହୋତ୍ସବ ସମିତିର ପ୍ରଶିକ୍ଷକଙ୍କ ନେତୃତ୍ୱରେ ସାମୂହିକ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଏସ୍‌ପି ଅଭିନବ ସୋନକର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପୂର୍ବରୁ ଆୟୋଜିତ ପ୍ରବନ୍ଧ ଲିଖନ ଓ ବିତର୍କ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

**କାମାକ୍ଷାନଗର:** ସ୍ଥାନୀୟ ସାଇବିହାରରେ ଆନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଛି। ସାଇମନ୍ଦିର ଯୋଗକେନ୍ଦ୍ର ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ବହୁ ବରିଷ୍ଠ ନାଗରିକ, ସମାଜସେବୀ, ବ୍ୟବସାୟୀ, ଛାତ୍ରଛାତ୍ରୀ ଓ



ମହିଳା ଯୋଗଦେଇଥିଲେ। ଯୋଗଗୁରୁ ଲିଙ୍ଗରାଜ ଜେନା ସମସ୍ତଙ୍କୁ ଯୋଗାଭ୍ୟାସ କରାଇଥିଲେ। ଯୋଗକେନ୍ଦ୍ରର ପ୍ରମୁଖ ଗୋବିନ୍ଦ ଚନ୍ଦ୍ର ସାହୁ, ଉପପ୍ରମୁଖ ମାନସୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କାମାକ୍ଷାନଗର:** କାମାକ୍ଷାନଗର ସନିକ କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତା ତଥା ଯୋଗଗୁରୁ ଶଙ୍କର୍ଷଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ,



ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗାଭ୍ୟାସ କରିଥିଲେ। କାମାକ୍ଷାନଗର ବିଡିଓ ପ୍ରଭୁକଲ୍ୟାଣ ଦାସ ମୁଖ୍ୟଅତିଥି, ପାରିକୁଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଏନ୍‌ସିସି ଅଧିକାରୀ ଦୁର୍ଯ୍ୟୋଧନ ସାହୁ, ଅବସରପ୍ରାପ୍ତ ସେନା ଜେସିଓ ପ୍ରଦୀପ୍ତ ରାଉତ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଢେଙ୍କାନାଳସ୍ଥିତ ୧୨ ଓଡ଼ିଶା ବାଟାଲିୟନ୍ ଏନ୍‌ସିସିର କାମାକ୍ଷାନଗର ଜୋନର ଫାଷ୍ଟ ଅଫିସର ଧ୍ରୁବଚରଣ ସୁନ୍ଦରାୟ, ଏନ୍‌ସିସି ଅଧିକାରୀ ଅଭିଷେକ ସାହୁ, ସିଟିଓ ଗୀତା ମାହାପାତ୍ର, ଲକ୍ଷ୍ମୀପ୍ରିୟା ପାତ୍ର ଓ କ୍ୟାଡେଟମାନେ ଉପସ୍ଥିତ ଥିଲେ। ଶିକ୍ଷକ ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ, କ୍ରୀଡ଼ା ଶିକ୍ଷକ ବାନାର୍ଜୀ ମହାନ୍ତି, ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସମରେନ୍ଦ୍ର ନାୟକ, ନିର୍ମଳ କୁମାର ମହାନ୍ତି, ସୌଭାଗ୍ୟ ସାହୁ, ଦୀପ୍ତିକୁମାର ରାଉତ, ରାଜେଶ ସାହୁ, ଶ୍ରୀକର ସାହୁ, ପ୍ରଶାନ୍ତ ବେହେରା, ଶିକ୍ଷୟିତ୍ରୀ ପ୍ରଭାତୀ ସାହୁ, କର୍ମଚାରୀ ରବିନାରାୟଣ ରାଉତ, ସାନ୍ତନୁ ରାଉତ, ପ୍ରଶାନ୍ତ ରାଉତ, ଜୟସ୍ମିତା ରାଉତ ପ୍ରମୁଖ ସହଯୋଗ କରିଥିଲେ।

**ଗଁଦିଆ:** ଗଁଦିଆ ବିଡିଓ ପବିତ୍ର କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ପରିସରରେ ଅନ୍ତର୍ଜାତିୟ ଯୋଗ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ବିଶିଷ୍ଟ ଅତିଥି ଭାବେ



ସାଂସଦଙ୍କ ଗଁଦିଆ ବ୍ଲକ ପ୍ରତିନିଧି ଲଳିତ କୁମାର ଦାସ, କାବେରା ମାଧପୁର ସମିତି ସଭ୍ୟ ଶତ୍ରୁଘ୍ନ ରାଉତ ଯୋଗଦେଇଥିଲେ। ବ୍ଲକ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଯୋଗଗୁରୁ ଚାରଣ ଅଭିମନ୍ୟୁ ଦାସ, ରାଜେନ୍ଦ୍ର ସିଂ, କୃଷ୍ଣଚନ୍ଦ୍ର ସାହୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ପୂର୍ବତନ ଯୁବମୋର୍ଚ୍ଚା ସଭାପତି ଏମ୍ ମହିମା ଉପସ୍ଥିତ ଥିଲେ। ଏବିଡିଓ ଏସ୍ ନୈବେଦ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଗଁଦିଆ:** ଖଙ୍କିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ଯୋଗଦିବସ ପାଳିତ ହୋଇଛି। ପ୍ରାକ୍ତନ ଶିକ୍ଷକ ହେମନ୍ତ ବ୍ରହ୍ମ ଓ ସମାଜସେବୀ ତଥା କବି ଅଶୋକ କୁମାର



ପତି ଯୋଗଦେଇ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ। ଫାର୍ମାସିଷ୍ଟ ଦେବାଶିଷ ଦାସ, ସେବିକା ପ୍ରିୟଦର୍ଶିନୀ ରାଏ, ରଶ୍ମିତା ସ୍ୱାଇଁ, ଆଶାକର୍ମୀ ନିରୁପମା ସାହୁ, ଗୀତାଞ୍ଜଳି ମହାନ୍ତ ସହଯୋଗ କରିଥିଲେ।

**ଢେଙ୍କାନାଳ:** ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ କଲୋନୀ ବାସିନ୍ଦାଙ୍କୁ ନେଇ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ଯୋଗଗୁରୁ ଶରତ ଚନ୍ଦ୍ର ମଲ୍ଲିକଙ୍କ ତତ୍ତ୍ୱାବଧାନରେ



ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ କଲୋନୀ ବାସିନ୍ଦା ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ବିଭିନ୍ନ ଯୋଗାସନ ଏବଂ ପ୍ରାଣାୟାମ ଅଭ୍ୟାସ କରିଥିଲେ।

**ଢେଙ୍କାନାଳ:** ଯୋରନ୍ଦା ମହିମା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା, ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡକ୍ରସ ଓ ରେଞ୍ଜ ରୋଭର ଆନୁକୂଲ୍ୟରେ ଅଧ୍ୟକ୍ଷ ପ୍ରହ୍ଲାଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଯୋଗ ଦିବସ ପାଳିତ ହୋଇଛି। ଅଧ୍ୟାପକ ତଥା ଯୁବ ରେଡକ୍ରସର ଉପଦେଷ୍ଟା ରଞ୍ଜନ



କୁମାର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଯୋଗାଚାର୍ଯ୍ୟ ଅନ୍ତର୍ଯ୍ୟାମୀ ସାମଲ ଉପସ୍ଥିତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ଯୋଗାଭ୍ୟାସ କରାଇଥିଲେ। ପୂର୍ବତନ ଛାତ୍ର ଧର୍ମାନନ୍ଦ ରାଉତ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅଧ୍ୟାପକ ଶରତ ଚନ୍ଦ୍ର ସ୍ୱାଇଁ, ପ୍ରଜେଶ ଜେନା, ଡ. ଶକୁନ୍ତଳା ଭୂୟାଁ, ଡ. ଦୟାମ୍ବର ଶବର, ଜ୍ୟୋତିରଞ୍ଜନ ଦଲାଇ, ଡ. ଆଇ ଶିବଶଙ୍କର, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ଶ୍ରୀଚନ୍ଦନ ସାସମଲ, ଜୟନ୍ତ କୁମାର ନାୟକ, ଜୟକୃଷ୍ଣ ବାରିକ, ରମାକାନ୍ତ ନାଏକ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପିକା ସୁନିଆ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

**ଢେଙ୍କାନାଳ:** ସ୍ଥାନୀୟ ରୟାଲ୍ ଇଣ୍ଟର ନ୍ୟାସନାଲ ପବ୍ଲିକ ସ୍କୁଲ୍‌ରେ ଯୋଗ ଦିବସ ପାଳିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ସାମୂହିକ



ଯୋଗାଭ୍ୟାସ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ସରୋଜକାନ୍ତ ଦାଶ ତଥା ଅଧ୍ୟକ୍ଷା ରଶ୍ମିତା ବିଶୋଇ ଯୋଗର ଗୁରୁତ୍ୱ ବିଷୟରେ କହିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟର ରଚନା, ସାଧାରଣଜ୍ଞାନ, ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା।

**ଢେଙ୍କାନାଳ:** ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସଖୀ ୱାନ ଷ୍ଟପ ସେଣ୍ଟର ପକ୍ଷରୁ ଯୋଗ ଦିବସ ପାଳିତ ହୋଇଛି। ଯୋଗ ପ୍ରଶିକ୍ଷକ ସସ୍ମିତା ନାୟକ ଯୋଗାଭ୍ୟାସ କରାଇଥିଲେ। ସେଣ୍ଟର ଆଡମିନିଷ୍ଟ୍ରେଟର ରଞ୍ଜିତାମଞ୍ଜରୀ



କର, କାଉନସେଲର ଶ୍ୱେତା ପରିଡ଼ା, କେସ ୱାର୍କର ଲିପ୍ସା ପାତ୍ର, ମଧୁସ୍ମିତା ପଣ୍ଡା, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସ୍ୱାଗତିକା ସାହୁ, କର୍ମଚାରୀ ମେନକା ଜେନା, ରୋଜାଲିନ ସାହୁ, ମାମାଲି ପ୍ରଧାନ, ଭାଗ୍ୟଶ୍ରୀ ବେହେରା, ସଞ୍ଜିତା ନାୟକ, ରାଜଶ୍ରୀ ପ୍ରଧାନ, ଆଶୁତୋଷ ସାହୁ ଓ ଅନ୍ତେବାସୀ ଯୋଗାଭ୍ୟାସ କରିଥିଲେ।

**ଖଜୁରିଆକଟା:** ସ୍ଥାନୀୟ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ଯୋଗ ଦିବସ ପାଳିତ ହୋଇଛି। ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ



କାର୍ଯ୍ୟକ୍ରମ ହୋଇଥିଲା। ଶିବିରରେ ଛାତ୍ରଛାତ୍ରୀ ସମେତ ଗଣିତ ବିଭାଗ ମୁଖ୍ୟ କ୍ୟାପଟେନ୍ ଡ. କିଶୋର କୁମାର ପୃଷ୍ଟି, ଇତିହାସ ବିଭାଗ ମୁଖ୍ୟ ଡ. ମହେନ୍ଦ୍ର କୁମାର ସ୍ୱାଇଁ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଶୁଭଲକ୍ଷ୍ମୀ ଦାଶ, ଶିକ୍ଷା ବିଭାଗ ମୁଖ୍ୟ ବ୍ରଜକିଶୋର ବେହେରା, କ୍ରୀଡ଼ା ଶିକ୍ଷକ ସୁବ୍ରତ କୁମାର ଜେନାମଣି ଓ ପଦାର୍ଥ ବିଜ୍ଞାନ ବିଭାଗ ଡେମୋନଷ୍ଟ୍ରେଟର୍ ବିଶ୍ୱରଞ୍ଜନ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

**ଢେଙ୍କାନାଳ:** ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି) ପରିସରରେ ଯୋଗ ଦିବସ ପାଳନ ତଥା ଯୋଗ ଶିବିର ଅନୁଷ୍ଠିତ ହୋଇଛି।



ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରି ସୁସ୍ଥ ରହିବାକୁ ସେ ପରାମର୍ଶ ଦେଇଥିଲେ।

**ଢେଙ୍କାନାଳ:** ଆନ୍ତର୍ଜାତୀୟ ଯୋଗ ଦିବସ କୋରିଆଁ ଗ୍ରାମରେ ଶତାଧିକ ଲୋକଙ୍କୁ ନେଇ ମହା ସମାରୋହରେ ପାଳିତ ହୋଇଯାଇଅଛି। ଏଥିରେ ଯୋଗ ଶିକ୍ଷୟିତ୍ରୀ ଦିପ୍ତୀ ମହାପାତ୍ର ଏବଂ ଯୋଗ ଉପଦେଷ୍ଟା ରସାନନ୍ଦ ସ୍ୱାଇଁ ସଂଧ୍ୟା ୬



ଘଟିକାରୁ ୭ ଘଟିକା ପର୍ଯ୍ୟନ୍ତ ଯୋଗଶିକ୍ଷା ଦେବା ସହ ଯୋଗର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟତଃ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସୁଶ୍ରୀ ସସ୍ମିତା ନାୟକ, ମଧୁସ୍ମିତା ମହାନ୍ତି, ସନାରାମ ମୁଣ୍ଡ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଗାଭ୍ୟାସ କରିଥିଲେ।

**ଢେଙ୍କାନାଳ:** ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସଦର ବ୍ଲକ୍ ଅନ୍ତର୍ଗତ ବାରଦା ଗ୍ରାମରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଅଛି। ଏଥିରେ ଯୋଗଗୁରୁ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ଯୋଗ ଉପଦେଷ୍ଟା ରସାନନ୍ଦ ସ୍ୱାଇଁ ଯୋଗଶିକ୍ଷା ଓ ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଏହି ଶିବିରରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ବାଳକ, ବାଳିକା ଯୋଗାଭ୍ୟାସ କରିଥିଲେ। ଗ୍ରାମର ସନ୍ତୋଷ ଖୁଣ୍ଟିଆ, ଦିଲୀପ ସ୍ୱାଇଁ, ସୀମାରାଣୀ ନାୟକ ଆଦି ସହଯୋଗ କରିଥିଲେ। ଏହାର ମୁଖ୍ୟ ଦାୟିତ୍ୱରେ ଥିଲେ ଚନ୍ଦ୍ରଶେଖର ବରାଳ।



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୪.୩୩ ● ପାଉଣ୍ଡ ୧୨୪.୪୫
- ୟୁରୋ ୧୦୮.୦୦ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୩,୯୦୦ (ଭୁବନେଶ୍ୱର)
- ରୁପା : ୨,୫୫,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୬,୮୦୨.୦୦
- ନିଫ୍ଟି ୨୪,୦୧୩.୦୦

### ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

# ଅର୍ଥନୀତିର ଗତି ରୋକିବ ଏଲ୍-ନିନୋ !

## କୃଷିଠାରୁ ମୁଦ୍ରାସ୍ଫୀତି ସବୁ କ୍ଷେତ୍ରରେ ପ୍ରଭାବ ଆଶଙ୍କା



ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ଭାରତ ବର୍ତ୍ତମାନ ପ୍ରାୟ ଏକ ଦଶନ୍ଧୀରୁ ଅଧିକ ସମୟ ମଧ୍ୟରେ ସବୁଠାରୁ କଷ୍ଟକର ମୌସୁମୀ ଋତୁର ସମ୍ମୁଖୀନ ହେଉଛି। ଦେଶବ୍ୟାପୀ ଭୟଙ୍କର ଗ୍ରୀଷ୍ମ ପ୍ରବାହ, କୃଷି, ବିଦ୍ୟୁତ୍ ଗ୍ରୀଡ୍ ଏବଂ ସାଧାରଣ ଲୋକଙ୍କ ଧୈର୍ଯ୍ୟର କଠୋର ପରୀକ୍ଷା କରିସାରିଛି। ଏବେ ପାଣିପାଗ ବିଭାଗ (ଆଇଏମ୍‌ଡି) ଏହି ଆଶଙ୍କାକୁ ନିଶ୍ଚିତ କରିଛି, ଯେଉଁଥିରେ ବଜାରକୁ ଆଶଙ୍କା ମଧ୍ୟରେ ରହିଛି। ଏଲ୍ ନିନୋ ପ୍ରଶାନ୍ତ ମହାସାଗରରେ ସକ୍ରିୟ ହେଉଛି, ଯାହା ଫଳରେ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ୱାଭାବିକଠାରୁ କମ୍ ମୌସୁମୀ ବର୍ଷା ହେବ ବୋଲି ଆଶା କରାଯାଉଛି। ଏହି ପରିସଂଖ୍ୟାନ ପ୍ରକୃତରେ ଚିନ୍ତାଜନକ। ଏଲ୍-ନିନୋ ଦେଶର ଅର୍ଥନୀତିକୁ କିଛି କ୍ଷତି ପହଞ୍ଚାଇବ, କିନ୍ତୁ ଏକ ଦଶନ୍ଧି ପୂର୍ବେ ଯେତିକି କ୍ଷତି କରିଥିଲା ସେତିକି ନୁହେଁ। କିନ୍ତୁ ଭୌଗୋଳିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଯଦି ଦେଶର ମୁଖ୍ୟ ଶସ୍ୟ ଉତ୍ପାଦନକାରୀ କ୍ଷେତ୍ର (ପଞ୍ଜାବ-ହରିଆଣା) ଜୁଲାଇ ଏବଂ ଅଗଷ୍ଟ ମାସର ମୁଖ୍ୟ ବିହନ ମାସରେ ମରୁଡ଼ି ଅନୁଭବ କରେ, ତେବେ ସମଗ୍ର କାହାଣୀ ପରିବର୍ତ୍ତନ ହୋଇପାରେ। ବର୍ତ୍ତମାନ ପାଇଁ,

### ପାଣିପାଗ ବିଭାଗର ସତର୍କବାଣୀ

ବିଶେଷଜ୍ଞମାନେ ସତର୍କ ଅଛନ୍ତି। ଆଗାମୀ ଚାରିରୁ ଛଅ ସପ୍ତାହ ମଧ୍ୟରେ ବର୍ଷା ତଥ୍ୟ ନିର୍ଣ୍ଣୟ କରିବ ଯେ ଏହି ଏଲ୍-ନିନୋ ଚଳିତ ବର୍ଷର ଅଭିବୃଦ୍ଧି ହାରରେ ଏକ ଛୋଟ ବାଧା ହେବ କି ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ପାଇଁ ଏକ ପ୍ରମୁଖ ଚ୍ୟାଲେଞ୍ଜ ହେବ। ହେଲେ ପାଣିପାଗ ବିଭାଗର ସତର୍କବାଣୀ ଅନୁଯାୟୀ, ଏଲ୍-ନିନୋ ଦେଶର ଅର୍ଥନୀତିର ଗତିକୁ ରୋକିବ। ଏହା କୃଷିଠାରୁ ଆରମ୍ଭ କରି ମୁଦ୍ରାସ୍ଫୀତି ପର୍ଯ୍ୟନ୍ତସବୁ କ୍ଷେତ୍ରରେ ପ୍ରଭାବ ପକାଇବା ଆଶଙ୍କା କରାଯାଉଛି।

ଆଇଏମ୍‌ଡି ଚଳିତ ଋତୁରେ ବର୍ଷା ଦୀର୍ଘକାଳୀନ ହାରାହାରିର ୯୦% ହେବ ବୋଲି ଆକଳନ କରିଛି। କେନ୍ଦ୍ର କୃଷି ମନ୍ତ୍ରଣାଳୟ ପ୍ରାୟ ଏକ ଡଜନ ରାଜ୍ୟକୁ ଚିହ୍ନଟ କରିଛି ,ଯେଉଁଗୁଡ଼ିକ ଏହି ସମସ୍ୟା ଦ୍ୱାରା ସର୍ବାଧିକ ପ୍ରଭାବିତ ହେବେ। ଏହା ଭାବିବା ସହଜ ହୋଇପାରେ ଯେ ଭାରତ ମୌସୁମୀ ଚିନ୍ତାରୁ ଆଗକୁ ବଢ଼ିଛି, କାରଣ ଜିଡିପିରେ କୃଷିର ଅଂଶ ପ୍ରାୟ ୧୪-୧୬% ହ୍ରାସ ପାଇଛି। କିନ୍ତୁ ପ୍ରକୃତ ବିରୋଧାଭାସ ଏଠାରେ ଅଛି। ଦେଶର ପ୍ରାୟ ଅଧା ଜନସଂଖ୍ୟା ଏବେ ବି ଏହି କ୍ଷେତ୍ର ଉପରେ ନିର୍ଭରଶୀଳ,ଯାହା ଜାତୀୟ ମୋଟ ଘରୋଇ ଉତ୍ପାଦ (ଜିଡିଏ) ର କେବଳ ଏକ ଷଷ୍ଠାଂଶ ଉତ୍ପାଦନ କରେ। ଏହି କାରଣରୁ ଏକ ଦୁର୍ବଳ ମୌସୁମୀ ଗ୍ରାମୀଣ ଆୟ ଏବଂ ଗ୍ରାହକ ଭାବନାକୁ ଜିଡିପି ସଂଖ୍ୟା ଅପେକ୍ଷା ବହୁତ ଅଧିକ କ୍ଷତି ପହଞ୍ଚାଏ। ଅଧିକନ୍ତୁ, ଖାଦ୍ୟ ସାମଗ୍ରୀ ଭାରତର ମୁଦ୍ରାସ୍ଫୀତି (ସିପିଆଇ) ର ପ୍ରାୟ ୩୭%। ତେଣୁ, ଶସ୍ୟ କିମ୍ବା ପନିପରିବାର ମୂଲ୍ୟରେ ସାମାନ୍ୟ ବୃଦ୍ଧି ଦେଶର ଖୁଚୁରା ମୁଦ୍ରାସ୍ଫୀତିକୁ ତୀବ୍ର ଭାବରେ ବୃଦ୍ଧି କରେ, ଏବଂ ବର୍ଷା ଏକ ପ୍ରମୁଖ ପରିବର୍ତ୍ତନ। ବିଶେଷଜ୍ଞଙ୍କ ଅନୁଯାୟୀ, ଏଥର ଏଲ୍ ନିନୋର ପ୍ରଭାବ ପୂର୍ବ ପରି ଗୁରୁତର ହେବ ନାହିଁ। ଅନେକ ସାଂରଚନିକ ପରିବର୍ତ୍ତନ ଦୁର୍ବଳ ମୌସୁମୀ ଏବଂ ଗ୍ରାମୀଣ ଅର୍ଥନୀତି ମଧ୍ୟରେ ସିଧାସଳଖ ସମ୍ପର୍କକୁ ଦୁର୍ବଳ କରିଛି। ୨୦୨୪-୨୫ ଆର୍ଥିକ ସର୍ଭେ ଅନୁଯାୟୀ, ଭାରତର ମୋଟ ଚାଷ ଜମିର ପ୍ରାୟ ୫୫% ଏବେ ଜଳସେଚନ ଅଧୀନରେ ଅଛି, ଯାହା ଏକ ଦଶନ୍ଧି ପୂର୍ବେ ମାତ୍ର ୪୯.୩% ଥିଲା। ଏହାର ଅର୍ଥ ହେଉଛି ଦେଶର ଅଧାରୁ ଅଧିକ କୃଷି ଏବେ କେବଳ ମୌସୁମୀ ଉପରେ ନିର୍ଭରଶୀଳ ନୁହେଁ।

### ରଣନୀତି ବଦଳାଇଲେ ଭାରତୀୟ ରିଫାଇନାରୀ

## ରୁଷରୁ ରେକର୍ଡ ତେଲ ଆମଦାନୀ, ୟୁଏଇରୁ ମଧ୍ୟ ପ୍ରବଳ କ୍ରୟ

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ଉପସାଗର ଦେଶଗୁଡ଼ିକରେ ଚାଲିଥିବା ଉତ୍ତେଜନା ଏବଂ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଯୋଗୁଁ ସୃଷ୍ଟି ହୋଇଥିବା ସଙ୍କଟ ମଧ୍ୟରେ, ଭାରତୀୟ ରିଫାଇନାରୀଗୁଡ଼ିକ ସେମାନଙ୍କର ରଣନୀତିରେ ଏକ ବଡ଼ ପରିବର୍ତ୍ତନ କରିଛନ୍ତି। ଉପସାଗର ଦେଶଗୁଡ଼ିକରୁ ତେଲ ଯୋଗାଣ ସମ୍ପୂର୍ଣ୍ଣ ପୁନଃଆରମ୍ଭ ହେବା ପୂର୍ବରୁ, ଭାରତୀୟ କମ୍ପାନୀଗୁଡ଼ିକ ଜୁନ୍ ମାସରେ ରୁଷରୁ ଅଶୋଧିତ ତେଲ ଆମଦାନୀକୁ ରେକର୍ଡ ସ୍ତରକୁ ବୃଦ୍ଧି କରିଛନ୍ତି। ଏହା ସହିତ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ତେଲ କ୍ରୟ ପାଖାପାଖି ରେକର୍ଡ ସ୍ତରକୁ ପହଞ୍ଚିଥିଲା। କମୋଡିଟି ଇଣ୍ଟେଲିଜେନ୍ସ ଫାର୍ମ କେପ୍‌ଲରର ତଥ୍ୟ ଅନୁଯାୟୀ, ଭାରତ ଜୁନ୍ ମାସରେ (ଜୁନ୍ ୧୯ ସୁଦ୍ଧା) ରୁଷରୁ ହାରାହାରି ୨.୬୬ ନିୟୁତ ବ୍ୟାରେଲ ପ୍ରତି ଦିନ (ବିପିଡି) ଅଶୋଧିତ ତେଲ ଆମଦାନୀ କରିଥିଲା। ଏହି ସଂଖ୍ୟା ମେ' ମାସରେ ୧.୯୧ ନିୟୁତ ବିପିଡିତୁଳନାରେ ଯଥେଷ୍ଟ ଅଧିକ। ଏହି ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ସହିତ, ରୁଷ ଭାରତୀୟ ବଜାରକୁ ସର୍ବବୃହତ ତେଲ ଯୋଗାଣକାରୀ ଭାବରେ ନିଜ ସ୍ଥିତିକୁ ଦୃଢ଼ ଭାବରେ ବଜାୟ ରଖିଛି। ଏହି ସମୟରେ, ଜୁନ୍ ମାସରେ ୟୁଏଇରୁ ମଧ୍ୟ ଭାରତର ତେଲ ଆମଦାନୀ ଦୈନିକ ୬୩୬,୦୦୦ ବ୍ୟାରେଲ୍ ରହିଥିଲା, ଯାହା ମେ' ମାସରେ ରେକର୍ଡ ୬୪୪,୦୦୦ ବ୍ୟାରେଲ୍ ଠାରୁ ସାମାନ୍ୟ କମ୍। ଭେନେଜୁଏଲାରୁ ଦୈନିକ ୨୦୯,୦୦୦ ବ୍ୟାରେଲ୍ ଆମଦାନୀ ସହିତ ଭାରତର ଏହା ଚତୁର୍ଥ ସର୍ବବୃହତ ଯୋଗାଣକାରୀ ଭାବରେ ଉଭା ହୋଇଥିଲା, ଯେତେବେଳେ କି ସାଉଦି ଆରବ ଦୈନିକ ୩୮୪,୦୦୦ ବ୍ୟାରେଲ୍ ସହିତ ତୃତୀୟ ସ୍ଥାନରେ ରହିଥିଲା। ବିପରୀତରେ, ଆମେରିକାରୁ ଆମଦାନୀ ମେ' ମାସରେ ଦୈନିକ ୨୫୨,୦୦୦ ବ୍ୟାରେଲ୍ ରୁ ତୀବ୍ର ଭାବରେ ହ୍ରାସ ପାଇ ଜୁନ୍ ମାସରେ ମାତ୍ର ୯୧,୦୦୦ ବ୍ୟାରେଲ୍‌କୁ ହ୍ରାସ ପାଇଛି।

# ଆୟକର ରିଟର୍ଣ୍ଣ ଦାଖଲ ଶେଷ ଅବଧି ଜୁଲାଇ ୩୧

## ଆୟ ୨.୫୦ ଲକ୍ଷରୁ ଅଧିକ ହେଲେ ଫାଇଲିଂ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆୟକର ରିଟର୍ଣ୍ଣ (ଆଇଟିଆର୍) ଫାଇଲିଂ ଆରମ୍ଭ ହୋଇଯାଇଛି। ସାଧାରଣ କରଦାତାଙ୍କ ପାଇଁ ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ଆସନ୍ତା ଜୁଲାଇ ୩୧ ଶେଷ ତାରିଖ ରହିଛି। ହେଲେ, କିଛି ବ୍ୟବସାୟ ଶ୍ରେଣୀର କରଦାତାଙ୍କ ପାଇଁ (ଆଇଟିଆର୍-୩ ଏବଂ ୪)ଶେଷ ଅବଧି ଅଗଷ୍ଟ ୩୧ ରଖାଯାଇଛି। ଯଦି କୌଣସି କରଦାତା ଜୁଲାଇ ୩୧ ସୁଦ୍ଧା ଆୟକର ରିଟର୍ଣ୍ଣ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ ଆପଣ ଜରିମାନା ଦେଇ ଡିସେମ୍ବର ୩୧ ସୁଦ୍ଧା ଏକ ବିଳମ୍ବିତ ରିଟର୍ଣ୍ଣ ଫାଇଲ କରିପାରିବେ। ଆଇଟିଆର୍ ହେଉଛି ଆପଣଙ୍କର ସମଗ୍ର ଆୟ, ନିବେଶ ଏବଂ ଆର୍ଥିକ କାରବାରର ସରକାରୀ ରେକର୍ଡ। ଆହୁରିମଧ୍ୟ ରିଟର୍ଣ୍ଣ ଦାଖଲ କରିବା ପରେ ତାହାର ଇ-ଯାଞ୍ଚ କରିବା ଉଚିତ୍। ଆଧାର ଓଟିପି, ନେଟ୍ ବ୍ୟାଙ୍କିଙ୍ଗ, ଡିମାଟ୍ ଆକାଉଣ୍ଟ କିମ୍ବା ଡିଜିଟାଲ୍ ସ୍ୱାକ୍ଷର ବ୍ୟବହାର କରି ଇ-ଯାଞ୍ଚ ଜରୁରୀ। ସମୟ ମଧ୍ୟରେ ଏହା ନ କଲେ ରିଟର୍ଣ୍ଣ ଅବୈଧ ହୋଇପାରେ।

### ଡିସେମ୍ବର ୩୧ ସୁଦ୍ଧା ବିଳମ୍ବିତ ରିଟର୍ଣ୍ଣ ଫାଇଲ

ଆୟକର ବିଭାଗ ବ୍ୟାଙ୍କ ଆକାଉଣ୍ଟ, ଟିଡିଏସ୍, ସେୟାର ଏବଂ ମ୍ୟୁଚୁଆଲ୍ ଫଣ୍ଡ, ସମ୍ପତ୍ତି ଏବଂ ବିଦେଶ ଯାତ୍ରା ବିଷୟରେ ସୂଚନା ସଂଗ୍ରହ କରିବା ପାଇଁ ଏଆଇ, ଡାଟା ଆନାଲିଟିକ୍ସ ଏବଂ ବିଭିନ୍ନ ପୋର୍ଟାଲ୍ ବ୍ୟବହାର କରୁଛି। ଆଇଟିଆର୍‌ରେ ପ୍ରଦାନ କରାଯାଇଥିବା ସୂଚନା ସହିତ ଏହାକୁ ତୁଳନା କରାଯାଏ। ପରିବର୍ତ୍ତନ ଆୟକର ନିୟମ ପରେ କେବଳ ଫର୍ମ ୧୬ ଉପରେ ନିର୍ଭର କରିବା ଠିକ୍ ହେବ ନାହିଁ। ଅନେକ ବେତନଭୋଗୀ ବ୍ୟକ୍ତି ବିଶ୍ୱାସ କରନ୍ତି ଯେ ଫର୍ମ -୧୬ ଯଥେଷ୍ଟ। ତଥାପି, ଫର୍ମ -୧୬ କେବଳ ଦରମା ଏବଂ ଏଥିରେ କଟାଯାଇଥିବା ଟିଡିଏସ୍ ବିଷୟରେ ସୂଚନା ପ୍ରଦାନ କରାଯାଏ। ଯଦି ଆପଣଙ୍କର ଏଫ୍‌ଡି, ଆର୍‌ଡି, ସଞ୍ଚୟ ଆକାଉଣ୍ଟ ସୁଧ, ଲାଭାଂଶ, ଭଡା, ଫ୍ରିଲାନ୍ସ ଆୟ, ସେୟାର କିମ୍ବା ମ୍ୟୁଚୁଆଲ୍ ଫଣ୍ଡ ଲାଭ କିମ୍ବା ବିଦେଶୀ ଆୟ ରହିଛି, ତେବେ ସେଗୁଡ଼ିକୁ ଆପଣଙ୍କ ଆଇଟିଆର୍‌ରେ ଅନ୍ତର୍ଭୁକ୍ତ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଆହୁରିମଧ୍ୟ କରଦାତାଙ୍କ ପାଇଁ ସଠିକ୍ ଆଇଟିଆର୍ ଫର୍ମ ବାଛିବା ଗୁରୁତ୍ୱପୂର୍ଣ୍ଣ। ଭୁଲ ଫର୍ମ ବାଛିବା ଏକ ତ୍ରୁଟିପୂର୍ଣ୍ଣ ରିଟର୍ଣ୍ଣ ହୋଇପାରେ, ଅର୍ଥାତ୍ ଆପଣ ଆଦୌ ରିଟର୍ଣ୍ଣ ଫାଇଲ୍ କରିନାହାଁନ୍ତି ବୋଲି ବିବେଚନା କରାଯିବ।

କରଦାତା ଆଇଟିଆର୍-୧ ଦରମା, ପେନସନ୍ ଏବଂ ସରଳ ସୁଧ ଆୟ ଥିବା ଲୋକଙ୍କ ପାଇଁ ରଖାଯାଇଥିବାବେଳେ ଆଇଟିଆର୍ -୨ ପୁଞ୍ଜି ଲାଭ, ଏକାଧିକ ଘର, ବିଦେଶୀ ସମ୍ପତ୍ତି କିମ୍ବା ଆୟ ଥିବା ଲୋକଙ୍କ ପାଇଁ ରହିଛି। ଆଇଟିଆର୍-୩ ବ୍ୟବସାୟ, ଫ୍ରିଲାନ୍ସିଂ କିମ୍ବା ବାଣିଜ୍ୟରେ ନିୟୋଜିତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଆଇଟିଆର୍-୪ ଛୋଟ ବ୍ୟବସାୟ ଏବଂ ବୃତ୍ତିଗତଙ୍କ ପାଇଁ ରଖାଯାଇଛି। ରିଟର୍ଣ୍ଣ ଦାଖଲ କରିବା ପୂର୍ବରୁ, ଫର୍ମ-୧୬ , ଫର୍ମ ୨୬ଏଏସ୍, ବାର୍ଷିକ ସୂଚନା ବିବରଣୀ (ଏଆଇଏସ୍) ଏବଂ କରଦାତା ସୂଚନା ସାରାଂଶ (ଟିଆଇଏସ୍) ତୁଳନା କରିବାକୁ ନିଶ୍ଚିତ କରନ୍ତୁ। ଯଦି ଏଥିରେ ଦର୍ଶାଯାଇଥିବା ଆୟ ରିଟର୍ଣ୍ଣ ଠାରୁ ଭିନ୍ନ ହୁଏ, ତେବେ ବିଭାଗ କରଦାତାଙ୍କଠାରୁ ସ୍ପଷ୍ଟୀକରଣ ମାଗିପାରେ। ଯଦି ଭୁଲ ସୂଚନା ମିଳିଥାଏ ତେବେ ଏ କ୍ଷେତ୍ରରେ ସଂଶୋଧନ ପାଇଁ ପୋର୍ଟାଲରେ ଅଭିଯୋଗ ଦାଖଲ କରାଯାଇପାରିବ। ଚାକିରି ପରିବର୍ତ୍ତନ କରିବା ସମୟରେ ଉଭୟ କମ୍ପାନୀରୁ ଦରମା ଯୋଡିବା ଜରୁରୀ। ଯଦି ଏକ ଆର୍ଥିକ ବର୍ଷ ମଧ୍ୟରେ ଚାକିରି ପରିବର୍ତ୍ତନ କହୋଇଥାଏ,ତେବେ ପୁରୁଣା ଏବଂ ନୂତନ ନିଯୁକ୍ତିଦାତାଙ୍କଠାରୁ ପ୍ରାପ୍ତ ଦରମା ଏଥିରେ ଯୋଡାହେବା ଉଚିତ୍।

### ଭାରତ-ଇୟୁ ଏଫ୍‌ଟିଏର ପ୍ରଭାବ

## ୨୭ଟି ୟୁରୋପୀୟ ଦେଶକୁ ଭାରତୀୟ ରପ୍ତାନିର ୯୩% ଟିକସମୁକ୍ତ

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ଭାରତ ଏବଂ ୟୁରୋପୀୟ ସଂଘ(ଇୟୁ) ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ସେମାନଙ୍କର ବହୁ ପ୍ରତୀକ୍ଷିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ସ୍ୱାକ୍ଷର କରିବାକୁ ଯାଉଛନ୍ତି। ଏହି ଚୁକ୍ତି ୨୦୨୭ ଫେବୃଆରୀ ଏବଂ ମାର୍ଚ୍ଚ ମଧ୍ୟରେ କାର୍ଯ୍ୟକାରୀ ହେବାର ଆଶା କରାଯାଉଛି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ରବିବାର ଏହା ଘୋଷଣା କରିଛନ୍ତି। ମୁମ୍ବାଇରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କୁ ସମ୍ବୋଧିତ କରି ଗୋୟଲ କହିଛନ୍ତି ଯେ ଏହି ଚୁକ୍ତି ଭାରତୀୟ ରପ୍ତାନିକାରୀଙ୍କୁ ୟୁରୋପୀୟ ବଜାରରେ ଉତ୍ତମ ପ୍ରବେଶ ପ୍ରଦାନ କରିବ। ପ୍ରସ୍ତାବିତ ଚୁକ୍ତି ୨୭ଟି ୟୁରୋପୀୟ ଦେଶକୁ ଭାରତୀୟ ରପ୍ତାନିର ୯୩% ଟିକସମୁକ୍ତ କରିବ।

ଗୋୟଲ କହିଛନ୍ତି, ପ୍ରାୟ ସମଗ୍ର ୟୁରୋପୀୟ ବଜାର ଏବେ ଆମ ପାଇଁ ଖୋଲା ରହିବ, ପ୍ରାୟ ଶୂନ୍ୟ ଶୁଳ୍କ ସହିତ। ଡିସେମ୍ବର ସୁଦ୍ଧାଇୟୁ ସହିତ ଏଫ୍‌ଟିଏ ସ୍ୱାକ୍ଷରିତ ହେବ। ଏହା ଫେବୃଆରୀ-ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକାରୀ ହେବ। ସେ ଏହା ମଧ୍ୟ କହିଛନ୍ତି ଯେ ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମସନ ଗ୍ରୀୟର ପ୍ରସ୍ତାବିତ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା କରିବା ପାଇଁ ଏହି ସପ୍ତାହରେ ଭାରତ ଗସ୍ତ କରିବେ। ପ୍ରସ୍ତାବିତ ଭାରତ-ୟୁରୋପୀୟ ସଂଘ ଏଫ୍‌ଟିଏ ୨୭-ସଦସ୍ୟ ବିଶିଷ୍ଟ ୟୁରୋପୀୟ ଗୋଷ୍ଠୀକୁ ପ୍ରାୟ ୯୩ ପ୍ରତିଶତ ଭାରତୀୟ ରପ୍ତାନିକୁ ଶୁଳ୍କମୁକ୍ତ ପ୍ରବେଶ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଏହା ପରେ, ୟୁରୋପରୁ ଆମଦାନୀ ସାମଗ୍ରୀ, ଯେପରିକି ବିଳାସପୂର୍ଣ୍ଣ କାର ଏବଂ ମଦ, ଶସ୍ତା ହେବ ବୋଲି ଆଶା କରାଯାଉଛି। ଭାରତ ଏବଂ ୟୁରୋପୀୟ ସଂଘ ମିଳିତ ଭାବରେ ବିଶ୍ୱ ଜିଡିପିର ପ୍ରାୟ ୨୫ ପ୍ରତିଶତ ଏବଂ ବିଶ୍ୱ ବାଣିଜ୍ୟର ପ୍ରାୟ ଏକ ତୃତୀୟାଂଶ ଅଂଶୀଦାର। ଏହା ଏହି ଚୁକ୍ତିକୁ ନୂଆଦିଲ୍ଲୀ ଦ୍ୱାରା ଆଲୋଚନା କରାଯାଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଚୁକ୍ତି ମଧ୍ୟରୁ ଗୋଟିଏ କରିଥାଏ। ଉଭୟ ପକ୍ଷ ଚଳିତ ବର୍ଷ ଜାନୁଆରୀ ୨୭ ତାରିଖରେ ଚୁକ୍ତି ପାଇଁ ଆଲୋଚନା ସମାପ୍ତ କରିବାର ଘୋଷଣା କରିଥିଲେ, ଅଧିକାରୀମାନେ ଏହାକୁ "ସମସ୍ତ ଚୁକ୍ତିର ଜନକ" ବୋଲି କହିଥିଲେ। ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ ଏବଂ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟାଙ୍କ ସହିତ ସାକ୍ଷାତ କରିବାର କିଛି ଦିନ ପରେ ଚୁକ୍ତି କାର୍ଯ୍ୟକାରୀତାର ଏହି ସମୟସୀମା ଆସିଛି।

## ୬୨.୪୨ କୋଟିର ବ୍ୟାଙ୍କ ଠକେଇ

ମୁମ୍ବାଇ,୨୧।୬(ଏଜେନ୍ସି): ମହାରାଷ୍ଟ୍ରରେ ଏକ ବଡ଼ ବ୍ୟାଙ୍କ ଠକେଇ ମାମଲା ସାମ୍ନାକୁ ଆସିଛି। ସେଠାରେ ସେଠାରେ ସିବିଆଇ ମୁମ୍ବାଇର ଏକ ଫାର୍ମ ଏବଂ ଏହାର ଅଂଶୀଦାରଙ୍କ ବିରୁଦ୍ଧରେ ୬୨.୪୨ କୋଟି ଟଙ୍କାର ଠକେଇ ପାଇଁ ମାମଲା ରୁଜୁ କରିଛି। ଅଭିଯୋଗ ହେଉଛି ଯେ ସେମାନେ ମିଥ୍ୟା ଆର୍ଥିକ ସୂଚନା ପ୍ରଦାନ କରି ବ୍ୟାଙ୍କଗୁଡ଼ିକରୁ ଅତ୍ୟଧିକ ଋଣ ହାସଲ କରିଥିଲେ ଏବଂ କିଛି ଅଜ୍ଞାତ ସରକାରୀ ଅଧିକାରୀଙ୍କ ଭୂମିକା ମଧ୍ୟ ସନ୍ଦେହ କରାଯାଉଛି। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସିବିଆଇ ବିଭିନ୍ନ ସ୍ଥାନରେ ଚଢାଉ କରିଛି ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଉଦ୍ଧାର କରିଛି।ସିବିଆଇ ମୁମ୍ବାଇର ଇଣ୍ଡିଆନ୍ ବ୍ୟାଙ୍କର ସାମ୍ ଶାଖାରୁ ଏକ ଅଭିଯୋଗ ଆଧାରରେ ୧୮ ଜୁନ୍‌ରେ ଏହି ମାମଲା ପଞ୍ଜିକୃତ କରିଥିଲା। ଅଭିଯୋଗରେ ମୁମ୍ବାଇର ଏକ ଫାର୍ମ, ଏହାର ଅଂଶୀଦାର, ଅଜ୍ଞାତ ସରକାରୀ ଅଧିକାରୀ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆସିଛି। ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତମାନେ ଋଣ ପାଇବା ପାଇଁ ବ୍ୟାଙ୍କଗୁଡ଼ିକୁ ମିଥ୍ୟା ଏବଂ ଅତିରଞ୍ଜିତ ଆର୍ଥିକ ସୂଚନା ପ୍ରଦାନ କରିଥିଲେ।

### ପୂର୍ବରୁ ଆର୍‌ବିଆଇ ଦେଇସାରିଛି ମାନ୍ଦାବସ୍ଥାର ଆଭାସ

## ବିଶ୍ୱ ଉତ୍ତେଜନାରେ ଆର୍ଥିକ ପରିସ୍ଥିତିର ସମୀକ୍ଷା କରିବ ଷ୍ଟାଣ୍ଡିଂ କମିଟି

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଭାରତର ଅର୍ଥନୈତିକ ପରିସ୍ଥିତି ଅଧ୍ୟୟନ କରିବା ପାଇଁ ଏକ ସଂସଦୀୟ କମିଟି ଗଠନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଯଦିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ ) ପୂର୍ବରୁ ଭାରତୀୟ ଅର୍ଥନୀତିରେ ମନ୍ଥରତା ସମ୍ପର୍କରେ ପୂର୍ବାନୁମାନ କରିସାରିଛି। ତଥାପି ଏହି ସ୍ଥାୟୀ କମିଟି ଆର୍ଥିକ ପରିସ୍ଥିତିର ସମୀକ୍ଷା କରିବ। ଅର୍ଥ ସମ୍ପର୍କୀତ ସଂସଦୀୟ ସ୍ଥାୟୀ କମିଟି ଦେଶର ପରିବର୍ତ୍ତିତ ଅର୍ଥନୈତିକ ପରିସ୍ଥିତିକୁ ନିକଟରୁ ଅନୁଧ୍ୟାନ କରିବ। ଲୋକସଭା ବୁଲେଟିନ୍ ଅନୁଯାୟୀ, କମିଟି ୨୦୨୫-୨୬ ବର୍ଷ ପାଇଁ ଏହାର ସ୍ୱତନ୍ତ୍ର ଅଧ୍ୟୟନ ପାଇଁ ଦେଶରେ ବିକଶିତ ଅର୍ଥନୈତିକ ଅବସ୍ଥାକୁ ଏକ ଅତିରିକ୍ତ ବିଷୟ ଭାବରେ ଚୟନ କରିଛି। ସଂସଦୀୟ କମିଟିଗୁଡ଼ିକ ସାଧାରଣତଃ ସେମାନଙ୍କର ଗଠନ ପରେ ତୁରନ୍ତ ବିଷୟ ଚୟନ କରନ୍ତି, କିନ୍ତୁ ପରିବର୍ତ୍ତିତ ପରିସ୍ଥିତି ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ବିଷୟ ଯୋଡିବାର ସେମାନଙ୍କର ସମ୍ପୂର୍ଣ୍ଣ ସ୍ୱାଧୀନତା ଅଛି। ଏହି କମିଟିର ଅଧ୍ୟୟନକୁ ଏପରି ସମୟରେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ଯେତେବେଳେ ଭାରତ ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା ଏବଂ ଅସ୍ଥିର ସାମଗ୍ରୀ ମୂଲ୍ୟର ସମ୍ମୁଖୀନ ହେଉଛି।

### ଆମାଜନ ପ୍ରତିଷ୍ଠାତାଙ୍କ ବଡ଼ ଦାବି

## ଏଆଇ ଯୋଗୁଁ ବେକାରି ବଢ଼ିବନି; ଶ୍ରମିକଙ୍କ ଅଭାବ ଦେଖାଦେବ

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କୁ ନେଇ ବିଭିନ୍ନ ବିଶେଷଜ୍ଞ ଭିନ୍ନ ଭିନ୍ନ ମତ ଦେଉଥିବାବେଳେ ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଏକ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାକିରି ଶେଷ କରିବା ପରିବର୍ତ୍ତେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ପ୍ରଯୁକ୍ତିବିଦ୍ୟା ଅଭିନବତ୍ୱର (ଟେକ୍ନୋଲୋଜି ଇନୋଭେସନ)କୁ ଦ୍ରୁତ ଗତିରେ ଆଗକୁ ବଢ଼ାଇବ। ଭବିଷ୍ୟତରେ ସ୍ଥିତି ଏମିତି ହେବ ଯେ ବେକାରୀ ବଦଳରେ ବଜାରରେ ଶ୍ରମିକଙ୍କ ଅଭାବ ସୃଷ୍ଟି ହେବ। ତେବେ ଏହି ଏଆଇକୁ ନେଇ ସେ ଏକ ବଡ଼ ଚିନ୍ତା ବ୍ୟକ୍ତ କରିଛନ୍ତି। ଭବିଷ୍ୟତରେ ପାଣିର ଅଭାବ ଏଆଇର ଅଗ୍ରଗତିକୁ ମନ୍ଥର କରିପାରେ ବୋଲି ସେ ସତର୍କ କରାଇଛନ୍ତି।

### ପାଣିର ଅଭାବ ଏଆଇର ଅଗ୍ରଗତିକୁ ମନ୍ଥର କରିପାରେ

ପ୍ୟାରିସରେ ଆୟୋଜିତ 'ଭିଭାଟେକ୍ ୨୦୨୬' କନଫରେନ୍ସରେ ଜେଫ୍ ବେଜୋସ୍ ଏଆଇ ଏବଂ ନିଯୁକ୍ତିକୁ ନେଇ ଚାଲିଥିବା ବିଶ୍ୱସ୍ତରୀୟ ଚର୍ଚ୍ଚାରେ ନିଜର ମତ ରଖିଛନ୍ତି। ସେ କହିଛନ୍ତି ଯେ,ଏଆଇ ଜଟିଳ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ଏବଂ ସମାଧାନ କରିବାର ପ୍ରକ୍ରିୟାକୁ ସହଜ କରି ମାନବୀୟ ସୃଜନଶୀଳତାର ପରିସରକୁ ବୃଦ୍ଧି କରିବ। ଏହି ଆଲୋଚନାରେ ବ୍ଲୁ ଅରିଜିନର ଚିଫ୍ ଏକଜିକ୍ୟୁଟିଭ୍ ଦେବ ଲିମ୍ପ ମଧ୍ୟ ଅଂଶଗ୍ରହଣ କରିଥିଲେ। ସେ ମଧ୍ୟ ଏନେଇ ତାଙ୍କ ମତ ରଖିଥିଲେ। ବେଜୋସ୍ ତାଙ୍କର ନୂଆ ଏଆଇ ଷ୍ଟାର୍ଟଅପ୍ 'ପ୍ରୋମିଥିଅସ୍' ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ଏହାର ଉଦ୍ଦେଶ୍ୟ ହେଉଛି ଏକ 'ଆର୍ଟିଫିସିଆଲ ଜେନେରାଲ ଇଞ୍ଜିନିୟର' ପ୍ରସ୍ତୁତ କରିବା। ତାଙ୍କର ଆଶା ଯେ ଏହି ଟେକ୍ନଲୋଜୀ ଇନୋଭେସନର ଗତିକୁ ତ୍ୱରାନ୍ୱିତ କରିବ ଏବଂ ଯାହା, କଳ୍ପନା କରାଯାଉ ନଥିଲା, ତାହା ଉପରେ ହିଁ କାମ ସମ୍ଭବ ହୋଇପାରିବ। ବେଜୋସି କହିଛନ୍ତି, ଯଦି ଆମେ 'ଡ୍ରିମ୍-ବିଲ୍ଡ ଲୁପ୍' (ଚିନ୍ତା କରିବା ଏବଂ ନିର୍ମାଣ କରିବାର ଚକ୍ର) କୁ ବଢ଼ାଇପାରିବା, ତେବେ ସମସ୍ତ ବିଚାର ସମ୍ଭବ ହେବ। ସେତେବେଳେ ଆମେ କେବଳ ଆମର କ୍ଷମତା ଦ୍ୱାରା ନୁହେଁ, ବରଂ ଆମର କଳ୍ପନା ଦ୍ୱାରା ସୀମିତ ରହିବୁ ବୋଲି ସେ କହିଛନ୍ତି।

# ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଲା ବିଶ୍ୱ; କିନ୍ତୁ...

## ତୈଳ ମୂଲ୍ୟ ଯୁଦ୍ଧ ପୂର୍ବ ସ୍ତରକୁ ଆଣିବା, ଉଚ୍ଚ ମୁଦ୍ରାସ୍ଫୀତିକୁ ଏଡ଼ାଇବା ପାଇଁ ଟ୍ରମ୍ପ୍ କରିଥିଲେ ଯୁଦ୍ଧ

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ଆମେରିକା-ଇରାନ ଯୁଦ୍ଧ ଯୋଗୁଁ ସାରା ବିଶ୍ୱରେ ଇନ୍ଧନ ମୂଲ୍ୟ ବୃଦ୍ଧି ପାଇଲା। ଏହାର ପ୍ରଭାବ କେବଳ ଇନ୍ଧନ ଉପରେ ନୁହେଁ, ବରଂ ସାର ସମେତ ଅନ୍ୟାନ୍ୟ ଅନେକ ସାମଗ୍ରୀ ଉପରେ ମଧ୍ୟ ପଡ଼ିଲା। ତଥାପି, ଯୁଦ୍ଧର ପ୍ରଭାବ ବିଶ୍ୱବାସୀ କରିଥିବା ଆଶଙ୍କା ପରି ଗୁରୁତର ନ ଥିଲା। ଶେଷରେ ଅନେକ ପ୍ରୟାସ ପରେ ଏହି ଭୟଙ୍କର ସଙ୍କଟ ଟଳିଗଲା। ବଜାର ବିଶେଷଜ୍ଞଙ୍କ ମତରେ ମଧ୍ୟ ପ୍ରାଚ୍ୟରେ ସୃଷ୍ଟ ଏଭଳି ପରିସ୍ଥିତିରେ ଭାରତକୁ ଟ୍ରମ୍ପଙ୍କ ନିଷ୍ପତ୍ତି ଏବଂ ଚୀନର ମାନ୍ଦାବସ୍ଥା ବଞ୍ଚାଇଦେଇଛି।

ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫେବୃଆରୀ ଶେଷ ଭାଗରେ ଇରାନ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିଥିଲେ, ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଏକ ସମ୍ଭାବ୍ୟ ସର୍ବନାଶ ବିଷୟରେ ଚେତାବନୀ ଦେଇଥିଲେ। ଶକ୍ତି କ୍ଷେତ୍ରର ବିଶେଷଜ୍ଞମାନେ ଅଶୋଧିତ ତେଲ (ପେଟ୍ରୋଲ, ବିମାନ ଇନ୍ଧନ ଏବଂ ଡିଜେଲ) ର ଗୁରୁତର ଅଭାବ ପୂର୍ବାନୁମାନ କରିଥିଲେ, କାରଣ ଉପସାଗରୀୟ ଦେଶଗୁଡ଼ିକ ବିଶ୍ୱ ରପ୍ତାନିର ୨୦% ଅଂଶୀଦାର ଥିଲେ। ଖାଦ୍ୟ ବିଶେଷଜ୍ଞମାନେ ଏକ ବଡ଼ ଖାଦ୍ୟ ସଙ୍କଟର ପୂର୍ବାନୁମାନ କରିଥିଲେ, କାରଣ ୟୁରିଆ ମୂଲ୍ୟ ପ୍ରତି ଟନ୍ ୪୫୦ ଡଲାରରୁ ପ୍ରତି ଟନ୍ ୯୦୦ ଡଲାରକୁ ଦ୍ୱିଗୁଣିତ ହୋଇଥିଲା। ଏହା ବିଶ୍ୱରେ ଖାଦ୍ୟଭାବ ଏବଂ ସାମଗ୍ରୀର ଉଚ୍ଚ ମୂଲ୍ୟ ବିପଦ ଡାକିଆଣିଥିଲା। ଶିଳ୍ପ ବିଶେଷଜ୍ଞମାନେ ଆଲୁମିନିୟମ, ପେଟ୍ରୋକେମିକାଲ୍ସ, ହିଲିୟମ ଏବଂ ପ୍ଲାଷ୍ଟିକର ବିଶ୍ୱ ରପ୍ତାନିରେ ଉପସାଗରୀୟ ଦେଶଗୁଡ଼ିକର ବଡ଼ ଅଂଶ ଉପରେ ଆଲୋକପାତ କରିଥିଲେ, ଯାହା ଉପସାଗରୀୟ ପରିବହନ ଅବରୋଧ ଯୋଗୁଁ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଥିଲା।




ଯଦି ଯୁଦ୍ଧ ଜାରି ରହେ ତେବେ ବିଶ୍ୱ ମାନ୍ଦାବସ୍ଥା ହେବ ବୋଲି ଅର୍ଥନୀତିଜ୍ଞମାନେ ପୂର୍ବାନୁମାନ କରିଥିଲେ। ଅର୍ଥନୀତି ମନ୍ଥର ହେବା ସହିତ, ସାରା ବିଶ୍ୱରେ ସରକାରମାନେ ଟିକସ ରାଜସ୍ୱ ହ୍ରାସ ଦ୍ୱାରା ପ୍ରଭାବିତ ହେବେ। ଆର୍ଥିକ ନିଅଣ୍ଟ ବୃଦ୍ଧି ପାଇବ ଏବଂ ସୁଧ ହାର ବୃଦ୍ଧି ପାଇବ। ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇବ, ମୁଦ୍ରାର ବିନିମୟ ମୂଲ୍ୟ ଦୁର୍ବଳ ହେବା ସହ ଗରିବ ଦେଶଗୁଡ଼ିକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ। ଏକ ବଡ଼ ବିପର୍ଯ୍ୟୟର ଆଶଙ୍କା ଦେଖାଦେଇଥିଲା, କିନ୍ତୁ କିଛି ଘଟିଲା ନାହିଁ। ବିଶ୍ୱ ଅର୍ଥନୀତି ବଞ୍ଚି ରହିଲା, ଯଦିଓ ପ୍ରାରମ୍ଭିକ ଆକଳନ ୬ ସପ୍ତାହ ତୁଳନାରେ ଯୁଦ୍ଧ ସାଢ଼େ ତିନି ମାସ ଧରି ଚାଲିଥିଲା। ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି, କିନ୍ତୁ ଏହାର କାର୍ଯ୍ୟାନ୍ୱୟନ ଏବେ ସମସ୍ୟାରେ। ହେଲେ ଏକ ଛୋଟ ମାତ୍ରାରର ଶତ୍ରୁତା ପୁନର୍ବାର ଦେଖାଦେଇପାରେ, କିନ୍ତୁ ବର୍ତ୍ତମାନ କେହି ଆଉ ସେଭଳି ଏକ ବିପର୍ଯ୍ୟୟକୁ ଭୟ କରୁନାହାଁନ୍ତି।

ହେଲେ ଠିକ୍ ଏହି ସମୟରେ ଚୀନ୍‌ର ମନ୍ଥର ଅର୍ଥନୀତିରୁ ବିଶ୍ୱ ଅର୍ଥନୀତିକୁ ଅପ୍ରତ୍ୟାଶିତ ସମର୍ଥନ ମିଳିଛି। ୨୦୨୬ର ପ୍ରଥମ ତ୍ରୈମାସିକରେ ଚୀନ୍ ଏକ ସୁସ୍ଥ ୫% ଅଭିବୃଦ୍ଧି ହାସଲ କରିଥିବା ଦାବି କରୁଛି। କିନ୍ତୁ ଏହାର ଖୁଚୁରା ବିକ୍ରି ଏକ ଭିନ୍ନ କାହାଣୀ ଦର୍ଶାଉଛି, ଯେଉଁଥିରେ ଏପ୍ରିଲ୍‌ରେ ୦.୨% ରୁ ଅଧିକ ଅଭିବୃଦ୍ଧି ଘଟିନାହିଁ। ବାସ୍ତବରେ ମେ' ମାସରେ ଏଥିରେ ୦.୬% ହ୍ରାସ ଘଟିଛି। ଚୀନ୍‌ର ତେଲ ବ୍ୟବହାର ଚଳିତ ବର୍ଷ ୪.୯% ହ୍ରାସ ପାଇବା ନେଇ ଆକଳନ କରାଯାଉଛି, ଯାହା ଏହାର ମନ୍ଥର ଅର୍ଥନୀତିକୁ ପ୍ରତିଫଳିତ କରୁଛି। ତୈଳ ମୂଲ୍ୟକୁ ଯୁଦ୍ଧର ପୂର୍ବ ସ୍ତରକୁ ଫେରାଇ ଆଣିବା ଏବଂ ନିଜ ଦେଶରେ ମୁଦ୍ରାସ୍ଫୀତିକୁ ଏଡାଇବା ପାଇଁ ଟ୍ରମ୍ପଙ୍କ ଲାଗି ଏକ ଶୀଘ୍ର ଯୁଦ୍ଧ ଆବଶ୍ୟକ ଥିଲା, ଯାହା ନଭେମ୍ବରରେ ଆମେରିକା କଂଗ୍ରେସ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ତାଙ୍କ ଦଳ ପାଇଁ ଏକ କଠୋର ପରାଜୟ ଆଣିଥାନ୍ତା। ତେଣୁ, ସେ ଇରାନକୁ ଆଶ୍ଚର୍ଯ୍ୟଜନକ ଭାବରେ ଅନୁକୂଳ ସର୍ତ୍ତାବଳୀ ପ୍ରଦାନ କରି ଯୁଦ୍ଧରୁ ବାହାରି ଆସିବାକୁ ବାଛିଲେ। ଲେବାନନ୍‌ରେ ଟ୍ରମ୍ପ୍ ତାଙ୍କ ଯୁଦ୍ଧ ସମାପ୍ତ କରିବାକୁ କହିଥିବାରୁ ନେତାନ୍ୟାହୁ କ୍ରୋଧିତ। ଟ୍ରମ୍ପ୍ କ'ଣ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ପରାଜୟ ଏଡାଇପାରିବେ। ଏହା କହିବା ବହୁତ ଶୀଘ୍ର ହେବ। ମେ' ମାସରେ ଦେଶର ମୁଦ୍ରାସ୍ଫୀତି ହାର ସ୍ଥିର ଭାବରେ ୪.୨%କୁ ବୃଦ୍ଧି ପାଇଛି, ଯାହା ୨%ର ଲକ୍ଷ୍ୟଠାରୁ ଦୁଇଗୁଣ ଅଧିକ। ଅନେକ ସାମଗ୍ରୀର ଯୋଗାଣ ଶୃଙ୍ଖଳରେ ବାଧା, କିଛି ସମୟ ପାଇଁ ମୂଲ୍ୟକୁ ଉଚ୍ଚ ରଖିବ, ତେଣୁ ମୁଦ୍ରାସ୍ଫୀତି ଆମେରିକୀୟ ଭୋଟରଙ୍କ ପାଇଁ ଏକ ଆରାମଦାୟକ ସ୍ତରକୁ ଖସି ନ ପାରେ। ତେଣୁ ଟ୍ରମ୍ପ୍ ଏବେ ବି ଏକ ଚରମ ପରାଜୟର ସମ୍ମୁଖୀନ ହୋଇପାରନ୍ତି, ଯାହା ତାଙ୍କ ରାଜନୈତିକ କ୍ଷତାକୁ ସଙ୍କୁଚିତ କରିଦେବ।

ଅପରପକ୍ଷେ ଏହି ସମୟରେ ଭାରତ ତୀବ୍ର ମୂଲ୍ୟ ବୃଦ୍ଧିକୁ ରୋକିବାରେ ଲାଗିଛି। ଭାରତ ଯୁଦ୍ଧ ପ୍ରତି ନିଜର ଆଭିମୁଖ୍ୟରେ ନିଜକୁ ସଠିକ୍ ପ୍ରମାଣିତ କରିଛି।

## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ଅର୍ଥ ସଞ୍ଚୟ ଯୋଜନା କରିବେ।

## ଆଜିର ଇତିହାସ

- ୧୯୦୬- ସ୍ୱିଡେନ୍ ରାଷ୍ଟ୍ରୀୟ ଧ୍ୱଜାକୁ ଆପଣାଇଲା।
- ୧୯୧୧- କିଙ୍ଗ୍ ଜର୍ଜ ପଞ୍ଚମ ଇଂଲଣ୍ଡର ରାଜା ହେଲେ।
- ୧୯୩୯- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଫରୱାର୍ଡ ବ୍ଲକ୍‌ର ସ୍ଥାପନା କଲେ।
- ୧୯୪୧- ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀ ସୋଭିଏତ୍ ରୁଷ୍ ଉପରେ ଆକ୍ରମଣ କଲା।
- ୨୦୦୨: ଇରାନ୍‌ରେ ଭୟଙ୍କର ଭୂମିକମ୍ପରେ ୫୦୦ ଜଣଙ୍କ ମୃତ୍ୟୁ।



# କାଳ ହେଲା ଆଖି ସର୍ଜରୀ

ଅନେକ ଯୁବକ, ଯୁବତୀ ସୁନ୍ଦର ଦିଶିବା ପାଇଁ ବିଭିନ୍ନ ପ୍ରକାରର କସ୍ମେଟିକ୍ ସର୍ଜରୀର ସାହାରା ନେଉଛନ୍ତି। ତେବେ ଏହା କେତେ ଭୟଙ୍କର ହୋଇପାରେ, ତାହା ଚୀନ୍‌ର ଏକ ଘଟଣା ପ୍ରମାଣିତ କରିଛି। ସୁଜୋଓ ସହରରେ ରହୁଥିବା ୱାଙ୍ଗ୍ ନାମ୍ନୀ ମହିଳା ହରିଣ ଭଳି ସୁନ୍ଦର ଓ ଆକର୍ଷଣୀୟ ଆଖି ଚାହୁଁଥିଲେ। ଏ ଲାଗି ସେ ୨୦୨୦ ମସିହା ଜୁନ୍ ମାସରେ ମାକ୍ସି କସମେଟିକ୍ ସର୍ଜରୀ କ୍ଲିନିକ୍‌ରେ ଡବଲ ଆଇଲିଡ୍ ସର୍ଜରୀ କରାଇଥିଲେ। ଏପରିକି ୱାଙ୍ଗ୍ ସର୍ଜରୀ ପାଇଁ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ତେବେ ଏହି ସର୍ଜରୀ ହିଁ ଥିଲା ତାଙ୍କ ଜୀବନର ସବୁଠୁ ଭୁଲ୍ ନିଷ୍ପତ୍ତି। ସର୍ଜରୀ ସନ୍ଧ୍ୟା ଦିନ ହିଁ ତାଙ୍କର ଅସହ୍ୟ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ତାଙ୍କ ଆଖି ପତା ଭିତରକୁ ପଶିଗଲା ଏବଂ ତରଳ ପଦାର୍ଥ ଆଖିରେ ଭର୍ତ୍ତି ହେଲା। ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ବଡ଼ ହସ୍‌ପିଟାଲ ଯିବାକୁ ପଡ଼ିଲା। ତାଙ୍କର ଲାକ୍ରିମାଲ ଗ୍ରନ୍ଥି (ଲୁହ ସୃଷ୍ଟିକାରୀ ଗ୍ରନ୍ଥି) କ୍ଷତିଗ୍ରସ୍ତ ହେବା ସହ ଆଖି ପତା ଅସ୍ତ୍ରୋପଚାର ମଧ୍ୟ ଭୁଲ ଭାବେ କରାଯାଇଥିବା ଡାକ୍ତର କହିଲେ। ତେବେ କିଛି ଦିନରେ ଏହା ଠିକ୍ ହୋଇଯିବ ବୋଲି ସର୍ଜରୀ କରାଇଥିବା କ୍ଲିନିକ୍ ପକ୍ଷରୁ ୱାଙ୍ଗ୍‌ଙ୍କୁ ଆଶ୍ୱାସନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେହି କ୍ଲିନିକ୍ ୱାଙ୍ଗ୍‌ଙ୍କ ଫୋନ୍ ଆଉ ଉଠାଇ ନ ଥିଲେ। ଅନ୍ୟପଟେ ଭୁଲ୍ ଉପାୟରେ ସର୍ଜରୀ କରାଯାଇଥିବାରୁ ପୁଣି ଥରେ ସର୍ଜରୀ କରିବା ଲାଗି ଡାକ୍ତର ୱାଙ୍ଗ୍‌ଙ୍କୁ ପରାମର୍ଶ ଦେଲେ। ସେହିପରି ଦ୍ୱିତୀୟଥର ସର୍ଜରୀ କରିବା ପରେ ତାହା ପୂରାପୂରି ଠିକ୍ ହେଲା ନାହିଁ। ଏବେ ଛଅ ବର୍ଷ ପରେ ବି ସେ ଆଖି ସମ୍ପୂର୍ଣ୍ଣ ବନ୍ଦ କରିପାରୁ ନାହାନ୍ତି। ଶୋଇବା ବେଳେ ତାଙ୍କ ଆଖି ଖୋଲା ରହୁଛି ଏବଂ ଲଗାତାର ଆଖିରୁ ଲୁହ ବହୁଛି। ଏହା ଯୋଗୁଁ ଆଖିରେ ପୋଡ଼ାଜଳା ଏବଂ ସଂକ୍ରମଣ ଲାଗି ରହୁଛି। ସେହିପରି ୱାଙ୍ଗ୍ ଏବେ କ୍ଲିନିକ୍ ବିରୋଧରେ କୋର୍ଟରେ ମାମଲା ଲଢ଼ୁଛନ୍ତି। ଏହାବାଦ୍ ସାମାଜିକ ଗଣମାଧ୍ୟମରେ ସେ ନିଜର ପୂରା କାହାଣୀ ସେୟାର୍ କରି ଲୋକଙ୍କୁ ସଚେତନ କରାଉଛନ୍ତି। ୱାଙ୍ଗ୍ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ଯେ, ସେ କେବଳ ସୁନ୍ଦର ଆଖି ଚାହୁଁଥିଲେ। ଏବେ କିନ୍ତୁ ରାତିରେ ବି ତାଙ୍କୁ ନିଦ ଲାଗୁ ନାହିଁ। ଆଖି ଖୋଲା ରହିବା ସହ ପ୍ରତି ସମୟରେ କଷ୍ଟ ଏବଂ ଯନ୍ତ୍ରଣା ସହିବାକୁ ପଡୁଛି। ତାଙ୍କର ଏହି ସ୍ଥିତିକୁ ଦେଖି କସମେଟିକ୍ ସର୍ଜରୀ ପ୍ରତି ସଚେତନ ରହିବା ପାଇଁ ଲୋକେ କହିଛନ୍ତି।

## ଆଜି ବାହୁଡ଼ିଥିଲେ

# ଜ୍ଞାନମଣ୍ଡଳର ପ୍ରଣେତା



ପଦ୍ମଶ୍ରୀ ବିନୋଦ କାନୁନଗୋ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଭାଷା ଓ ସାହିତ୍ୟର ଖ୍ୟାତନାମା ଗବେଷକ, ଶିଶୁ ସାହିତ୍ୟିକ, ସାମ୍ବାଦିକ, ଜନପ୍ରିୟ ବିଜ୍ଞାନ ଲେଖକ ତଥା ଓଡ଼ିଆ ଜ୍ଞାନକୋଷ 'ଜ୍ଞାନମଣ୍ଡଳ'ର ଅନନ୍ୟ ସ୍ରଷ୍ଟା। ଓଡ଼ିଆ ଭାଷାରେ ଅଦ୍ୟାବଧି ଏହା ସବୁଠାରୁ ଉନ୍ନତ ଜ୍ଞାନକୋଷ। ସେ ବିଧିବଦ୍ଧ ଭାବେ କୌଣସି ପ୍ରକାରର ଉଚ୍ଚ ଶିକ୍ଷା ପାଇ ନ ଥିଲେ ସୁଦ୍ଧା ନିଜର ଅସୀମ ଜ୍ଞାନ, ପ୍ରଗାଢ଼ ନିଷ୍ଠା ବଳରେ ସୃଷ୍ଟି କରିପାରିଥିଲେ ଜ୍ଞାନକୋଷ। ଜଟିଳ ବୈଜ୍ଞାନିକ ତଥ୍ୟ ଓ ଆନ୍ତର୍ଜାତୀୟ ବିଷୟଗୁଡ଼ିକୁ ସେ ଅତି ସରଳ ଓ ପ୍ରାଞ୍ଜଳ ଓଡ଼ିଆ ଭାଷାରେ ଲେଖିଥିଲେ, ଯାହାଫଳରେ ଜଣେ ସାଧାରଣ ପାଠକ ମଧ୍ୟ ଏହାକୁ ସହଜରେ ବୁଝିପାରୁଥିଲା। ସେ ଜ୍ଞାନମଣ୍ଡଳ ବ୍ୟତୀତ ବିଜ୍ଞାନ, ଇତିହାସ, ଭୂଗୋଳ ଓ ଚିକିତ୍ସା ବିଜ୍ଞାନ ଉପରେ ୧୦୦ରୁ ଅଧିକ ଜ୍ଞାନବର୍ଦ୍ଧକ ବହି ଲେଖିଛନ୍ତି। ସେ ଥିଲେ ପରମ ଗାନ୍ଧୀବାଦୀ। ଗାନ୍ଧିଜୀଙ୍କ ଆଦର୍ଶକୁ ଗ୍ରହଣ କରି ଜ୍ଞାନର ପ୍ରସାର ପାଇଁ ଆଜୀବନ ଉଦ୍ୟମ କରିଥିଲେ। ବିନୋଦ କାନୁନଗୋ ୧୯୧୨ ମସିହା ଜୁନ୍ ୬ ତାରିଖରେ କଟକ ଜିଲ୍ଲାର କିଶନ ନଗର ଥାନାର ମଲ୍ଲିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା କେଶବଚନ୍ଦ୍ର କାନୁନ୍‌ଗୋ ଓ ମାତା ପୀର ଦେବୀ। ବିନୋଦ ପ୍ରଥମେ ଗାଁ ଅବଧାନଙ୍କ ନିକଟରେ ପାଠ ପଢ଼ିବା ପରେ ମାମୁଘର ପାଟକୁରା (କେନ୍ଦ୍ରାପଡ଼ା)କୁ ଚାଲିଯାଇଥିଲେ। ୧୯୨୭ରେ ସେ ରାଣୀହାଟ ମାଇନର ସ୍କୁଲରୁ ବୃତ୍ତି ପାଇ ପ୍ରସିଦ୍ଧ ରେଭେନ୍ସା କଲିଜିଏଟ୍ ସ୍କୁଲରେ ପାଠପଢ଼ା ଆରମ୍ଭ କଲେ। ୧୯୩୦ ଏପ୍ରିଲ ୧୦ ତାରିଖରେ ଗାନ୍ଧିଜୀଙ୍କ ଡାକରାରେ ନବମରୁ ଦଶମ ଶ୍ରେଣୀକୁ ଯିବା ଆଗରୁ ପାଠ ଛାଡ଼ିଦେଇ ସେ ଲବଣ ସତ୍ୟାଗ୍ରହରେ ଯୋଗଦେଲେ ଓ ଜେଲବରଣ କରିଥିଲେ। ୧୯୩୧ରେ ପାଟନା କ୍ୟାମ୍ପ୍ ଜେଲରୁ ଖଲାସ ହେବା ପରେ ପୁଣି ୧୯୩୨ରେ କାରାରୁଦ୍ଧ ହେଲେ। ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସେ କିଛି କାଳ କଟକ ଓ ବ୍ରହ୍ମପୁର ଜେଲ୍‌ରେ ବନ୍ଦୀ ଥିଲେ। ୧୯୫୨ ସାଧାରଣ ନିର୍ବାଚନରେ ପରାଜିତ ହେବା ସହ ସବୁ ଦିନ ପାଇଁ ସେ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ତାଙ୍କର ପରବର୍ତ୍ତୀ ଜୀବନ ଥିଲା ବେଶ୍ ସଂଘର୍ଷମୟ। ୧୯୬୦ ଡିସେମ୍ବର ୨ ତାରିଖରେ 'ଜ୍ଞାନମଣ୍ଡଳ'ର ପ୍ରଥମ ଭାଗ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ୧୯୬୧-୮୮ ମଧ୍ୟରେ ଏହାର ଚାଳିଶ ଖଣ୍ଡ ପ୍ରକାଶ ପାଇଥିଲା। କେବଳ ବିଶ୍ୱକୋଷ ନୁହେଁ, 'ପିଲାଙ୍କ ବିଶ୍ୱକୋଷ', 'ଶିଶୁ ଜ୍ଞାନମଣ୍ଡଳ' ଆଦି ସମ୍ପାଦନା କରି ସେ ଓଡ଼ିଆ ଜ୍ଞାନଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ବିନୋଦ କାନୁନ୍‌ଗୋ ଶିଶୁ ଓ ନବସାକ୍ଷରମାନଙ୍କ ପାଇଁ ବିଜ୍ଞାନର ବିଭିନ୍ନ ପ୍ରସଙ୍ଗରେ ୭୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି। ଶରୀର ତତ୍ତ୍ୱ ଆଣବିକ ବିଜ୍ଞାନ, ମହାକାଶ ବିଜ୍ଞାନ, ଭେଷଜ ବିଜ୍ଞାନ, ରସାୟନ ବିଜ୍ଞାନ ପରି ବିଜ୍ଞାନର ବିଭିନ୍ନ ବିଭାଗରେ ସେ ଜନପ୍ରିୟ ପୁସ୍ତକମାନ ରଚନା କରିଛନ୍ତି। ଏତତ୍ ବ୍ୟତୀତ 'ଉତ୍କଳ ଦର୍ପଣ', 'ଚଳନ୍ତା ରାଇଜର ଅମୁହାଁ ନଈ' ପରି ଅନେକ ପୁସ୍ତକର ମଧ୍ୟ ସେ ସାର୍ଥକ ସ୍ରଷ୍ଟା। ୧୯୮୪ରେ ଆତ୍ମଚରିତ 'ଋଣ ପରିଶୋଧ' ପାଇଁ ବିନୋଦ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର। ୧୯୮୬ରେ 'ପଦ୍ମଶ୍ରୀ'ରେ ମଧ୍ୟ ସେ ସମ୍ମାନିତ ହୋଇଥିଲେ। ୧୯୯୦ ମସିହା ଆଜିର ଦିନରେ ଏହି ମହାନ୍ ଲେଖକଙ୍କର ମହାପ୍ରୟାଣ ଘଟିଥିଲା।



# 'କଲ୍‌କୀ ୨' ଦୀପିକାଙ୍କ ସ୍ଥାନ ନେବେ ଆଲିଆ

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଆଗାମୀ ଚଳଚ୍ଚିତ୍ର 'କଲ୍‌କୀ ୨'କୁ ପ୍ରଶଂସକମାନେ ଖୁବ୍ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ୨୦୨୪ରେ ଆସିଥିବା ଏହାର ପ୍ରଥମ ଭାଗ 'କଲ୍‌କୀ ୨୮୯୮ ଏଡି' ଫିଲ୍ମଟି ନିଜର ଚମତ୍କାର କାହାଣୀ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଥିଲା ଏବଂ ଏହା ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ଦୀପିକା ପାଦୁକୋନ୍ ଏହି ଚଳଚ୍ଚିତ୍ରରେ ପ୍ରଭାସଙ୍କ ବିପକ୍ଷରେ ନଜର ଆସିଥିଲେ। ହେଲେ 'କଲ୍‌କୀ'ର ସିକ୍ୱେଲରୁ ଦୀପିକା ଓହରିଯିବା ପରେ ନିର୍ମାତାମାନଙ୍କ ପାଇଁ ମୁଖ୍ୟ ଅଭିନେତ୍ରୀଙ୍କୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ବର୍ଷେ ପରେ ବି ନିର୍ମାତାଙ୍କୁ ଫିଲ୍ମ ପାଇଁ ଲିଡ୍ ଅଭିନେତ୍ରୀ ମିଳିପାରି ନାହିଁ। ଅପରପକ୍ଷରେ ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ, 'କଲ୍‌କୀ ୨'ରେ ଏବେ ଦୀପିକାଙ୍କ ବଦଳରେ ଆଲିଆ ଭଟ ନଜର ଆସିବେ ବୋଲି ଜଣାପଡ଼ିଛି। 'କଲ୍‌କୀ'ର ନିର୍ମାତାମାନେ ଏହି ବିଷୟକୁ ନେଇ ଆଲିଆଙ୍କ ସହ ଆଲୋଚନା କରିଥିବା ମଧ୍ୟ କୁହାଯାଉଛି। ବର୍ତ୍ତମାନ ସୁଦ୍ଧା 'କଲ୍‌କୀ ୨'ରେ ଆଲିଆଙ୍କ ଏଣ୍ଟ୍ରିକୁ ନେଇ ବିଧିବଦ୍ଧ ଭାବେ କୌଣସି ସୂଚନା ଆସିନାହିଁ। ଏହାପୂର୍ବରୁ ଏହି ଫିଲ୍ମରେ ସାଇପଲ୍ଲବୀ ନଜର ଆସିବେ ବୋଲି କୁହାଯାଉଥିଲା। ଏଥିରେ ପ୍ରଭାସଙ୍କ ବ୍ୟତୀତ ଅମିତାଭ ବଚ୍ଚନ ଏବଂ କମଲ ହାସନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

## ସ୍ୱସ୍ତି

# ହସ୍ତ ଦର୍ଶନ ପରମ୍ପରା



**ସକାଳୁ ଉଠି ହସ୍ତ ଦର୍ଶନ କରିବାର ପରମ୍ପରା ଧାର୍ମିକ ଆସ୍ଥା, ଆଧ୍ୟାତ୍ମିକ ଚିନ୍ତନ ଏବଂ ସକାରାତ୍ମକ ଜୀବନକୁ ପ୍ରତିଫଳିତ କରେ। ଏହି ଅଭ୍ୟାସ ଜଣକୁ ଧନ, ଜ୍ଞାନ ଏବଂ କର୍ମର ମହତ୍ତ୍ୱକୁ ମନେ ପକାଇ ଦିନର ଆରମ୍ଭ ଆତ୍ମବିଶ୍ୱାସ ଏବଂ ଶୁଭ ସଂକଳ୍ପ ସହିତ କରିବାକୁ ପ୍ରେରଣା ଦିଏ।**

ହିନ୍ଦୁ ଧର୍ମ ଗ୍ରନ୍ଥରେ ସକାଳୁ ଉଠି ହାତ ଦେଖିବାକୁ 'କର ଦର୍ଶନ' ବୋଲି କୁହାଯାଏ। ଏହା ସହିତ ଏକ ଶ୍ଳୋକ ଗାନ କରାଯାଏ।

"କରାଗ୍ରେ ବସତେ ଲକ୍ଷ୍ମୀଃ, କରମଧ୍ୟେ ସରସ୍ୱତୀ।
କରମୂଳେ ତୁ ଗୋବିନ୍ଦଃ, ପ୍ରଭାତେ କର ଦର୍ଶନମ୍॥"

ଏହି ଶ୍ଳୋକର ଅର୍ଥ ହେଉଛି ହସ୍ତର ଅଗ୍ରଭାଗରେ ମାତା ଲକ୍ଷ୍ମୀ, ମଧ୍ୟ ଭାଗରେ ମାତା ସରସ୍ୱତୀ, ମୂଳ ଭାଗରେ ଭଗବାନ ଗୋବିନ୍ଦଙ୍କ ନିବାସ ବୋଲି କୁହାଯାଏ। ତେଣୁ ସକାଳୁ ସର୍ବପ୍ରଥମେ ନିଜ ହାତକୁ ଦେଖି ଧନ, ଜ୍ଞାନ ଏବଂ ଈଶ୍ୱରଙ୍କ କୃପା ସ୍ମରଣ କରିବା ଦରକାର। ଧାର୍ମିକ ମାନ୍ୟତାନୁସାରେ ଏହି ପରମ୍ପରା ମଣିଷକୁ ମନେ ପକାଇ ଦିଏ ଯେ, ଜୀବନରେ କେବଳ ଧନ ପର୍ଯ୍ୟାପ୍ତ ନୁହେଁ, ଜ୍ଞାନ, ବିବେକ ଏବଂ ଆଧ୍ୟାତ୍ମିକ ସନ୍ତୁଳନ ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ। ଏହି କାରଣ ହେଉଛି କର ଦର୍ଶନକୁ ଶୁଭ ଓ ମଙ୍ଗଳକାରୀ ବୋଲି କୁହାଯାଇଛି।

ଆଧ୍ୟାତ୍ମିକ ଦୃଷ୍ଟିରୁ ସକାଳ ସମୟ ମନ ଓ ଚେତନା ଲାଗି ଅତ୍ୟନ୍ତ ସମ୍ବେଦନଶୀଳ। ଏଭଳି ସମୟରେ ସକାରାତ୍ମକ ବିଚାରକୁ ସ୍ମରଣ କରିବା ଦ୍ୱାରା ନିଜ ଭିତରେ ଆତ୍ମବିଶ୍ୱାସ ଓ କୃତଜ୍ଞତାର ଭାବନା ସୃଷ୍ଟି ହୁଏ। ହାତକୁ କର୍ମର ପ୍ରତୀକ ବୋଲି କୁହାଯାଇଛି। ଏହି ବାର୍ତ୍ତା ଦିଏ ଯେ, ଭାଗ୍ୟ ସହିତ କର୍ମ ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ। ଯେତେବେଳେ ବ୍ୟକ୍ତି ନିଜ ହାତକୁ ଦେଖେ, ସେ ଅନୁଭବ କରେ ତା'ର ପ୍ରୟାସ ଓ କଷ୍ଟ ହିଁ ଭବିଷ୍ୟତକୁ ରୂପ ପ୍ରଦାନ କରିବ। ଏହି ଚିନ୍ତାଧାରା ଜଣକୁ ଦିନ ତମାମ ସକ୍ରିୟ ଓ ଅନୁପ୍ରେରିତ କରି ରଖିପାରେ।

ଅନ୍ୟପଟେ ବର୍ତ୍ତମାନର ଆଧୁନିକ ଜୀବନଶୈଳୀରେ କର ଦର୍ଶନ ପରମ୍ପରା ଅନେକ ପରିବାରରେ ଜୀବିତ ଅଛି। ଏହାର ବଡ଼ କାରଣ ହେଉଛି ଏହାର ସରଳ ଏବଂ ପ୍ରେରଣାଦାୟକ ବାର୍ତ୍ତା। ଏହା ଜଣକୁ ମନେ ପକାଇ ଦିଏ ଯେ, ସଫଳତା ଲାଗି ପରିଶ୍ରମ, ଜ୍ଞାନ ଏବଂ ସକାରାତ୍ମକ ଚିନ୍ତାଧାରା ଜରୁରି।

# ନିର୍ଜଳା ଏକାଦଶୀରେ ଦାନ

ହିନ୍ଦୁ ଧର୍ମରେ ନିର୍ଜଳା ଏକାଦଶୀକୁ ସବୁଠୁ ବଡ଼ ଏକାଦଶୀ ବୋଲି କୁହାଯାଏ। ଏହା ଜ୍ୟେଷ୍ଠମାସ ଶୁକ୍ଳ ପକ୍ଷରେ ପଡ଼ିଥାଏ। ଏହା ଭୀମସେନୀ ଏକାଦଶୀ ନାମରେ ମଧ୍ୟ ପରିଚିତ। ଏହି ବ୍ରତ ଭଗବାନ ବିଷ୍ଣୁଙ୍କ ଭକ୍ତି ଓ କଠିନ ଉପବାସ ଲାଗି ପରିଚିତ। ଧାର୍ମିକ ମାନ୍ୟତାନୁସାରେ ଏହି ଗୋଟିଏ ବ୍ରତକୁ କରିବା ଦ୍ୱାରା ବର୍ଷ ତମାମ ସମସ୍ତ ଏକାଦଶୀର ପୁଣ୍ୟ ପ୍ରାପ୍ତ ହୋଇଥାଏ। ଏଥର ଏହି ବ୍ରତ ଜୁନ୍ ୨୫ରେ ପାଳନ କରାଯିବ।

ଏହି ଏକାଦଶୀରେ କୌଣସି ଖାଦ୍ୟ କିମ୍ବା ଜଳ ଗ୍ରହଣ କରାଯାଏ ନାହିଁ। ବିଶେଷକରି ପାଣି ପିଇବା ମନା। ତେଣୁ ଏହାକୁ ନିର୍ଜଳା ଏକାଦଶୀ କୁହାଯାଏ। ଏହି କାରଣରୁ ଅନ୍ୟ ବ୍ରତ ତୁଳନାରେ ଏହାକୁ ଅତ୍ୟନ୍ତ କଠିନ ବ୍ରତ କୁହାଯାଏ। ସେହିପରି ଏକାଦଶୀରେ ସୂର୍ଯ୍ୟୋଦୟଠାରୁ ଆରମ୍ଭ କରି ଦ୍ୱାଦଶୀ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଅନ୍ନ ଓ ଜଳ ଗ୍ରହଣ ବିନା ଉପବାସ କରାଯାଏ। ଏହିଦିନ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କରାଯାଏ। ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘ ଆୟୁ ତଥା ଆଧ୍ୟାତ୍ମିକ ଉନ୍ନତିର କାମନା କରାଯାଏ। ମାନ୍ୟତା ଅଛି ପାଣ୍ଡବଙ୍କ ମଧ୍ୟରେ ଭୀମସେନ ଏହି ବ୍ରତ ପାଳନ କରିଥିଲେ। ଭୀମସେନ ଏହି ନିର୍ଜଳା ଏକାଦଶୀ ବ୍ରତ କରିଥିବାରୁ ଏହାକୁ ଭୀମସେନୀ ଏକାଦଶୀ ବୋଲି କୁହାଯାଏ। ବ୍ରତଧାରୀଙ୍କୁ ଏହିଦିନ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରାପ୍ତି ହୋଇଥାଏ।

ନିର୍ଜଳା ଏକାଦଶୀ ଅବସରରେ ଦାନର ବିଶେଷ ମହତ୍ତ୍ୱ ଅଛି। ଦାନ କରିବା ଦ୍ୱାରା ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। ଦାନ ଦ୍ୱାରା ଦରିଦ୍ରତା ଦୂର ହେବା ସହ ଘରେ ସୁଖ-ସମୃଦ୍ଧିର ଆଗମନ ହୁଏ। ନିର୍ଜଳା ଏକାଦଶୀରେ ଜଳଦାନକୁ ସବୁଠୁ ମହାଦାନ କୁହାଯାଏ। ଗରିବ ଲୋକଙ୍କୁ ଜଳ ଦାନ କରିବା ଭଲ। ଜୀବନରେ ସୁଖଶାନ୍ତି ବଜାୟ ରହେ। ସେହିପରି ଶୁଭଫଳ ଚାହୁଁଥିଲେ ଭଗବାନ ବିଷ୍ଣୁଙ୍କ ପୂଜା ପରେ ଫଳ ଦାନ କରିବା ଉଚିତ। ଫଳ ଦାନ ଦ୍ୱାରା ଅଟକି ଥିବା ଧନ ମିଳିଥାଏ। ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ଏହିଦିନ ସଧବା ମହିଳା ସୁହାଗ ଜିନିଷ ଦାନ କରିବା ଭଲ। ଏହାବାଦ୍ ହଳଦିଆ ବସ୍ତ୍ର, ଚଣା ଡାଲି, ହଳଦୀ ଦାନ କରିପାରିବେ। ଅନ୍ୟପଟେ ଜୀବନର ସମସ୍ତ କଷ୍ଟରୁ ମୁକ୍ତି ଚାହୁଁଥିଲେ ନିର୍ଜଳା ଏକାଦଶୀରେ ଜୋତା, ଚପଲ ଦାନ କରିବା ଶୁଭ। ଏହା ଦ୍ୱାରା ବିଗିଡ଼ିବା କାମ ଠିକ୍ ହୁଏ। ବ୍ୟବସାୟରେ ସଫଳତା ପ୍ରାପ୍ତି ହୁଏ।



# ପଞ୍ଚମୁଖୀ ବେଲପତ୍ର



**ଭଗବାନ ଶିବଙ୍କ ପୂଜାରେ ବେଲପତ୍ର ଖୁବ୍ ଗୁରୁତ୍ୱ ବହନ କରେ। ତେବେ ପଞ୍ଚମୁଖୀ ବେଲପତ୍ର ଖୁବ୍ ଦୁର୍ଲଭ। ପଞ୍ଚମୁଖୀ ବେଲପତ୍ରକୁ ଶିବଲିଙ୍ଗରେ ଚଢ଼ାଇବା ଅତ୍ୟନ୍ତ ଶୁଭ। ଶିବ ପୁରାଣ ଏବଂ ଜ୍ୟୋତିଷ ମାନ୍ୟତାନୁସାରେ, ପଞ୍ଚମୁଖୀ ବେଲପତ୍ର ଶିବଲିଙ୍ଗ ଉପରେ ଅର୍ପଣ କରିବା ଦ୍ୱାରା ଚିନ୍ତା, ସମସ୍ୟା ଓ ଚାପରୁ ମୁକ୍ତି ମିଳିଥାଏ।**

- ପଞ୍ଚମୁଖୀ ବେଲପତ୍ରରେ ଶିବ ପୂଜା କଲେ ମହାଦେବଙ୍କ ବିଶେଷ କୃପା ପ୍ରାପ୍ତି ହୁଏ।
- ଅର୍ଥ ସମସ୍ୟା, ବ୍ୟବସାୟରେ କ୍ଷତି ଏବଂ ଚାକିରି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେଉ ନ ଥିଲେ ଶିବଲିଙ୍ଗରେ ପଞ୍ଚମୁଖୀ ବେଲପତ୍ର ଚଢ଼ାଇଲେ ଏହି ସବୁ ସମସ୍ୟା ଧୀରେ ଧୀରେ ଦୂର ହୁଏ।
- ସେହିପରି ଏହାକୁ ଶିବଲିଙ୍ଗରେ ଅର୍ପଣ କରିବା ପରେ ଘରକୁ ଆଣି ପୂଜା ଘରେ ରଖନ୍ତୁ। ଏହାକୁ ଘରେ ରଖି ନିୟମିତ ପୂଜା କରିବା ଭଲ। ନଚେତ ଏହାକୁ ସାଇତି ରଖିପାରିବେ।
- ସେହିପରି ପଞ୍ଚମୁଖୀ ବେଲପତ୍ର ମିଳିବା ଅତ୍ୟନ୍ତ ସୌଭାଗ୍ୟଜନକ। ଏହି ବେଲପତ୍ର ମିଳିବା ଭଲ ଦିନର ଆରମ୍ଭ ବୋଲି ସୂଚାଏ।
- ପଞ୍ଚମୁଖୀ ବେଲପତ୍ର ମିଳିବା ଦ୍ୱାରା ଅଟକି ରହିଥିବା କାର୍ଯ୍ୟ ଶୀଘ୍ର ଶେଷ ହେବା ବିଶ୍ୱାସ କରାଯାଏ।

# ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ

**ଘରର ଜିନିଷକୁ ଠିକ୍ ତଥା ବ୍ୟବସ୍ଥିତ ଭାବେ ରଖିଲେ ମା' ଲକ୍ଷ୍ମୀଙ୍କ ଆଗମନ ହୋଇଥାଏ ବୋଲି କୁହାଯାଏ। ତେବେ ବାସ୍ତୁ ଶାସ୍ତ୍ରରେ କିଛି ଏମିତି ବି ସଙ୍କେତ ଅଛି, ଯାହାକି ଘରକୁ ଲକ୍ଷ୍ମୀ ମା'ଙ୍କ ଆଗମନ ସହ ଯୋଡ଼ି ଦେଖାଯାଏ।**



- ତୁଳସୀ ଗଛର ଅଚାନକ ବୃଦ୍ଧି ଘଟିଲେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ। ଘରକୁ ସକାରାତ୍ମକ ଶକ୍ତି ଆସେ।
- ବିନା କୌଣସି ପରିଶ୍ରମରେ ଆର୍ଥିକ ଲାଭ ହେଉଥିଲେ ଏହା ଏକଥାକୁ ଦର୍ଶାଏ ଯେ, ଜୀବନରେ ଆର୍ଥିକ ଲାଭର ଦ୍ୱାର ଉନ୍ମୁକ୍ତ ହେଉଛି।
- ସେହିପରି କୌଣସି କାରଣ ବିନା ଘରର ପରିବେଶ ଶାନ୍ତ ଓ ଖୁସି ରହିବାକୁ ଶୁଭ ସଙ୍କେତ ବୋଲି ବିଚାର କରାଯାଏ। ଏହା ପରିବାର ସଦସ୍ୟଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା ବଢ଼ିବାର ସଙ୍କେତ ଦିଏ।
- ସକାଳର ପ୍ରାରମ୍ଭ କୌଣସି ଶୁଭ ତଥା ସକାରାତ୍ମକ ଖବରରୁ ଆରମ୍ଭ ହେଉଥିଲେ ଏହାକୁ ବି ମା' ଲକ୍ଷ୍ମୀଙ୍କ କୃପା ବୋଲି କୁହାଯାଏ। ଏହା ଜୀବନରେ ଖୁସିର ଆଗମନକୁ ଦର୍ଶାଏ।
- ସେହିପରି ଅଚାନକ ଘର ସୁଗନ୍ଧିତ ହେବା ବି ଏକପ୍ରକାର ଶୁଭ ସଙ୍କେତ। ବାସ୍ତୁ ଶାସ୍ତ୍ରରେ ଏହା ମା' ଲକ୍ଷ୍ମୀଙ୍କ ଉପସ୍ଥିତିର ପ୍ରତୀକ ଭାବେ ବିଚାର କରାଯାଏ।






# ୧୦୦୦ତମ ବିଶ୍ୱକପ୍ ମ୍ୟାଚ୍‌ରେ ଜାପାନର ବୃହତ୍ ବିଜୟ

ଗୌଦଲଜରା,୨୧।୬(ଏଜେନ୍ସି)

ଏସିଆ ମହାଦେଶର ଜାପାନ ଓ ଆଫ୍ରିକାର ଟ୍ୟୁନିସିଆ ମଧ୍ୟରେ ସ୍ଥାନୀୟ ମୋଣ୍ଟେରୀ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ଆଜି ସକାଳ ୯ଟା ୩୦ ମିନିଟ୍‌ରେ ଫିଫା ବିଶ୍ୱକପ୍‌ର ୧୦୦୦ତମ ମ୍ୟାଚ୍ ଖେଳାଯାଇଛି। ୯୬ବର୍ଷ ପୂର୍ବେ ଉରୁଗୁଏର ମଣ୍ଟେଭିଡିଓଠାରେ ଜୁଲାଇ ୧୩ ତାରିଖ ଦିନ ଫିଫା ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଫ୍ରାନ୍ସ ୪-୧ରେ ମେକ୍ସିକୋକୁ ହରାଇଥିଲା। ଏବେ ୧୦୦୦ତମ ମ୍ୟାଚ୍‌ରେ ଟ୍ୟୁନିସିଆକୁ ୪-୦ ଗୋଲରେ ଟ୍ୟୁନିସିଆକୁ ପରାସ୍ତ କରି ଜାପାନ ଏକାଧିକ ରେକର୍ଡ ସହ ବୃହତ୍ ବିଜୟ ହାସଲ କରି ଏହି ମୁକାବିଲାକୁ ସ୍ମରଣୀୟ କରିପାରିଛି। ବିଜୟୀ ଦଳ ପକ୍ଷରୁ ଆୟାସେ ୟୁଏଡା ଖେଳର ୩୧ତମ ଓ ୮୩ତମ ମିନିଟ୍‌ରେ ୨ଟି, ଦାଇଚି କାମାଡ଼ା ୪ର୍ଥ ମିନିଟ୍‌ରେ ଓ ଜୁନ୍ୟା ଇଟୋ ୬୯ତମ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ବୃହତ୍ ବିଜୟ ସହ ଜାପାନ ୨ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ଗ୍ରୁପ୍-ଏଫ୍‌ରେ ନେଦରଲ୍ୟାଣ୍ଡସ ସହ ସମାନସ୍ତରରେ ରହିଛି। ଏସିଆ



ମହାଦେଶର ଏହି ଶୀର୍ଷ ଦେଶକୁ ନକ୍‌ଆଉଟରେ ପ୍ରବେଶ କରିବାକୁ ହେଲେ ଶେଷ ଲିଗ୍ ମ୍ୟାଚ୍‌ରେ ଇକ୍ୱେଡର ସହ ଗୋଟିଏ ପଏଣ୍ଟ ବା ମ୍ୟାଚ୍ ଡ୍ର କରିବାର ଆବଶ୍ୟକତା ରହିଛି। ମଣ୍ଟେରୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ଜାପାନ ଦଳ ଆରମ୍ଭରୁ ଶେଷ ଯାଏ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଏହି ମ୍ୟାଚ୍‌ରେ ୪ଟି ଗୋଲ୍ ସ୍କୋର କରି ଜାପାନ ଏକାଧିକ ରେକର୍ଡର ଅଧିକାରୀ ହୋଇଛି। ଏସିଆର ପ୍ରଥମ ଦେଶ ଭାବେ ଏହି ଦଳ ବିଶ୍ୱକପ୍‌ରେ ସର୍ବାଧିକ ୪ଟି ଗୋଲ ଦେବାର ରେକର୍ଡ କରିଛି। ଦଳର ଆୟେସା ୟୁଏଡା ଏହି ମୁକାବିଲାରେ ଡବଲ୍ ଗୋଲ ଦେଇଥିଲେ। ବିଶ୍ୱକପ୍‌ର ଗୋଟିଏ ମ୍ୟାଚ୍‌ରେ ଡବଲ ଗୋଲ ଦେବାରେ ୟୁଏଡାର ଜାପାନର ପ୍ରଥମ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଦଳର ତାରକା ଖେଳାଳି ଖେଳର ୩ ମିନିଟ୍ ୨୭ ସେକେଣ୍ଡରେ ଗୋଲ ସ୍କୋର କରିଥିଲେ। ଫିଫା ବିଶ୍ୱକପ୍‌ରେ ଜାପାନ ପକ୍ଷରୁ ଏହା ଥିଲା ଦ୍ରୁତତମ ଗୋଲ। ଏହି ରେକର୍ଡ ସହ ଜାପାନ ଟ୍ୟୁନିସିଆ ବିପକ୍ଷ ମୁକାବିଲାକୁ ନିୟନ୍ତ୍ରଣରେ ରଖିଥିଲା।

ଅନ୍ୟପକ୍ଷରେ ଟ୍ୟୁନିସିଆ ୭ମ ବିଶ୍ୱକପ୍ ପଦାର୍ପଣରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛି। ପୂର୍ବରୁ ସ୍କଟଲାଣ୍ଡ ୮ଟି ସଂସ୍କରଣରେ ଭାଗନେଇ ସମସ୍ତ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦା ହୋଇଛି। ବିଶ୍ୱକପ୍‌ରେ ଏହା ଦେଶର ୨୦ତମ ମ୍ୟାଚ୍ ଥିଲା।

■ ସୁପର ସବ୍ ଉଣ୍ଡାଭାଙ୍କ ଡବଲ ଗୋଲ

## ୧୨ ବର୍ଷ ପରେ ନକ୍‌ଆଉଟ୍ ଖେଳିବ ଜର୍ମାନୀ

ଟରଣ୍ଟୋ,୨୧।୬(ଏଜେନ୍ସି): ସୁପର ସବ୍ ବା ବଦଳ ଖେଳାଳି ଡେନିଜ୍ ଉଣ୍ଡାଭାଙ୍କ ଡବଲ ଗୋଲ ଫଳରେ ଏଠାରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ ଗ୍ରୁପ୍-ଇ'ର ଏକ ମ୍ୟାଚ୍‌ରେ ଜର୍ମାନୀ ୨-୧ ଗୋଲରେ ଲଢୁଆ ଆଇଭରୀ କୋଷ୍ଟକୁ ପରାସ୍ତ କରିଛି। ଏହା ଫଳରେ ନିଜ ଗ୍ରୁପ୍‌ରେ କ୍ରମାଗତ ବିଜୟ ସହ ୪ଥରର ବିଶ୍ୱ ଚାମ୍ପିଅନ ଜର୍ମାନୀ ନକ୍‌ଆଉଟରେ ପ୍ରବେଶ କରିଛି। ଦଳ ଶେଷଥର ଲାଗି ୨୦୧୪ ସଂସ୍କରଣରେ ନକ୍‌ଆଉଟକୁ ଉନ୍ନୀତ ହୋଇଥିଲା। ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ଜର୍ମାନୀ ଦଳ ତାହାର ପ୍ରଥମ ମ୍ୟାଚ୍‌ରେ କ୍ୟୁରାସାଓକୁ ୭-୧ ଗୋଲରେ ପରାସ୍ତ କରିଥିଲା। ଯାହା ଫଳରେ ୨ଟି ମୁକାବିଲାରୁ ୨ଟି ବିଜୟ ସହ ଜର୍ମାନୀ ଗ୍ରୁପ୍-ଇ'ରେ ପ୍ରଥମ ସ୍ଥାନ ଅଧିକାର କରିଛି।

ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳର ୩୦ତମ ମିନିଟ୍‌ରେ ଆଇଭରୀ କୋଷ୍ଟ ଅଧିନାୟକ ଫ୍ରାଙ୍କ କେସୀ ଅଚାନକ ଗୋଲ ଦେଇ ଜର୍ମାନୀ ଦଳକୁ ବ୍ୟାକ୍‌ଫୁଟକୁ ଠେଲିଦେଇଥିଲା। ପ୍ରଥମ ମ୍ୟାଚ୍‌ରେ କ୍ୟୁରାସାଓକୁ ୭-୧ ଗୋଲରେ ହରାଇଥିବା ଜର୍ମାନୀ ଦଳର ଏହି ଗୋଲ ବ୍ଲୁପ୍ରେସର ବଢ଼ାଇଦେଇଥିଲେ। ଗୋଲ ଖାଇବାର କିଛି ସମୟ ପରେ ଖେଳାଳିମାନେ ଏକତ୍ର ହୋଇ ଯେତେ ଆକ୍ରମଣ କରିଥିଲେ ମଧ୍ୟ ଗୋଲ ଶୁଝାଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ବଦଳ ଖେଳାଳିଭାବେ ଡେନିଜ୍ ଉଣ୍ଡାଭା ପଡ଼ିଆକୁ ଓହ୍ଲାଇବା ଯାଏ ଜର୍ମାନୀ ଖେଳାଳିମାନେ ନିରାଶ ହୋଇଯାଇଥିଲେ। ଖେଳର ୬୮ତମ ମିନିଟ୍‌ରେ ଏକ ଦ୍ରୁତ ପାସ୍‌ରୁ ଉଣ୍ଡାଭା ଗୋଲ ସ୍କୋର କରିବା ଫଳରେ ଜର୍ମାନୀ ଦଳ ଆଶ୍ୱସ୍ତ ହୋଇଥିଲା। ଏବେ ଆଉ ଘନ ଘନ ଆକ୍ରମଣ କରିବା ପରିବର୍ତ୍ତେ ସର୍ଟ ପାସ୍ ଜରିଆରେ ଖେଳିଥିଲା। ଅନ୍ୟପକ୍ଷରେ ଆଇଭରି କୋଷ୍ଟ ତାହାର ଡିଫେନ୍ସକୁ ଶକ୍ତିଶାଳୀ କରିଥିଲା। ଖେଳ ଶେଷ ହେବାକୁ ଆଉ ୨ ମିନିଟ୍ ବାକିଥିଲାବେଳେ ଅର୍ଥାତ ଷ୍ଟପେଜ୍ ଟାଇମ୍‌ର ୯୪ତମ ମିନିଟ୍‌ରେ ଆଉ ଏକ ଲଙ୍ଗ୍ ପାସ୍‌ରୁ ଉଣ୍ଡାଭା ଦ୍ୱିତୀୟ ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇଥିଲେ। ଏହି ଗୋଲ ବଳରେ ଜଣେ ବଦଳ ଖେଳାଳି ଭାବେ କାମେରୁନ୍‌ର ରୋଜର ମିଲାଙ୍କ ସହ ସମାନ ଗୋଲ ସ୍କୋର କରିବାର ରେକର୍ଡ ମଧ୍ୟ କରିଥିଲେ। ଜର୍ମାନୀ ଏହି ଖେଳାଳିଙ୍କୁ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବଦଳ ଖେଳାଳିଭାବେ ବ୍ୟବହାର କରିଥିଲା।




| ଫିଫା ବିଶ୍ୱକପ୍ ମୁକାବିଲା |
| --- |
| ଜୁନ୍-୨୨, ସୋମବାର ରାତି |
| ଆର୍ଜେଣ୍ଟିନା-ଅଷ୍ଟ୍ରିଆ |
| ଆର୍ଲିଙ୍ଗଟନ, ରାତି ୧୦.୩୦ |
| ଫ୍ରାନ୍ସ-ଇରାକ |
| ଫିଲାଡେଲଫିଆ, ରାତି ୨.୩୦ |
| ଜୁନ୍-୨୩ ମଙ୍ଗଳବାର ସକାଳ |
| ନରୱେ-ସେନେଗାଲ |
| ଟରଣ୍ଟୋ, ସକାଳ ୫.୩୦ |
| ଜୋର୍ଡାନ-ଆଲଜେରିଆ |
| ସାଣ୍ଟା କ୍ଲାରା, ସକାଳ ୮.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ସାଉଦୀ ଆରବକୁ ହରାଇଲା ସ୍ପେନ

ଆଟଲାଣ୍ଟ, ୨୧।୬ (ଏଜେନ୍ସି): ୨୦୧୦ ସଂସ୍କରଣ ବିଜେତା ସ୍ପେନ ଚଳିତ ଫିଫା ବିଶ୍ୱକପ୍‌ରେ ପ୍ରଥମ ବିଜୟ ପଏଣ୍ଟ ହାସଲ କରିଛି। ରବିବାର ରାତିରେ ସ୍ଥାନୀୟ ଆଟଲାଣ୍ଟ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏଚ୍'ର ଏକ ମୁକାବିଲାରେ ସ୍ପେନ ୪-୦ ଗୋଲରେ ଏକପାଖିଆ ଭାବେ ସାଉଦୀ ଆରବକୁ ହରାଇଦେଇଛି। ବିଜୟୀ ସ୍ପେନ ପକ୍ଷରୁ ମାଇକେଲ ଓୟାରଜାବଲ ୨୧ତମ ଓ ୨୪ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ଚଳିତ ବିଶ୍ୱକପ୍‌ର ଅନ୍ୟତମ ଷ୍ଟାର୍ ଖେଳାଳି ଲାମିନେ ୟାମଲା ୧୦ମ ମିନିଟରେ ଦଳ ପାଇଁ ଗୋଲ୍‌ଖାତା ଖୋଲିଥିଲେ। ପୂର୍ବରୁ ସ୍ପେନ ଏହାର ପ୍ରଥମ ମ୍ୟାଚରେ ପଦାର୍ପଣକାରୀ କେପ୍ ଭର୍ଡ ବିପକ୍ଷରେ ଗୋଲଶୂନ୍ୟ ଡ୍ର ରଖିଥିଲା।

## କ୍ୟୁରାସାଓକୁ ପ୍ରଥମ ପଏଣ୍ଟ

କାନ୍‌ସାସ ସିଟି,୨୧।୬(ଏଜେନ୍ସି): ଦୁଇ ଆମେରିକୀୟ ଦେଶ ଇକ୍ୱେଡର ଓ କ୍ୟୁରାସାଓ ମଧ୍ୟରେ ଏଠାରେ ଅନୁଷ୍ଠିତ ଗ୍ରୁପ୍-ଇ'ର ଏକ ମ୍ୟାଚ୍ ହାରଜିତ୍ ବିନା ଫଇସଲାରେ ଶେଷ ହୋଇଛି। ଏହା ଫଳରେ ଡେବ୍ୟୁଟାଣ୍ଟ କ୍ୟୁରାସାଓ ବିଶ୍ୱକପ୍‌ରୁ ପ୍ରଥମ ପଏଣ୍ଟ ହାସଲ କରିଛି। ଦଳ ଯେପରି ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ନିକଟରୁ ୭-୧ ଗୋଲରେ ପରାଜିତ ହୋଇଥିଲା, ସେଥିରୁ ଦଳ ଭଲ ପ୍ରଦର୍ଶନ କରିବ ବୋଲି କେହି ଆଶା କରି ନ ଥିଲେ। କିନ୍ତୁ ଦଳର ୩୭ ବର୍ଷୀୟ ଗୋଲ ରକ୍ଷକ ଏଲୟ ରୁମ୍‌ଙ୍କ ବିଚକ୍ଷଣ



ଗୋଲକିପିଂ ଯୋଗୁଁ ଏହା ସମ୍ଭବ ହୋଇଥିଲା। ରୁମ୍ ଏହି ମ୍ୟାଚ୍‌ରେ ଇକ୍ୱେଡରର ୧୫ଟି ନିଶ୍ଚିତ ଗୋଲ୍‌କୁ ସେଭ୍ କରିଦେଇଥିଲେ। ଗୋଲ ସେଭ୍ କରିବାରେ ବିଶ୍ୱକପ୍‌ରେ ରୁମ୍‌ଙ୍କ ପ୍ରଦର୍ଶନ ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବରୁ ୨୦୧୪ରେ ବେଲ୍‌ଜିୟମ ବିପକ୍ଷ ବିଶ୍ୱକପ୍ ମୁକାବିଲାରେ ଆମେରିକାର ଗୋଲକିପର ଟିମ୍ ହାୱାର୍ଡ ସର୍ବାଧିକ ୧୬ଟି ଗୋଲ ସେଭ୍ କରି ଏହି ବିଭାଗରେ ରେକର୍ଡର ଅଧିକାରୀ ହୋଇଥିଲେ। ଗୋଲରକ୍ଷକ ଏଲୟ ରୁମ୍‌ଙ୍କ ପ୍ରଦର୍ଶନ ଯୋଗୁ କ୍ୟୁରାସାଓ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା।

■ ମହିଳା ଟି-୨୦ ବିଶ୍ୱକପ୍

## ଦକ୍ଷିଣ ଆଫ୍ରିକାଠୁ ହାରିଲା ଭାରତ

ମାଞ୍ଚେଷ୍ଟର, ୨୧।୬ (ଏଜେନ୍ସି): ମାରିଜାନ୍ କାପ୍ (ଅପରାଜିତ ୮୧ରନ୍, ୪୫ବଲ୍, ୭ଚୌକା, ୪ଛକା ଏବଂ ୨ ୱିକେଟ) ଙ୍କ ଅଲରାଉଣ୍ଡ ସଫଳତା ଓ ଭାରତୀୟଙ୍କ ଖରାପ ଫିଲ୍ଡିଂ ଯୋଗୁଁ ଏଠାରେ ରବିବାର ଖେଳାଯାଇଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ଏ'ର ଏକ ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୬ ୱିକେଟରେ ଭାରତକୁ ପରାସ୍ତ କରିଛି। ତୃତୀୟ ଲିଗ୍ ମ୍ୟାଚ୍‌ରୁ ପ୍ରଥମ ପରାଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ ପଛକୁ ଭାରତ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ସମାନ ସଂଖ୍ୟକ ମୁକାବିଲାରୁ ଦ୍ୱିତୀୟ ବିଜୟ ହାସଲ କରି ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ୭ ୱିକେଟରେ ୧୫୮ ରନ କରିଥିଲା। ଦଳ ପକ୍ଷରୁ ଓପନର ଶେଫାଳି ବର୍ମା ସର୍ବାଧିକ ୩୧, ଦୀପ୍ତି ଶର୍ମା ୨୯, ଏଠାରେ ୨୦୦ତମ ଟି-୨୦ ମ୍ୟାଚ୍ ଖେଳିଥିବା ଅଧିନାୟିକା ହରମନପ୍ରୀତ୍ କୌର ୨୪, ସ୍ମୃତି ମନ୍ଧାନା ୧୭, ରିଚା ଘୋଷ ଓ ୟଷ୍ଟିକା ଭାଟିଆ ୧୫ ରନ ଲେଖାଏଁ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୧୯.୧ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳର କାପ୍‌ଙ୍କ ବ୍ୟତୀତ ତାଜମିନ୍ ବ୍ରିଟ୍ସ ୪୦, ଲୌରା ୱଲଭାର୍ଟ ୨୦ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଭାରତର ଶ୍ରୀ ଚରଣିଙ୍କୁ ୩ ୱିକେଟ ମିଳିଥିଲେ ମଧ୍ୟ ଫିଲ୍ଡରମାନେ ଏକାଧିକ କ୍ୟାଚ୍ ଛାଡ଼ିଦେଇଥିଲେ। ପୂର୍ବରୁ ଗ୍ରୁପ୍-ବି'ରେ ଖେଳାଯାଇଥିବା ଏକ ଲିଗ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୫ ୱିକେଟରେ ଶ୍ରୀଲଙ୍କାକୁ ହରାଇଥିଲା।

## ନ୍ୟୁଜିଲାଣ୍ଡଠୁ ହାରିଲା ଇଂଲଣ୍ଡ

କେନିଙ୍ଗଟନ ଓଭାଲ,୨୧।୬(ଏଜେନ୍ସି): ଫାଷ୍ଟ ବୋଲର ମ୍ୟାଟ ହେନରୀଙ୍କ ୧୧ ୱିକେଟ ଅକ୍ତିଆର ଫଳରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୨୫୩ ରନ୍‌ରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡର ପ୍ରଥମ ଇନିଂସରେ ୫ଟି ଓ ଦ୍ୱିତୀୟ ଇନିଂସରେ ୬ଟି ୱିକେଟ ନେଇଥିବା ନ୍ୟୁଜିଲାଣ୍ଡର ହେନରୀଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୧-୧ ବରାବର ସ୍ଥିତିରେ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ନଟିଂହାମ୍‌ର ଟ୍ରେଣ୍ଟବ୍ରିଜ୍‌ରେ ଜୁନ୍ ୨୫ରୁ ଆରମ୍ଭ ହେବ।

ନେସନ୍ସ କପ୍ ମହିଳା ହକି

## ଭାରତକୁ ଚାମ୍ପିଅନ କରାଇଲେ ସୁନେଲିତା



ଅକ୍‌ଲାଣ୍ଡ, ୨୧।୬ (ଏଜେନ୍ସି): ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୨-୦ ଗୋଲରେ ଆୟୋଜକ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଟାଇଟଲ୍ ଜିତିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ମ୍ୟାଚର ପ୍ରଥମ କ୍ୱାର୍ଟରରେ ହିଁ ଦୁଇଟିଯାକ ଗୋଲ୍‌ସ୍କୋର ହୋଇଥିଲା। ଚତୁର୍ଥ ମିନିଟ୍‌ରେ ନବନୀତ କୌରଙ୍କ ଗୋଲ୍ ବଳରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ୧୫ତମ ମିନିଟରେ ଓଡ଼ିଆ ତାରକା ସୁନେଲିତା ଟପ୍ପୋ ଦଳ ପାଇଁ ଅନ୍ତିମ ତଥା ଦ୍ୱିତୀୟ ଗୋଲ୍‌ଟି ଦେଇଥିଲେ। ନେସନ୍ସ କପ୍ ଇତିହାସରେ ଭାରତୀୟ ମହିଳା ଦଳ ଦ୍ୱିତୀୟଥର ଲାଗି ଚାମ୍ପିଅନ ହୋଇଛି। ଏଥିପୂର୍ବରୁ ୨୦୨୨ରେ ଉଦ୍‌ଘାଟନୀ ସଂସ୍କରଣରେ ଭାରତ ବାଜିମାତ୍ କରିଥିଲା।

ଚାମ୍ପିଅନ ସହ ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତ ଆଗାମୀ ଏଫ୍‌ଆଇଏଚ୍ ମହିଳା ପ୍ରୋ ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଛି। ବର୍ଷକ ତଳେ ଖରାପ ପ୍ରଦର୍ଶନ ଲାଗି ଭାରତ ପ୍ରୋ ଲିଗ୍‌ରୁ ଅବନତି ଘଟି ନେସନ୍ସ କପ୍‌କୁ ଖସି ଆସିଥିଲା। ଅପରପକ୍ଷରେ ଚାମ୍ପିଅନ ଭାରତୀୟ ମହିଳା ଦଳକୁ ହକି ଇଣ୍ଡିଆ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ପ୍ରତ୍ୟେକ ଖେଳାଳିଙ୍କୁ ୩ ଲକ୍ଷ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୧.୫ ଲକ୍ଷ ଟଙ୍କା ଦିଆଯିବ।

## ଶ୍ରାବଣୀଙ୍କୁ ଏସିଆନ୍ ରିଲେ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୧।୬ (ସମିସ): ଓଡ଼ିଆ ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦ ଚାଇନାରେ ଚାଲିଥିବା ଏସିଆନ୍ ରିଲେ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ୪ ଗୁଣା ୧୦୦ ମିଟର ରିଲେ ରେସରେ ଭାରତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ଅଲିମ୍ପିଆନ ଶ୍ରାବଣୀଙ୍କ ସମେତ ସ୍ନେହ ଶନୁଭାଲ୍ଲି, ସୁଦେଶନା ଶିବଙ୍କର ଓ ତମନ୍ନାଙ୍କୁ ନେଇ ଗଠିତ ଭାରତୀୟ



ରିଲେ ଦଳ ଏହି ଦୂରତାକୁ ୪୩.୮୫ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲା। ଆୟୋଜକ ଚାଇନା ଦଳ ୪୪.୦୯ ସେକେଣ୍ଡ ଟାଇମିଂ ସହ ରୌପ୍ୟ ପଦକ ହାତେଇଥିଲା। ଏହି ସଫଳତା ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରାବଣୀଙ୍କ ସହ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ରିଲେ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

ରାଜ୍ୟ ୧୧ ବର୍ଷରୁ ଚେସ୍ ଉଦ୍‌ଯାପିତ

## ଖୋର୍ଦ୍ଧାର ଅର୍ଣ୍ଣିକା, କଟକର ରାଘବ ଚାମ୍ପିଅନ

ଭୁବନେଶ୍ୱର,୨୧।୬(ସମିସ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ପଟିଆରେ ଚାଲିଥିବା ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଳିକା ବିଭାଗରେ ଖୋର୍ଦ୍ଧାର ଅର୍ଣ୍ଣିକା ଦାଶ ଓ ବାଳକ ବିଭାଗରେ କଟକର ରାଘବ ବିଶ୍ୱାଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଖେଳ

୮ ରାଉଣ୍ଡ ବିଶିଷ୍ଟ ବାଳକ ବିଭାଗରେ ୫ଜଣ ଖେଳାଳି ସମାନ ୬.୫ ପଏଣ୍ଟ ରଖିଥିଲେ। କିନ୍ତୁ ବୁକୋଲଜ୍‌ରେ କଟକର ରାଘମ ପ୍ରଥମରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧାର ୩ଜଣ ଖେଳାଳି ଯଥା ସତ୍ୟସ୍ୱରୂପ ଶତପଥୀ, ଆଦ୍ୟଅଦ୍‌ଭିକ୍ ଦାସ, ସାୟାଂଶ ଦାସ ଓ ଗଞ୍ଜାମର ହୃଦେଶ ପାଣିଗ୍ରାହୀ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ




ଶେଷରେ ଅଲ୍‌ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଜେପି ଉପସଭାପତି ଗୋଲୋକ ମହାପାତ୍ର ମୁଖ୍ୟ ଅତିଥି, ଜିଏମ୍ ଦେବାଶିଷ ଦାସ ଓ ନନ୍‌ଭେଜ୍ ୱାର୍ଲ୍ଡ ଏମ୍‌ଡି ମନୋଜ ସାହି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଅଧିକାର କରିଥିଲେ। ବାଳିକା ବିଭାଗରେ ଆର୍ଣ୍ଣିକା ଏକାକୀ ସର୍ବାଧିକ ୭.୫ ପଏଣ୍ଟ ପାଇ ଚାମ୍ପିଅନ ଓ ଖୋର୍ଦ୍ଧାର ପ୍ରତୀକ ପ୍ରଧାନ ୬.୫ ପଏଣ୍ଟ ରଖି ରନର୍ସ ଅପ୍ ହୋଇଛନ୍ତି। ୩ଜଣ ଖେଳାଳି ୬ ପଏଣ୍ଟ ରଖିଛନ୍ତି। କଟକର ସ୍ନେହସ୍ମିତା ରାମ, ଖୋର୍ଦ୍ଧାର ଅନିଶା ଆଚାର୍ଯ୍ୟ ଓ ନୟାଗଡ଼ା ଶ୍ରଦ୍ଧାଶ୍ରୀ ଲେଙ୍କା ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ।

ସୂର୍ଯ୍ୟବଂଶୀଙ୍କ କମାଲ

## ତ୍ରି-ରାଷ୍ଟ୍ରୀୟ ସିରିଜ୍ ଜିତିଲା ଭାରତ-ଏ

ଡାମ୍ବୁଲା, ୨୧।୬ (ଏଜେନ୍ସି)

ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ବିଧ୍ୱଂସୀ ବ୍ୟାଟିଂ ବଳରେ ଭାରତ-ଏ ଦଳ ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ତିଲକ ବର୍ମାଙ୍କ ଦଳ ୬୬ ରନରେ ଘରୋଇ ଶ୍ରୀଲଙ୍କା-ଏ'କୁ ପରାସ୍ତ ଟାଇଟଲ୍ ହାସଲ କରିଛି। ମାତ୍ର ୨୯ ବଲରେ ୯୪ ରନର ବିସ୍ଫୋରକ ଓ ରେକର୍ଡ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ସୂର୍ଯ୍ୟବଂଶୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।




### ୧୧ ବଲ୍‌ରେ ଅର୍ଦ୍ଧଶତକ

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଭାରତ-ଏ ପାଇଁ ଓପନର୍ ସୂର୍ଯ୍ୟବଂଶୀ ଇନିଂସର ପ୍ରଥମ ବଲ୍‌କୁ ଚୌକା ମାରି ଆଭିମୁଖ୍ୟ ସ୍ପଷ୍ଟ କରିଦେଇଥିଲେ। ସିଂହଳୀ ବୋଲରଙ୍କୁ ନିର୍ଦ୍ଦୟ ପ୍ରହାର କରି ସେ ମାତ୍ର ୧୧ଟି ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଯେଉଁଥିରେ ୫ଟି ଲେଖାଏ ଚୌକା ଓ ଛକା ସାମିଲ ଥିଲା। ଫଳରେ ଲିଷ୍ଟ-ଏ କ୍ରିକେଟ୍‌ରେ ସୂର୍ଯ୍ୟବଂଶୀ ବିଶ୍ୱର ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ୨୦୦୫ରେ ଶ୍ରୀଲଙ୍କା କ୍ରିକେଟର୍ କୌଶଲ୍ୟ ୱିରରତ୍ନେ ୧୨ ବଲରେ ଅର୍ଦ୍ଧଶତକ ପୂରଣ କରି ୨୧ ବର୍ଷ ହେବ ଏହି ରେକର୍ଡର ଅଧିକାରୀ ରହିଥିଲେ। ଅର୍ଦ୍ଧଶତକ ପରେ ମଧ୍ୟ ବୈଭବଙ୍କ ବ୍ୟାଟ ଅଟକି ନ ଥିଲା। ୨୯ ବଲରେ ୯୪ ରନ କରି ଆଉଟ୍ ହେବା ସହ ସେ ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ଏହାପରେ ପରବର୍ତ୍ତୀ ବ୍ୟାଟରଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଭାରତ-ଏ ୫୦ ଓଭରରେ ୯ ୱିକେଟ ହରାଇ ୩୭୭ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ତିଲକ ବର୍ମା ୬୭, ଋତୁରାଜ ଗାଏକୱାଡ଼ ୪୦, ଅନୁକୂଳ ରୟ ଓ ପ୍ରିୟାଂଶ ଆର୍ଯ୍ୟ ୩୯ ରନ ଲେଖାଏ କରିଥିଲେ। ଜବାବରେ ଶ୍ରୀଲଙ୍କା-ଏ ୱନୁଜ ଶହନ (୬୨) ଓ ସାଦିରା ସମରବିକ୍ରମା (୫୨)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୪୭.୧ ଓଭରରେ ୩୧୧ ରନରେ ସୀମିତ ରହି ପରାଜୟବରଣ କରିଥିଲା। ବିଜୟୀ ଭାରତ-ଏ ପାଇଁ ଯଶ ଠାକୁର ଓ ବିପ୍ରରାଜ ନିଗମ ୩ଟି ଲେଖାଏ ଓ ଅନୁମୂଳଙ୍କୁ ୨ଟି ୱିକେଟ୍ ମିଳିଥିଲା।

ଇଂଲଣ୍ଡ ବିପକ୍ଷ ଦିନିକିଆ

## ଭାରତୀୟ ଦଳରେ ବୁମ୍‌ରା, କୋହଲି

ନୂଆଦିଲ୍ଲୀ,୨୧।୬(ଏଜେନ୍ସି): ଜୁଲାଇରେ ଇଂଲଣ୍ଡ ସହ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଭାରତୀୟ ସିନିଅର ଦଳ ଘୋଷଣା କରାଯାଇଛି। ଦୀର୍ଘ ୨ ବର୍ଷ ପରେ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଭାରତୀୟ ଦଳକୁ ଫେରିଛନ୍ତି। ତାଙ୍କ ସହ ଆହତ ବିରାଟ କୋହଲିଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। କିନ୍ତୁ ସେ ଫିଟ୍‌ନେସ ଟେଷ୍ଟରେ ପାସ୍ କଲେ ଦଳରେ ସ୍ଥାନ ପାଇବେ। ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରେ ଇନିଂସ ଓପନ କରିଥିବା ଯଶସ୍ୱୀ ଜୟସ୍ୱାଲଙ୍କ ଲାଗି ଏହି ଟିମ୍‌ରେ ସ୍ଥାନ ନାହିଁ। କିନ୍ତୁ ଏହି ସିରିଜ୍‌ରେ ଭଲ ବୋଲିଂ କରିଥିବା ଗୁରୁନୁର ବ୍ରାର୍‌ଙ୍କୁ ଦଳରେ ସ୍ଥାନ ମିଳିଛି। ସିରିଜ୍‌ର ମ୍ୟାଚ୍ ଗୁଡିକ ଜୁଲାଇ ୧୪, ୧୬ ଓ ୧୯ରେ ଖେଳାଯିବ। ଏହା ପୂର୍ବରୁ ଜୁଲାଇ ୧, ୪, ୭, ୯ ଓ ୧୧ରେ ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଜୁନ୍ ୨୬ ଓ ୨୮ରେ ଆୟର୍ଲାଣ୍ଡ ସହ ମଧ୍ୟ ଭାରତ ୨ଟି ଟି-୨୦ ମ୍ୟାଚ୍ ଖେଳିବ। ଶ୍ରେୟସ ଆୟର ଏହି ଦଳର ନେତୃତ୍ୱ ନେବେ।

**ଦିନିକିଆ ଦଳ** : ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ ଓ ଇଶାନ କିଶାନ (ୱିକେଟରକ୍ଷକ), ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ଯଶପ୍ରୀତ୍ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା, ଅର୍ଶଦୀପ ସିଂହ ଓ ଗୁରନୁର୍ ବ୍ରାର୍।

**ଟି-୨୦ ଦଳ** : ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିଶାନ (ଉଭୟ ୱିକେଟରକ୍ଷକ), ଶିବମ ଦୁବେ, ତିଳକ ବର୍ମା (ଉପଅଧିନାୟକ), ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାଦବ ଓ ବୈଭବ ସୂର୍ଯ୍ୟବଂଶୀ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS